

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୬ ଏପ୍ରିଲ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 16 APRIL 2024

Vol.No. 35 ■ No.102 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ସିଜେଆଇଙ୍କୁ ଚିଠି ଲେଖିଲେ ୨୧ ଅବସରପ୍ରାପ୍ତ ବିଚାରପତି



ନୂଆଦିଲ୍ଲୀ, ୧୫/୪ : ନ୍ୟାୟପାଳିକାକୁ ଦୁର୍ବଳ କରିବାକୁ ଚାଲିଛି ଉଦ୍ୟମ। ଏହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ଅବସରପ୍ରାପ୍ତ ବିଚାରପତି। ଏନେଇ ଭାରତର ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡଙ୍କୁ ଚିଠି ଲେଖିଛନ୍ତି ହାଇକୋର୍ଟ ଓ ସୁପ୍ରିମକୋର୍ଟର ୨୧ ଅବସରପ୍ରାପ୍ତ ବିଚାରପତି। ଏହି ଚିଠିରେ ଅବସରପ୍ରାପ୍ତ ବିଚାରପତିମାନେ ଅଭିଯୋଗ କରିଛନ୍ତି ଯେ ନ୍ୟାୟପାଳିକାକୁ ଦୁର୍ବଳ କରିବା ପାଇଁ କିଛି ଲୋକ ଉଦ୍ୟମ କରୁଛନ୍ତି। କେତେକ ଗୋଷ୍ଠୀ ସୁଚିନ୍ତିତ ଚାପ ସୃଷ୍ଟି କରିବା, ଭୁଲ ତଥ୍ୟ ପ୍ରଚାର କରିବା ତଥା ଜନସାଧାରଣଙ୍କ ଭିତରେ ଭୁଲ୍ ଧାରାଣା ସୃଷ୍ଟି କରିବା ଓ ନ୍ୟାୟପାଳିକାକୁ ଦୁର୍ବଳ କରିବାକୁ ଚେଷ୍ଟା କରୁଛନ୍ତି। ଏହାକୁ ନେଇ ଆମେ ମିଳିତ ଭାବରେ ଚିନ୍ତା ପ୍ରକଟ କରୁଛି ବୋଲି ଅବସରପ୍ରାପ୍ତ ବିଚାରପତିମାନେ କହିଛନ୍ତି। ରାଜନୈତିକ ସ୍ୱାର୍ଥ ଏବଂ ବ୍ୟକ୍ତିଗତ ଲାଭକୁ ଦୃଷ୍ଟିରେ ରଖି କିଛି ତତ୍ତ୍ୱ ଦ୍ୱାରା ଏପରି କରାଯାଉଛି ବୋଲି ଚିଠିରେ ଅବସରପ୍ରାପ୍ତ ବିଚାରପତିମାନେ ଉଲ୍ଲେଖ କରିଛନ୍ତି। ଆମର ନ୍ୟାୟିକ ବ୍ୟବସ୍ଥାରେ ଲୋକଙ୍କ ଆତ୍ମବିଶ୍ୱାସକୁ ଦୁର୍ବଳ କରିବାକୁ ଚେଷ୍ଟା କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ଏଭଳି ଚାପ ସୃଷ୍ଟି କରୁଥିବା ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ସିଜେଆଇଙ୍କୁ ଦାବି କରିଛନ୍ତି। ଏଥିସହ ଆଇନ ପ୍ରଣାଳିର ପବିତ୍ରତା ଯେପରି ସୁରକ୍ଷିତ ରହିବ ସେ ଦିଗରେ ପଦକ୍ଷେପ ନେବାକୁ ସେମାନେ ଅନୁରୋଧ କରିଛନ୍ତି। ଯେଉଁମାନେ ଏହି ଚିଠି ଲେଖିଛନ୍ତି ସେମାନଙ୍କ ମଧ୍ୟରେ ହାଇକୋର୍ଟର ୧୭ ଜଣ ପୂର୍ବତନ ବିଚାରପତି ଏବଂ ସୁପ୍ରିମକୋର୍ଟର ଚାରିଜଣ ପୂର୍ବତନ ବିଚାରପତି ଅଛନ୍ତି। ପ୍ରକାଶ ଥାଉକି, ଅବସରପ୍ରାପ୍ତ ବିଚାରପତିମାନେ ଏହି ଘଟଣାଗୁଡ଼ିକ ବିଷୟରେ ସବିଶେଷ ତଥ୍ୟ ଦେଇନାହାଁନ୍ତି। ତେବେ ଦୁର୍ନୀତି ମାମଲାରେ ବିରୋଧୀ ଦଳର ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଶାସକ ବିଜେପି ଏବଂ ବିରୋଧୀ ଦଳ ମଧ୍ୟରେ ତୁ ତୁ ମେଁ ମେଁ ଲାଗି ରହିଥିବା ବେଳେ ଏହି ଚିଠି ସାମ୍ନାକୁ ଆସିଛି।

## ସୁରଙ୍କୁ ପୁତ୍ରମୋହ ମହଙ୍ଗା ପଡ଼ିଲା: ଦଳରୁ ବହିଷ୍କାର କଲା କଂଗ୍ରେସ



ଭୁବନେଶ୍ୱର, ୧୫/୦୪ (ନି.ପ୍ର): ବିଧାୟକ ସୁରେଶ କୁମାର ରାଉତରାୟଙ୍କୁ ପୁତ୍ରମୋହ ମହଙ୍ଗା ପଡ଼ିଛି । ନିଜକୁ ସଚ୍ଚୋଟ କଂଗ୍ରେସ ବୋଲି ଦାବି କରି ବିଜେଡିର ସାଂସଦ ପ୍ରାର୍ଥୀ ସାନପୁଅ ମନ୍ମଥ ରାଉତରାୟଙ୍କ ପାଇଁ ପ୍ରଚାର କରିବାକୁ କଂଗ୍ରେସ ଗୁରୁତ୍ୱର ସହ ନେଇଛି । ତାଙ୍କୁ ଦଳବିରୋଧୀ କାର୍ଯ୍ୟ ପାଇଁ ତତ୍କାଳ ପ୍ରଭାବରୁ ଦଳରୁ ବହିଷ୍କାର କରିଛି । ସୁରଙ୍କ ଦୋମୁହାଁ ଚରିତ୍ର ପଦାରେ ପଡ଼ିବା ସହ ତାଙ୍କର ରାଜନୀତିକ କ୍ୟାରିୟର ଶେଷାର୍ଦ୍ଧରେ କଂଗ୍ରେସରୁ ଏଭଳି ଅପମାନିତ ହେବାକୁ ପଡ଼ିଛି । ଏଆଇସିସି ସାଧାରଣ ସମ୍ପାଦକ କେସି ବେଣୁଗୋପାଳଙ୍କ ଦ୍ୱାରା ଜାରି ୩ଧାଡ଼ିଆ ପ୍ରେସ୍ ରିଲିଜରେ, ସୁରେଶ କୁମାର ରାଉତରାୟଙ୍କୁ ବିଶୃଙ୍ଖଳିତ ଓ ଦଳବିରୋଧୀ କାର୍ଯ୍ୟ ପାଇଁ ତତ୍କାଳ ପ୍ରଭାବରୁ ୬ବର୍ଷ ନିମନ୍ତେ ବହିଷ୍କାର କରାଯାଇଛି । ଏହା ସୁରଙ୍କ ପାଇଁ ଶକ୍ତଧକ୍କା ହୋଇଛି । କଂଗ୍ରେସରେ ରହି ନିଜ ପୁଅ ବିଜେଡି ପ୍ରାର୍ଥୀ ମନ୍ମଥଙ୍କ ସପକ୍ଷରେ ଭୋଟ ସଂଗ୍ରହ କରିବାର ଫର୍ମୂଲା ମଧ୍ୟ ସୁରଙ୍କ ଫେଲ ମାରିଛି । ଏପଟେ କଂଗ୍ରେସ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ନିଜର ▶▶ପୃଷ୍ଠା ୭

## ୧୮ ସହରର ତାପମାତ୍ରା ୪୦ ଡିଗ୍ରୀ ବା ତା'ଠୁ ଅଧିକ ରେକର୍ଡ



ଭୁବନେଶ୍ୱର, ୧୫/୦୪ (ନି.ପ୍ର): ରାଜ୍ୟର ୧୮ଟି ସହରର ଦିନର ସର୍ବୋଚ୍ଚ ତାପମାତ୍ରା ଆଜି ୪୦ ଡିଗ୍ରୀ ସେଲ୍‌ସିୟସ ବା ତା' ଉପରେ ରେକର୍ଡ କରାଯାଇଛି । ବାରିପଦାରେ ଆଜି ସବୁଠୁ ଅଧିକ ଖରା ହୋଇଛି। ଏଠାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୧.୪ ଡିଗ୍ରୀ ରହିଛି। ଏହା ତଳକୁ ରହିଛି ଭୁବନେଶ୍ୱର,ଚାନ୍ଦବାଲି ଓ ନୂଆପଡ଼ା। ଏହି ତିନୋଟି ସହରର ତାପମାତ୍ରା ୪୧.୨ ଡିଗ୍ରୀ ରହିଥିଲା। ପାଣିପାଗ ବିଭାଗ ପକ୍ଷରୁ ଏନେଇ ସୂଚନା ଦିଆଯାଇଥିବା ବେଳେ ଆଗାମୀ ୪ ଦିନ ମଧ୍ୟରେ ଦିନ ତାପମାତ୍ରାରେ ଆହୁରି ୨ରୁ ୪ ଡିଗ୍ରୀ ବଢ଼ିବା ସମ୍ଭାବନା ଥିବା କୁହାଯାଇଛି। ମାଲକାନଗିରିରେ ▶▶ପୃଷ୍ଠା ୭

## ୧୧ଟାରୁ ୩ଟା ଶ୍ରମିକଙ୍କୁ କାମ କରାଇବା ମନା

ଭୁବନେଶ୍ୱର, ୧୫/୦୪ (ନି.ପ୍ର): ପ୍ରବଳ ଖରା ଅର୍ଥାତ୍ ସକାଳ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ ଶ୍ରମିକଙ୍କୁ କାମ କରାଇବା ମନା। ଏହାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ଆଜି ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆରସି) ସତ୍ୟବ୍ରତ ସାହୁ ସମସ୍ତ ଜିଲ୍ଲାପାଳଙ୍କ ନିକଟକୁ ଚିଠି ଲେଖିଛନ୍ତି। ଏହି ଚିଠିରେ ଏସ୍‌ଆରସି ଲେଖିଛନ୍ତି ଯେ ପୂର୍ବରୁ ବାରଣ କରାଯାଇଥିବା ▶▶ପୃଷ୍ଠା ୭

## ବିଜେପିରେ ମିଶିଲେ ପ୍ରଭାସ ସିଂହ ଓ ଜ୍ୟୋତି ପାଣିଗ୍ରାହୀ



ଭୁବନେଶ୍ୱର, ୧୫/୪ (ନି.ପ୍ର): ସପ୍ତାହେ ତଳେ ବିଜେଡିରୁ ଇସ୍ତଫା ଦେଇଥିବା ବରଗଡ଼ର ପୂର୍ବତନ ସାଂସଦ ପ୍ରଭାସ କୁମାର ସିଂହ ଆଜି ବିଜେପିରେ ଯୋଗ ଦେଇଛନ୍ତି। ଦିଲ୍ଲୀ ସ୍ଥିତ ବିଜେପି କାର୍ଯ୍ୟାଳୟରେ ଆୟୋଜିତ ମିଶ୍ରଣ କାର୍ଯ୍ୟକ୍ରମରେ ସେ ଦଳରେ ସାମିଲ ହୋଇଥିଲେ। ବିଜେପିରେ ଯୋଗ ଦେବା ପରେ ପ୍ରଭାସ ସିଂହ କହିଥିଲେ, ବିଜେଡିରେ ଆଉ ଆତ୍ମସମ୍ମାନ ନାହିଁ। ତେଣୁ ବିଜେଡି ଛାଡ଼ିଲି। ଓଡ଼ିଶାକୁ ବିକାଶ ପଥରେ ଆଗେଇ ନେବାକୁ ଡବଲ ଇଞ୍ଜିନ ସରକାର ଆବଶ୍ୟକ। ସେଠାରେ ବିଜେପି ଶାସନ ଗାଦିକୁ ଆସିବା ଦରକାର। ଓଡ଼ିଶାରେ ପରିବର୍ତ୍ତନ ପବନ ବହିଲାଣି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେତେ ସବୁ ଯୋଜନା କରିଛନ୍ତି, ସେଥିରୁ କିଛି ଏବେବି ସେଠାରେ ଲାଗୁ ହେବାକୁ ବାକି ଅଛି। ୨୦୧୪ରେ ବିଜେଡି ଟିକେଟରେ ବରଗଡ଼ ଆସନରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ ପ୍ରଭାସ ସିଂହ। ୨୦୧୯ରେ ମଧ୍ୟ ସେ ଟିକେଟ ଆଶାୟୀ ଥିଲେ। କିନ୍ତୁ ଦଳ ତାଙ୍କ ବଦଳରେ ପ୍ରସନ୍ନ ଆଚାର୍ଯ୍ୟଙ୍କ ଉପରେ ଭରସା କରିଥିଲା। ତେବେ ପ୍ରସନ୍ନ ପରାସ୍ତ ହୋଇଥିଲେ।

## ବାଙ୍କୀରେ ବୋମାମାଡ଼: ୬ ଗୁରୁତର

କଟକ, ୧୫/୪ (ନି.ପ୍ର): କଟକ ଜିଲ୍ଲା ବାଙ୍କୀ ଥାନା ଭେଡ଼ା ରାମଚନ୍ଦ୍ରପୁର ଗାଁରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବୋମାମାଡ଼ ହୋଇଛି। ବୋମାମାଡ଼ରେ ୬ଜଣ ଆହତ ହୋଇଥିବା ବେଳେ, ୨ଜଣ ଗୁରୁତର ଅଛନ୍ତି। ଆହାତ ମାନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ତାଙ୍କର ଚିକିତ୍ସା ଚାଲିଛି। ନିର୍ବାଚନ ପୂର୍ବରୁ ବାଙ୍କିରେ ବୋମା ମାଡ଼। ଦୁଇ ସାହି ମଧ୍ୟରେ ଅନେକ ଦିନ ଧରି ଗୋଷ୍ଠୀ ସଂଘର୍ଷ ଲାଗି ରହିଥିଲା। ଏ ସଂଘର୍ଷ ଏତେ ଭୟଙ୍କର ହୋଇଥିଲା ଯେ ଆଜି ସନ୍ଧ୍ୟାରେ ବୋମାଡ଼ କରିଥିଲେ ଦୁର୍ବୃତ୍ତ ମାନେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବୋମାଡ଼ ହୋଇଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୁର୍ବୃତ୍ତ ମାନେ ବୋମାଡ଼ କରି ଘଟଣା ସ୍ଥଳରୁ ଫେରାର ଅଛନ୍ତି।

## ଆଜି ରୁକୁଣା ରଥଯାତ୍ରା

ଭୁବନେଶ୍ୱର, ୧୫/୪ (ନି.ପ୍ର): ଆସନ୍ତାକାଲି (ମଙ୍ଗଳବାର) ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କର ପ୍ରସିଦ୍ଧ ଅଶୋକାଷ୍ଟମୀ ତଥା ରୁକୁଣା ରଥଯାତ୍ରା ଅନୁଷ୍ଠିତ ହେବ। ରଥଯାତ୍ରାର ନୀତିକାନ୍ତି ସକାଳ ୫ ଟାରୁ ଆରମ୍ଭ ହେବ। ଲିଙ୍ଗରାଜଙ୍କ ନୀତିକାନ୍ତି ଶେଷ ପରେ ଅପରାହ୍ନ ୩:୩୦ରେ ରଥ ଟଣା ଆରମ୍ଭ ହେବ। ରଥଯାତ୍ରାକୁ ସୁରୁଖୁରୁରେ କରିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ସୋମବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏନେଇ ସ୍ୱତନ୍ତ୍ର କଂଟ୍ରୋଲ ରୁମ ସ୍ଥାପନ କରାଯାଇଛି।

ଟ୍ରାଫିକ୍ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ପାଇଁ ରଥ ରୋଡ଼ରେ ଗାଡି ଯିବା ଆସିବା ଉପରେ ରୋକ୍ ଲଗାଯାଇଛି।

ମାଉସୀମା ଛକରୁ ଗାଡି ଡାଇଭର୍ଟ କରାଯିବାର ବ୍ୟବସ୍ଥା କରାଯାଇଛି। ରଥଯାତ୍ରାକୁ ଶୃଙ୍ଖଳିତ ଭାବେ କରିବା ପାଇଁ ୧୨ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ଦୁଇ ଜଣ ଅତିରିକ୍ତ ଡିସିପି, ୬ ଜଣ ଏସିପି, ୧୫ ଜଣ ଇନ୍‌ସପେକ୍ଟର ୫୦ ରୁ ଊର୍ଦ୍ଧ୍ୱ ସବ ଇନ୍‌ସପେକ୍ଟର ଓ ଏଏସଆଇ ଏବଂ ଟ୍ରାଫିକ ଅଧିକାରୀଙ୍କ ସହ ୧୦୦ରୁ ଊର୍ଦ୍ଧ୍ୱ କନେଷ୍ଟବଲ ଓ ହାବିଲଦାର ତଥା ହୋମଗାର୍ଡ ସୁରକ୍ଷା ଦାୟିତ୍ୱ ପ୍ରଦାନ କରାଯାଇଛି। ପାର୍କିଙ୍ଗ୍ ପାଇଁ ସ୍ୱତନ୍ତ୍ର ସ୍ଥାନର ବ୍ୟବସ୍ଥା କରାଯାଇଛି ।

## ବାରବାଟୀ ଛକରେ ଓଭର ବ୍ରିଜ୍‌ରୁ ତଳକୁ ଖସିଲା ବସ୍: ୩ ମୃତ



ଯାଜପୁର , ୧୫/୪ (ନି.ପ୍ର): ଯାଜପୁରରେ ବଡ଼ଧରଣର ବସ୍ ଦୁର୍ଘଟଣା। ଏନ୍‌ଏଚ୍-୧୬ର ବାରବାଟୀ ଛକ ନିକଟରେ ଓଭରବ୍ରିଜ୍‌ରୁ ତଳକୁ ଖସି ପଡ଼ିଛି ଗୋଟିଏ ଯାତ୍ରୀବାହୀ ବସ୍। ବସ୍‌ଟି ପୁରୀରୁ ଆଜି ଦିନ ୪ଟାରୁ ବାହାରିଥିଲା। ଏହା ପଶ୍ଚିମବଙ୍ଗର ହଳଦିଆ ଯିବାର ଥିଲା। କିନ୍ତୁ ଅଧା ବାଟରେ ଏପରି ଦୁର୍ଘଟଣା ଘଟିଛି। ଏଥିରେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪୦ ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କ ଅବସ୍ଥା ଗୁରୁତର ଓ ୫ ଜଣଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଛି। ୫ ଗୁରୁତରଙ୍କୁ କଟକଟ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପ୍ରାଥମିକ ଅବସ୍ଥାରେ ଆହତ ଯାତ୍ରୀମାନଙ୍କୁ ଧର୍ମଶାଳା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ▶▶ପୃଷ୍ଠା ୭

## ଆଇଏମଡିର 'ମୌସୁମୀ' ଆକଳନ: ଏଥର ସ୍ୱାଭାବିକ ଠାରୁ ଅଧିକ ବର୍ଷା

ନୂଆଦିଲ୍ଲୀ, ୧୫/୪ : ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁକୁ ନେଇ ଏବେ ଠାରୁ ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ ବା ଆଇଏମଡି। ସବୁଥର ମୌସୁମୀ ସ୍ୱାଭାବିକ ରହିବ ବୋଲି କହୁଥିବା ଆଇଏମଡି ଏଥର କିଛି ଭିନ୍ନ ଆକଳନ କରିଛି। ଆଇଏମଡିର କହିବା କଥା ଯେ ଚଳିତ ବର୍ଷ ମୌସୁମୀ ବାୟୁ ଯୋଗୁ ଦେଶରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବ। ଦେଶରେ ୧୦୬% ବର୍ଷା ହୋଇପାରେ। ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ମୌସୁମୀ ପ୍ରଭାବରେ ୯୬%ରୁ ୧୦୪% ମଧ୍ୟରେ ବର୍ଷା ହେଲେ ଏହାକୁ ସ୍ୱାଭାବିକ ବୋଲି ଧରା ଯାଏ। ୯୬%ରୁ +/- ୫ ବର୍ଷାକୁ ମଧ୍ୟ ସ୍ୱାଭାବିକ ବର୍ଷା କୁହାଯାଇଥାଏ। କିନ୍ତୁ ଏଥର ୧୦୬% ବର୍ଷା ହେବ ବୋଲି ଆଇଏମଡି କହିଛି। ତେବେ ମୌସୁମୀ କେବେ ପ୍ରବେଶ କରିବ ଓ କେଉଁ ଅଞ୍ଚଳରେ କେତେ ବର୍ଷା ହେବ, ସେକଥା ଆଇଏମଡି ଏବେ କହି ନାହିଁ। ଆସନ୍ତା ମାସ ପ୍ରଥମ ସପ୍ତାହରେ ଆଇଏମଡି ପକ୍ଷରୁ ବିସ୍ତୃତ ସୂଚନା ଦିଆଯିବ ବୋଲି ଜଣାପଡ଼ିଛି। ଆଇପିଏଡି କହିଛି ଯେ ଏଥର ମୌସୁମୀ ଉପରେ ଲା ନିନାର ପ୍ରଭାବ ଅଧିକ ରହିବ। ଏହାର ଅର୍ଥ ଭଲ ବର୍ଷା ହେବେ। ବିଶେଷ କରି ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ଅଧିକ ▶▶ପୃଷ୍ଠା ୭

## ଗୋଟିଏ ଦିନରେ କେଜ୍ରିୱାଲଙ୍କୁ ଦ୍ୱିତୀୟ ଝଟକା: ୨୩ ଯାଏ ନ୍ୟାୟିକ ହେପାଜତକୁ ଗଲେ



ନୂଆଦିଲ୍ଲୀ, ୧୫/୪ : ସୁପ୍ରିମକୋର୍ଟଙ୍କ ପରେ ଦିଲ୍ଲୀର ରାଉଜ ଆଭିନ୍ୟୁ କୋର୍ଟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଝଟକା ଲାଗିଛି। ସୁପ୍ରିମକୋର୍ଟ କେଜ୍ରିୱାଲଙ୍କ ଗିରଫଦାରୀ ବିରୋଧୀ ଆବେଦନର ତ୍ୱରିତ ଶୁଣାଣିକୁ ମନା କରି ଦେଇଥିଲେ। ଏପ୍ରିଲ ୨୯ରେ ତାଙ୍କ ଆବେଦନର ଶୁଣାଣି ହେବ। ଏହାପରେ ରାଉଜ ଆଭିନ୍ୟୁ କୋର୍ଟ ତାଙ୍କ ନ୍ୟାୟିକ ହେପାଜତର ଅବଧିକୁ ଏପ୍ରିଲ ୨୩ ଯାଏ ବୃଦ୍ଧି କରିଛନ୍ତି। ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ମାର୍ଚ୍ଚ ୨୧ରେ ଗିରଫ ହୋଇ ଏପ୍ରିଲ ୧ରୁ ତିହାର ଜେଲରେ ଥିବା କେଜ୍ରିୱାଲ ଏବେ ସେହି ଠାରେ ହିଁ ରହିବେ। ଆଜି ତାଙ୍କ ନ୍ୟାୟିକ ହେପାଜତର ଅବଧି ଶେଷ ହେଉଥିବାରୁ ଇଡି ତାଙ୍କୁ ଭିଡିଓ କନଫରେନ୍ସିଂ ଜରିଆରେ କୋର୍ଟରେ ହାଜର କରିଥିଲା। ଏହାପରେ କୋର୍ଟ ତାଙ୍କ ଜେଲ ରହଣୀ ଅବଧିକୁ ଏପ୍ରିଲ ୨୩ ଯାଏ ବୃଦ୍ଧି କରିଥିଲେ। ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାର ଅନ୍ୟତମ ଅଭିଯୁକ୍ତ କେ କବିତାଙ୍କ ନ୍ୟାୟିକ ହେପାଜତ ଅବଧି ମଧ୍ୟ ୨୩ରେ ଶେଷ ହେଉଛି। ତେଣୁ ସେହି ଦିନ କେଜ୍ରିୱାଲ ଓ କବିତାଙ୍କୁ ଇଡି ଏକାଠି କୋର୍ଟରେ ପୁଣି ହାଜର କରିବ। ଅନ୍ୟପକ୍ଷରେ ଗିରଫଦାରୀ ଓ ରିମାଣ୍ଡକୁ ଚ୍ୟାଲେଞ୍ଜ କରି କେଜ୍ରିୱାଲ ସୁପ୍ରିମକୋର୍ଟ ଯାଇଥିଲେ। ସର୍ବୋଚ୍ଚ ଅଦାଲତନ ଏପ୍ରିଲ ୨୯ ଯାଏ ଶୁଣାଣିକୁ ଘୁଞ୍ଚାଇ ଦେଇଛନ୍ତି। କିନ୍ତୁ କେଜ୍ରିୱାଲଙ୍କ ଆବେଦନ ଉପରେ ଜବାବ ରଖିବାକୁ କୋର୍ଟ ଇଡିକୁ ନୋଟିସ କରିଛନ୍ତି। ଗିରଫ ହେବାର ଦିନକ ପରେ ଟ୍ରାଏଲ କୋର୍ଟ କେଜ୍ରିୱାଲଙ୍କୁ ଦୁଇଟି ପର୍ଯ୍ୟାୟରେ ୧୦ ଦିନ ପାଇଁ ଇଡି ରିମାଣ୍ଡରେ ▶▶ପୃଷ୍ଠା ୭

## ପ୍ରଚାର ବେଳେ ଯାଞ୍ଚ ହେଲା ରାହୁଲ ଗାନ୍ଧିଙ୍କ ହେଲିକପ୍ଟର



ନୂଆଦିଲ୍ଲୀ, ୧୫/୪ : ପାଖେଇ ଆସିଲାଣି ଲୋକସଭା ନିର୍ବାଚନ। ନିଜ ନିଜ ଷ୍ଟାଇଲ୍‌ରେ ପ୍ରଚାରରେ ଲାଗି ପଡିଛନ୍ତି ସମସ୍ତ ଦଳର ନେତା। ଏହି କ୍ରମରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ମଧ୍ୟ ଜୋରସୋ?ରେ ପ୍ରଚାର କରୁଛନ୍ତି। ତେବେ ସୋମାବାର ହଠାତ୍ ପ୍ରଚାର ବେଳେ ତାଙ୍କ ହେଲିକପ୍ଟର ଯାଞ୍ଚ ହୋଇଛି। ଲ୍ୟାଣ୍ଡ କରିବା ପରେ ଫ୍ଲାଇଂ ସ୍କ୍ୱାଡ ଅଧିକାରୀମାନେ ତାଙ୍କ ହେଲିକପ୍ଟରର ତଲାସୀ ନେଇଛନ୍ତି। ରାହୁଲ ଗାନ୍ଧି ସୋମବାର ତାଙ୍କ ସଂସଦୀୟ କ୍ଷେତ୍ର କେରଳର ୱାୟନାଡ ଅଭିମୁଖେ ଯାଉଥିଲେ, ଯେଉଁଠାରେ ତାଙ୍କର ସାଧାରଣ ସଭା ସମେତ ଅନେକ କାର୍ଯ୍ୟକଳାପ ରହିଛି। ତେବେ ହେଲିକପ୍ଟର ଏଠାରେ ଅବତରଣ କରିବା ତାମିଲନାଡୁର ନିଲଗୀରି ନିର୍ବାଚନ ଅଧିକାରୀମାନେ ତାଙ୍କ ହେଲିକପ୍ଟର ଯାଞ୍ଚ କରିଛନ୍ତି। ଫ୍ଲାଇଂ ସ୍କ୍ୱାଡ ଅଧିକାରୀମାନେ ▶▶ପୃଷ୍ଠା ୭

# ସମ୍ବିଧାନ ପ୍ରଣେତା ଡ. ଆମ୍ବେଦକରଙ୍କ ୧୩୩ତମ ଜୟନ୍ତୀ ସମାରୋହ

ବାଲେଶ୍ୱର, ୧୫/୪ (ନି.ପ୍ର): ବାଲେଶ୍ୱର ସହରସ୍ଥିତ ପୋଲିସ୍ ଲାଇନ୍ ଛକ ପାର୍ଶ୍ୱରେ ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ. ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ପ୍ରାଙ୍ଗଣରେ 'ଆମ୍ବେଦକର ବିକାଶ ପରିଷଦ' ପକ୍ଷରୁ ତାଙ୍କର ୧୩୩ ତମ ପୂଣ୍ୟ ଜୟନ୍ତୀ ସମାରୋହ ଆଜି ପୂର୍ବାହ୍ନ ୮ ଘଟିକା ସମୟରେ ଅତ୍ୟନ୍ତ ଭାବଗମ୍ଭୀର ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି। ସକାଳେ ସହର ତଥା ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ, ବିଭିନ୍ନ ଗଣସଂଗଠନ ତଥା ରାଜନୈତିକ ଦଳର ନେତୃବୃନ୍ଦ ବହୁସଂଖ୍ୟାରେ ଉପସ୍ଥିତ ହୋଇ ଦେଶର ଏହି ମହାନ୍ କ୍ରାନ୍ତିଦ୍ରଷ୍ଟା ରାଷ୍ଟ୍ରନୀତିଜ୍ଞଙ୍କ ପ୍ରତିମୂର୍ତ୍ତିରେ ସମୂହ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେଠାରେ 'ଆମ୍ବେଦକର କଲ୍ୟାଣ ପରିଷଦ'ର ସଭାପତି ସୁଦର୍ଶନ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ବହୁ ବିଶିଷ୍ଟ ବକ୍ତା ଉଦ୍‌ବୋଧନ ଦେଇ ମତବ୍ୟକ୍ତ କରିଥିଲେ କି - ଶହଶହ ବର୍ଷର ଅନ୍ଧବିଶ୍ୱାସ, କୁସଂସ୍କାର, ଜାତିଭେଦ ଆଦି ଘୃଣ୍ୟପ୍ରଥାର ବିଲୋପ ସାଂଗକୁ ସାମ୍ରାଜ୍ୟବାଦର ଗୋଲାମୀ, ସାମନ୍ତବାଦୀ, ପୁଞ୍ଜିବାଦୀ ବ୍ୟବସ୍ଥାର ଅବସାନ ଘଟାଇ - ଏ ଦେଶକୁ ଏକ ପ୍ରଗତିଶୀଳ ସମାଜବାଦୀ, ଧର୍ମନିରପେକ୍ଷ, ସର୍ବଧର୍ମ ସମଭାବ, ସମତାଯୁକ୍ତ, ଶୋଷଣମୁକ୍ତ ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଣତ କରିବା ଲାଗି ଡ. ଆମ୍ବେଦକର ସମ୍ବିଧାନ ସଭାର ଅଧ୍ୟକ୍ଷଭାବେ ନିଜର କର୍ତ୍ତବ୍ୟ ସଂପାଦନ କରି ଯେଉଁ ଐତିହାସିକ ଦାୟିତ୍ୱ ନିର୍ବାହ କରିଛନ୍ତି - ତାହାକୁ ଏ ଦେଶର କୋଟିକୋଟି ଜନଗଣ ଚିରକୃତଜ୍ଞତାର ସହ ସ୍ମରଣ କରୁଥିବେ କାଳକାଳଲାଗି। ସଂପ୍ରତି ଆମ ଦେଶର ଗଣତନ୍ତ୍ର ଓ ସମ୍ବିଧାନ ପ୍ରତି ଦେଖାଯାଇଥିବା ସଂକଟ ସାମନା କରି କଷ୍ଟଲବ୍ଧ ସ୍ୱାଧୀନତା - ଜାତୀୟତା ଓ ଗଣତନ୍ତ୍ରର ସୁରକ୍ଷା ଲାଗି ଆମ୍ଭେମାନେ ଆଗେଇଆସିବା ଉଚିତ। ଆଜିର ଦିନରେ ଆମ୍ଭେ ସଭିଏଁ ସଂକଳ୍ପ କରିବା - ଆମ ସମ୍ବିଧାନ ସୁରକ୍ଷିତ ହେଲେ ଏ ଦେଶର ଗୀତା, ବାଇବେଲ, କୋରାନ୍, ତ୍ରିପିଟକ ଓ ଗ୍ରନ୍ଥସାହେବ ସୁରକ୍ଷିତ ରହିବ। ଅର୍ଥାତ୍ ସମାଜର ସବୁବର୍ଗ ଓ ସବୁ ମତ ଓ ସବୁ ପନ୍ଥର ଲୋକେ ସୁରକ୍ଷିତ ରହିବେ।

ସଭାରେ ବିଶିଷ୍ଟ ବକ୍ତାଭାବେ ପ୍ରାଧ୍ୟାପକ ଡ. ରମାକାନ୍ତ ବେହେରା, କବି ଓ ପ୍ରକାଶକ କାଳୀପଦ ପଣ୍ଡା, ବାମପନ୍ଥୀ ନେତା ଶିଶିର ହୁଇ, ଗୌରାଙ୍ଗ ପାଣିଗ୍ରାହୀ, ଭିଟାମାଟି ସୁରକ୍ଷା ଆନ୍ଦୋଳନର ନେତା ଅରୁଣ ଜେନା, ଆଇନଜୀବୀ ନିରଞ୍ଜନ ପରିଡ଼ା, ସମାଜସେବୀ ଶୁଭଙ୍କର ମହାପାତ୍ର, ମୃତ୍ୟୁଞ୍ଜୟ ଜେନା, ସୀତାରାମ ଦାସ, ସୀତାରାମ ପ୍ରଧାନ, ପରିଷଦର ଉପଦେଷ୍ଟା ରଘୁନାଥ ମହାଳିକ, ବସନ୍ତ ବେହେରା, ନାରୀନେତ୍ରୀ ଉର୍ମିଳା ମାଝୀ, ସ୍ନେହଲତା ଦାସ, ଦାମୋଦର ନାୟକ, ଇଂ. ହୃଷିକେଶ ସାହୁ, ଶରତ ଚନ୍ଦ୍ର ମହାପାତ୍ର, ସଚ୍ଚିଦାନନ୍ଦ ଦାସ ପ୍ରମୁଖ ଡ. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ସମବେତ ଜନଗଣଙ୍କୁ ଉଦ୍‌ବୋଧନ ଦେଇ ସମାଜବାଦ, ସମାଜ ସଂସ୍କାର, ରାଷ୍ଟ୍ରନିର୍ମାଣ ଓ ସାମାଜିକ ନ୍ୟାୟ ପ୍ରତିଷ୍ଠାର ଏହି କ୍ରାନ୍ତିଦ୍ରଷ୍ଟା ଜନନାୟକଙ୍କ ବିଚାର-ଦର୍ଶନ ଓ ଆଦର୍ଶକୁ ପାଥେୟ କରି ଆମେ ଦେଶର ନାଗରିକଗଣ ସମାଜ ଓ ରାଷ୍ଟ୍ର ପ୍ରତି ନିଜର କର୍ତ୍ତବ୍ୟ ସଂପାଦନ କରିବାକୁ ଆହ୍ୱାନ ଦେଇଥିଲେ। ଏହା ପୂର୍ବରୁ ବାଲେଶ୍ୱର ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ଏଡିଏମ୍ ସୁଧାକର ନାୟକ, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ନାୟକ, ସହକାରୀ ଜିଲ୍ଲାପାଳ ଶୁଭଶ୍ରୀ ମିଶ୍ର ଓ ଜିଲ୍ଲା ସୂଚନା ଅଧିକାରୀ ପ୍ରମୁଖ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ତାଙ୍କର ବିଚାର ଓ ଦର୍ଶନ ଉପରେ ଆଲୋକପାତ କରିଥିଲେ।

# ଟାଉନ୍‌ହଲ୍ ରୋଡ୍ ଶ୍ରୀ ମହାବୀର ମନ୍ଦିରରେ ହନୁମାନ ଜୟନ୍ତୀ ଓ ବାର୍ଷିକୋତ୍ସବ ପାଳନ



ବାଲେଶ୍ୱର, ତା୧୪-୦୪: ପ୍ରତିବର୍ଷ ଭଳି ଚଳିତବର୍ଷ ଏପ୍ରିଲ୍ ୧୩ ତାରିଖ ଶନିବାର ବିପୁଳ ଉତ୍ସାହ ଓ ଉଦ୍ଦୀପନାର ସହିତ ବାଲେଶ୍ୱର ସହରର ଟାଉନହଲ୍ ରୋଡ୍‌ରେ ଥିବା ଶ୍ରୀ ମହାବୀର ହନୁମାନ ମନ୍ଦିରରେ ହନୁମାନ ଜୟନ୍ତୀ ଓ ମନ୍ଦିରର ବାର୍ଷିକୋତ୍ସବ ମନ୍ଦିରର ପୁରୋହିତ ପଣ୍ଡିତ କୃତ୍ତିବାସ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଦିବସବ୍ୟାପୀ ଆୟୋଜିତ ଉତ୍ସବରେ ଷୋଡ଼ଶୋପଚାର ପୂଜା ସହ ହୋମଯଜ୍ଞ, ପୂର୍ଣ୍ଣାହୁତି ଓ ପୂର୍ଣ୍ଣାଳତି ଆଦି ଭକ୍ତି ଓ ପବିତ୍ରତାର ସହ ପାଳିତ ହୋଇଥିଲା। ଲଡ୍ଡୁଭୋଗ ଓ ପ୍ରସାଦସେବନ ସହ ଭକ୍ତମାନେ ଭଗବାନ ହନୁମାନଙ୍କ କୃପାଲାଭ କରିଥିଲେ। ସାଧାରଣ ଭକ୍ତମାନଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଆନନ୍ଦ ଲାଭକରି କାର୍ଯ୍ୟକ୍ରମର ଉଚ୍ଚପ୍ରଶଂସା କରିଥିଲେ ଏବଂ ମନ୍ଦିର କମିଟି ତରଫରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମନ୍ଦିରର କର୍ମକର୍ତ୍ତା, ସଦସ୍ୟ ଓ ଶୁଭେଚ୍ଛୁମାନଙ୍କ ସହଯୋଗରେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ପରିଚାଳିତ ହୋଇ ସର୍ବସଫଳତା ଲାଭ କରିଥିଲା। ମନ୍ଦିରର ଚତୁର୍ଦ୍ଦିଗ 'ଜୟ ଶ୍ରୀରାମ' ଧ୍ୱନିରେ ପ୍ରକମ୍ପିତ ହୋଇଥିଲା। ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ସ୍ୱରୂପ କୁମାର ଦାସ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଅନୁଦାନ ପାଣ୍ଠିରୁ ଏହି ମନ୍ଦିରର ଉନ୍ନତିକଳ୍ପେ ଦୁଇଲକ୍ଷ ଟଙ୍କା ମଞ୍ଜୁର କରିଥିବାରୁ ତାଙ୍କୁ ମନ୍ଦିର କମିଟି ତରଫରୁ ୨୬ ନମ୍ବର ୱାର୍ଡ଼ କାଉନ୍‌ସିଲର୍ ଶିବୁ ଭାଇଙ୍କ ଉପସ୍ଥିତିରେ ଦର୍ଶନ କରିବାକୁ ଆସିଥିବା ସମୟରେ ହାର୍ଦ୍ଦିକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମନ୍ଦିରର ବରିଷ୍ଠ ସଦସ୍ୟ ଲକ୍ଷ୍ମଣ କୁମାର ବାରିକ, ପ୍ରଶାନ୍ତ କୁମାର ଦାସ, ବସନ୍ତ କୁମାର ଦାସ, ରାଜେନ୍ଦ୍ର ବେହେରା, ଗୌତମ କୁମାର ଦେ, ରଞ୍ଜିତ ନନ୍ଦୀ, ସିଦ୍ଧାର୍ଥ ପ୍ରଧାନ, ଶାନ୍ତନୁ କୁମାର ଲେଙ୍କା, ବିକ୍ରମ କେଶରୀ ମହାପାତ୍ର ଓ ମନ୍ଦିର କମିଟିର ଆବାହକ ଶ୍ରୀ ଗୌରସାଧନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ ଓ ଏହି ଧାର୍ମିକ କାର୍ଯ୍ୟକ୍ରମର ସର୍ବସଫଳତା ପାଇଁ ଶ୍ରୀ ମିଶ୍ର ସଂପୃକ୍ତ ସମସ୍ତଙ୍କୁ ବିଶେଷତଃ ଯୁବସଦସ୍ୟମାନଙ୍କୁ ତାଙ୍କର ସାହାଯ୍ୟ ଓ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଉଦଳାରେ ଓଡ଼ିଆ ନବବର୍ଷ ପାଳିତ

ଉଦଳା, ୧୫/୪ (ନି.ପ୍ର): ବୈଶାଖ ମଙ୍କସର ପ୍ରଥମ ଦିନଟି ଓଡ଼ିଆ ମାସର ଗଣନା ଅନୁସାରେ ନବବର୍ଷ ଅଟେ। ଏହା ପ୍ରତି ବର୍ଷ ଇଂରାଜୀ ମଙ୍କସର ଏପ୍ରିଲ ୧୪ ତାରିଖରେ ପଡ଼ିଥାଏ। ସେହିପରି ଆଜି ରବିବାର ଓଡ଼ିଆ ନବବର୍ଷ ପାଳନ ଅବସରରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ପ୍ରଭାତରେ ସହର ମଧ୍ୟରେ ଥିବା ବିଭିନ୍ନ ମନ୍ଦିର ମାନଙ୍କୁ ଯାଇ ପୂଜାର୍ଚ୍ଚନା କରିଥିଲେ। ଏହାପରେ ସେ ଓଡ଼ିଆ ମାସର ଗଣନା ସର୍ବ ପୁରାତନ ଅଟେ। ଏପରିକି ଟେଲିସ୍କୋପ ଯନ୍ତ୍ରର ଉଦ୍ଭାବନ ପୂର୍ବରୁ ଓଡ଼ିଶାର ପଠାଣି ସାମନ୍ତ ବାଉଁଶ ନଳି ଓ କେତେ ଖଣ୍ଡ କାଠି ସାହାଯ୍ୟରେ ଗ୍ରହ ନକ୍ଷତ୍ରର ଦୁରତା, ଆବର୍ତ୍ତନ ଓ ପରିକ୍ରମଣ ସମ୍ପର୍କରେ ନିର୍ଭୁଲ ସୂଚନା ପ୍ରଦାନ କରିପାରୁଥିଲେ। ଏଥିରୁ ସ୍ପଷ୍ଟ ପ୍ରମାଣ ମିଳେ ଯେ ଗଣିତ ଶାସ୍ତ୍ର ସମ୍ପର୍କରେ ପ୍ରଥମେ ଓଡ଼ିଶା ହିଁ ସମଗ୍ର ବିଶ୍ୱବାସୀଙ୍କୁ ଅବଗତ କରାଇଛି। ତେବେ ଆଜିର ଦିନଟି ଓଡ଼ିଶାର ଗଣିତଜ୍ଞ ଓ ବରପୁତ୍ର ମାନଙ୍କୁ ମନେପକାଇବାର ଦିବସ ବୋଲି ଶ୍ରୀମତୀ ପଣ୍ଡା ଗଣମାଧ୍ୟମକୁ ଜଣାଇଛନ୍ତି।

# ଶ୍ରୀକ୍ଷେତ୍ରରେ ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ପାଳିତ

ପୁରୀ, ୧୫/୪ (ନି.ପ୍ର): ଆଜି ପବିତ୍ର ପଣା ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ସହ ଶ୍ରୀ ହନୁମାନଙ୍କ ଜୟନ୍ତୀ ଶ୍ରୀକ୍ଷେତ୍ରରେ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ଓଡ଼ିଆ ପାଞ୍ଜି ଗଣନାର ଆଜି ପ୍ରଥମ ଦିନ। ଆଜିଠାରୁ ସୂର୍ଯ୍ୟ ବିଷୁବ ରେଖା ଉପରେ ଅବସ୍ଥାନ କରି କର୍କଟ କ୍ରାନ୍ତି ଆଡକୁ ଗମନ କରିବେ। ଶ୍ରୀମନ୍ଦିର ଭିତରେ ଓ ବାହାରେ ଥିବା ହନୁମାନଙ୍କ ଜନ୍ମ ଜୟନ୍ତୀ ଓ ପୂଜାର୍ଚ୍ଚନା ନୀତିକାନ୍ତି ସହ ପାଳିତ ହୋଇଛି। ଘରେ ଘରେ ଥିବା ବୃନ୍ଦାବତୀ ଚଉରା ଉପରେ ନଡିଆ ଟାଂଚ ବନ୍ଧା ଯାଇ ସିକା ଓ ଘଡିରେ ପଣା ଭୋଗ କରାଯାଇଛି। ଛେନା, କ୍ଷୀର, ବେଲ, ଛତୁଆ, ଆମ୍ବ ଓ ଗୁଡ ସହ ମିଶ୍ରିତ କରାଯାଇ ପଣା ଭୋଗ ହୋଇଛି। ଶ୍ରୀମନ୍ଦିରରେ ସକାଳଧୂପ ସରିବା ପରେ ଦକ୍ଷିଣ ଘରେ ଥିବା ଶ୍ରୀହନୁମାନଙ୍କୁ ରତ୍ନ ସିଂହାସନ ଅଣାଯାଇ ଆଜ୍ଞାମାଳ ପ୍ରଦାନ କରାଯାଇଥିଲା। ବିମାନରେ ଠାକୁରଙ୍କୁ ବସାଇ ବିମାନବଡୁ ସେବକ ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ନେଇଥିଲେ। ମଠରେ ଥିବା ମହାବୀରଙ୍କୁ ଆଜ୍ଞାମାଳ ପ୍ରଦାନ କରାଯାଇଥିଲା। ସେଠାରେ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ନେଇ ଦରିଆ ମହାବୀରଙ୍କ ପାଖକୁ ଯାଇଥିଲେ। ପରେ ବଲ୍ଲଭ ଫେରି ଶ୍ରୀମନ୍ଦିରକୁ ଶ୍ରୀ ହନୁମାନ ବାହୁଡା ବିଜେ କରିଥିଲେ। ପୁରୀ ସହରରେ ଥିବା ଯାଗା ଆଖଡା ମାନଙ୍କରେ ପଣା ସଂକ୍ରାନ୍ତି ପାଳିତ ହୋଇଛି। ଆଖଡାର ଯୁବକମାନେ ନାଲି କନାରେ ନିର୍ମିତ କାହା ଲାଗି କରିବା ପରମ୍ପରା ରହିଛି। ଏହା ସହ ଯାଗା ଆଖଡାରେ ମାଟିକୁସ୍ତି ଅନୁକୂଳ ହୋଇଥିଲା। ଶିକୁଳି ମହାବୀର, ସିଦ୍ଧମହାବୀର, ଦରିଆ ମହାବୀର, ଦକ୍ଷିଣଦ୍ୱାର ମହାବୀରଙ୍କ ସମେତ ଶ୍ରୀକ୍ଷେତ୍ରରେ ଥିବା ମହାବୀରଙ୍କ ମନ୍ଦିରରେ ପୂଜାର୍ଚ୍ଚନା ଓ ହୋମ କରାଯାଇଛି। ଏସବୁ ସ୍ଥାନରେ ସକାଳୁ ସଂଧ୍ୟା ପର୍ଯ୍ୟନ୍ତ ଭକ୍ତଙ୍କ ଗହଳି ଲାଗି ରହିଥିଲା।

# ପଣା ସଂକ୍ରାନ୍ତି ଅବସରରେ ଗଳ୍ପ ପାଠ ଆସର ଆୟୋଜିତ




ବାରିପଦା, ୧୫/୪ (ନି.ପ୍ର): ଓଡ଼ିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ମୟୂରଭଞ୍ଜ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଏକ ଗଳ୍ପପାଠ ଆସର ମହର୍ଷି ପବ୍ଲିକ ସ୍କୁଲ ସଭାଗୃହରେ ଆୟୋଜିତ ହୋଇଯାଇଛି। ପରିଷଦର ସଭାପତି ପଦ୍ମନାଭ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମହର୍ଷି ପବ୍ଲିକ ସ୍କୁଲର ଅଧ୍ୟକ୍ଷ ଅଶୋକ କୁମାର କର ମୁଖ୍ୟଅତିଥି ଭାବରେ ଯୋଗଦେଇ ଅବକ୍ଷୟମୁଖୀ ସମାଜକୁ ଆମ ସଂସ୍କୃତିର ବହୁଳ ବ୍ୟବହାର ରକ୍ଷା କରିପାରିବ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ କବୟିତ୍ରୀ କାବେରୀ ମିଶ୍ର ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିବା ବେଳେ ସଂପାଦକ ମନୋଜ ଦଳବେହେରା ପରିଷଦର ବାର୍ଷିକ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ। ପ୍ରାରମ୍ଭରେ ଯୁଗ୍ମ ସଂପାଦକ ଶିଉଲାଲ ମହାନ୍ତ ଅତିଥିମାନଙ୍କୁ ମଞ୍ଚକୁ ଆହ୍ୱାନ କରିଥିବା ବେଳେ ଯୁଗ୍ମ ସଂପାଦକ ଅଜିତ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ଗାଳ୍ପିକା ସୁଧାମୟୀ ଦାସ ତଥା ବାସନ୍ତୀଲତା ମହାପାତ୍ର ମିଳିତ ସଂଯୋଜନାରେ ଅନୁଷ୍ଠିତ ଗଳ୍ପ ପାଠ ଆସରରେ ଇଂ ସତୀଶଚନ୍ଦ୍ର ବେହେରା, ଅଜୟ କୁମାର ପାଳ, ଅଜିତ କୁମାର କବାଟ, ନରସିଂହ ବାରିକ, ନିରୁପମା ମହାନ୍ତ, ହିମାଂଶୁ ଶେଖର ଦାସ, ଜୟନ୍ତ କୁମାର ଦ୍ୱାରୀ, ଦୋଳ ଗୋବିନ୍ଦ ମହାନ୍ତ, ସମରେନ୍ଦ୍ର ବଶା, କବି ବିଷ୍ଣୁ ଶତପଥୀ, ପ୍ରଦୀପ କୁମାର ଦାସ, କୈବଲ୍ୟ ପ୍ରସାଦ ମହାପାତ୍ର ପ୍ରମୁଖ ସ୍ୱରଚିତ ଗଳ୍ପ ପାଠ କରିଥିଲେ।

# ବାରିପଦାରେ ପାଳିତ ହେଲା ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ୧୩୩ତମ ଡଃ ବି.ଆର. ଆମ୍ବେଦକର ଜୟନ୍ତୀ

ବାରିପଦା, ୧୫/୪ (ନି.ପ୍ର): ଆଦର୍ଶ ଆଚରଣ ବିଧି ଅନୁପାଳନ କରିବା ସହ ଆଜି ପୂର୍ବାହ୍ନ ୮ ଘଟିକା ସମୟରେ ସ୍ଥାନୀୟ ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାସ୍ଥ ପୂର୍ଣ୍ଣଚନ୍ଦ୍ରପୁର ୱାର୍ଡ ନମ୍ବର-୧୫ ଠାରେ ଭାରତ ସମ୍ବିଧାନର ପ୍ରଣେତା ତଥା ଭାରତରତ୍ନ ବାବାସାହେବ ଡଃ ଭୀମରାଓ ଆମ୍ବେଦକରଙ୍କ ଜିଲ୍ଲାସ୍ତରୀୟ ୧୩୩ତମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ, ପୂର୍ଣ୍ଣଚନ୍ଦ୍ରପୁର ଠାରେ ଡଃ ଆମ୍ବେଦକରଙ୍କର ପ୍ରତିମୂର୍ତ୍ତିରେ ମୁଖ୍ୟ ଅତିଥି ଏବଂ ସମସ୍ତ ମାନ୍ୟଗଣ୍ୟ ପ୍ରଶାସନିକ ଅଧିକାରୀ ମାନଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯାଇଥିଲା। ଅନୁଷ୍ଠିତ ଜୟନ୍ତୀ ସମାରୋହ ସଭାରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଉମେଶ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭାରତରତ୍ନ ଡଃ ଆମ୍ବେଦକର ଆମ ସମସ୍ତଙ୍କ ପାଇଁ ପ୍ରେରଣା ହୋଇଥିବା ବେଳେ ତାଙ୍କ ଦର୍ଶନ ଓ ଶିକ୍ଷାକୁ ଆମେ ବାସ୍ତବ ଜୀବନରେ କାର୍ଯ୍ୟରେ ଲଗାଇବାକୁ ପ୍ରୟାସ କରିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ସମସ୍ତ ପ୍ରକାର ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଦୃଢ ଇଚ୍ଛାଶକ୍ତି ଓ ସାମର୍ଥ୍ୟ ବଳରେ ଯେ କୌଣସି ବ୍ୟକ୍ତି ସଫଳତାର ଶୀର୍ଷକୁ ପହଞ୍ଚି ପାରିବ, ଏହା ଆମ୍ବେଦକରଙ୍କ ଜୀବନୀ ଆମକୁ ଶିକ୍ଷା ଦେଇଛି ବୋଲି ସେ କହିଥିଲେ। ବାରିପଦା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ, ପ୍ରତିନିଧି ଜିଲ୍ଲାପାଳ ସୁଶ୍ରୀ ଶ୍ରଦ୍ଧା ସୁମନ, ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଅନନ୍ତ ପ୍ରସାଦ ସେଠି ଏହି ଜୟନ୍ତୀ ସଭାରେ ବିଶିଷ୍ଟ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଡଃ ଆମ୍ବେଦକରଙ୍କ ବହୁମୁଖୀ ପ୍ରତିଭା ଏବଂ ଘଟଣାବହୁଳ ଜୀବନୀ ଉପରେ ଆଲୋକପାତ କରିବା ସହିତ ତାଙ୍କ ପ୍ରଦର୍ଶିତ ମାର୍ଗକୁ ଅନୁସରଣ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଦିବସରେ



ସମ୍ମାନିତ ଅତିଥି ଭାବେ ରାଇରଙ୍ଗପୁର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ବିକାଶ ରଞ୍ଜନ ମହାନ୍ତି ଯୋଗ ଦେଇଥିବା ବେଳେ ନିମନ୍ତ୍ରିତ ଅତିଥି ଭାବେ ବିଭିନ୍ନ ବିଭାଗୀୟ ପଦାଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଗୃହରେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଡଃ ବି.ଆର୍. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ଏବଂ ପରିଶେଷରେ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଛାତ୍ର ଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ ହୋଇଥିଲା ଟାଟା ସହିତ ଜୟନ୍ତୀ ଉପଲକ୍ଷେ ବିଦ୍ୟାଳୟ ସ୍ତରରେ ଆୟୋଜିତ ରଚନାତ୍ମକ ଲେଖନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀ ଅବିନାଶ ପାଣି ଏହି କାର୍ଯ୍ୟକ୍ରମର ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

# କନ୍ଧମାଳ ପ୍ରସିଦ୍ଧ ଶ୍ରୀଶ୍ରୀ ମା ନାରାୟଣୀ ଠାକୁରାଣୀଙ୍କ ଯାତ୍ରାର ଶୁଭଖୁଂଟି ସ୍ଥାପନ

କନ୍ଧମାଳ, ୧୫/୪ (ନି.ପ୍ର): ପବିତ୍ର ମହା ବିଷୁବ ସଂକ୍ରାନ୍ତି ତଥା ହନୁମାନ ଜୟନ୍ତୀ ଅବସରରେ ଶ୍ରୀଶ୍ରୀ ମା ନାରାୟଣୀ ଠାକୁରାଣୀଙ୍କ ଷଷ୍ଠ ବିଂଶତମ ଯାତ୍ରାର ଶୁଭଖୁଂଟି ସ୍ଥାପନ ନିମନ୍ତେ ସ୍ଥାନୀୟ ପେଞ୍ଜି ସାହି ନିକଟସ୍ଥ ନବୀନ କହଁରଙ୍କ ବଗିଚା ଠାରେ ବୃକ୍ଷ ଛେଦନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସଭାପତି ପି. ସୁଧାଂଶୁ ସେନାପତିଙ୍କ ନେତୃତ୍ୱରେ ଯାତ୍ରା ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତାଙ୍କ ସମେତ ପୂଜକ ମାନଙ୍କ ଉପସ୍ଥିତିରେ ସମସ୍ତ ରୀତି ନୀତି ପୂଜା ପଦ୍ଧତି ପ୍ରକ୍ରିୟା ପରେ ବୃକ୍ଷ ଛେଦନ କରାଯାଇଥିଲା। ବୃକ୍ଷ ଛେଦନ ପରେ ଉକ୍ତ ଶୁଭଖୁଂଟିକୁ ଆଣି ରାମ ମନ୍ଦିର ନିକଟସ୍ଥ ଯାତ୍ରା ପଡ଼ିଆ ଠାରେ ସ୍ଥାପନ କରାଯାଇଥିଲା। ଏହି ପୂଜା କାର୍ଯ୍ୟରେ ଯାତ୍ରା ପରିଚାଳନା କମିଟିର ସମ୍ପାଦକ ଦୁର୍ଗା ପ୍ରସାଦ ତ୍ରିପାଠୀ କର୍ତ୍ତା ଭାବରେ କାର୍ଯ୍ୟ ତୁଲାଇ ଥିଲେ। ଶୁଭ ଖୁଂଟି ଆଗମନ ବେଳେ ବାଦ୍ୟ, ନୃତ୍ୟ ବାଣ ଫୁଟାଇ ଯାତ୍ରା ପଡିଆକୁ ଅଣା ଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ବଣିକ ସଂଘ ସଭାପତି ଅଶୋକ ପଟ୍ଟନାୟକ, ହରିଶ୍ଚନ୍ଦ୍ର ମହାରଣା, ଲମ୍ବୋଦର କହଁର, ଫୁଲବାଣୀ ପୌରାଧ୍ୟକ୍ଷା ସ୍ମିତା ରାଣୀ ମହାନ୍ତି, ପୌରାଉପାଧ୍ୟକ୍ଷା ପାୟଲ ବେହେରା, ଉପ ସଭାପତି ସୁଜିତ କୁମାର ବେହେରା, ଓକିଲ ସଂଘ ସମ୍ପାଦକ କୁଞ୍ଜ ବିହାରୀ ଶତପଥୀ, ସହ ସମ୍ପାଦକ ପାର୍ଥ ସାରଥୀ ବିଶ୍ୱାଳ, ଅରୁଣ ପଣ୍ଡା, ସୁମନ ପଟ୍ଟନାୟକ, ସୀମାଚଂଳ ପ୍ରଧାନ, ଅର୍ଥ ସମ୍ପାଦକ କାବୁଲା ସେନାପତି, କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ମହାନ୍ତି, ସାଂସ୍କୃତିକ ସମ୍ପାଦକ ଭି ଲୋକନାଥ ରାଜୁ ପ୍ରମୁଖଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

# ମେରୁ ଉତ୍ସବରେ ଦଣ୍ଡଯାତ୍ରା ଉଦ୍‌ଯାପିତ

ଗଞ୍ଜାମ, ୧୫/୪ (ନି.ପ୍ର): ଗଞ୍ଜାମ ଜିଲାରେ ଗତ ୨୧ ଦିନ, ୧୮ ଦିନ ଓ କେତେକ ସ୍ଥାନରେ୧୩ ଦିନ ଧରି ଅନୁଷ୍ଠିତ ହୋଇଯାଇଛି ଦଣ୍ଡଯାତ୍ରା। ଆଜି ମହା ବିଷୁବ ସଂକ୍ରାନ୍ତିରେ ଦଣ୍ଡଯାତ୍ରା ଉଦଯାପିତ ହୋଇଥିବା ବେଳେ ଆଉ କେତେକ ସ୍ଥାନରେ ଗତକାଲି ମାସନ୍ତ ମେରୁରେ ଉଦଯାପିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲାର ଶହସ୍ରାଧିକ ଗ୍ରାମ ଓ ସହରରେ ଏହି ଯାତ୍ରା ଅନୁଷ୍ଠିତ ହୋଇଛି। ମେରୁ ଉତ୍ସବ ସ୍ଥାନ ଗୁଡିକରେ ସକାଳୁ ପ୍ରବଳ ଜନଗହଳି ଦେଖିବାକୁ ମିଳିଥିଲା। ଦଣ୍ଡୁଆ ମାନେ ନଗର ପରିକ୍ରମା କରି ଧୂଳି ଦଣ୍ଡ, ପାଣିଦଣ୍ଡ ପ୍ରଦର୍ଶନ ପରେ କାଳୀଙ୍କ ପୂଜାର୍ଚ୍ଚନା କରିହୋମ ଯଜ୍ଞ ଆହୁତି ପରେ ପାଟଦଣ୍ଡୁଆଙ୍କୁ ଯଜ୍ଞକୁଣ୍ଡ ଉପରେ ଓଲଟାଇ ଝୁଲାଇପରେ ପାଟ ଦଣ୍ଡୁଆଙ୍କ ନାକରୁ ତିନି ବୁନ୍ଦା ରକ୍ତ ଯଜ୍ଞ କୁଣ୍ଡରେ ପଡ଼ିବା ପରେ ପାଟଭୂକ୍ତାଙ୍କୁ ଯଜ୍ଞକୁଣ୍ଡ ଉପରୁ ଉଠାଇ ନିଆଯାଇ ମେରୁ ଉତ୍ସବ ଉଦ୍ ଯାପିତ ହୋଇଥିଲା ଅପରାହ୍ନରେ। ଏହାପରେ ମାନସିକ ବ୍ରତ ଧାରୀ ନରନାରୀ ପୂଜାର୍ଚ୍ଚନା କରି ପ୍ରସାଦ ପଣା ପାଣି ସେବନ କରିଥିଲେ। ଗଞ୍ଜାମ ଜିଲ୍ଲାର ସର୍ବବୃହତ ମେରୁ କୁଲାଡ଼ଗଡ ଠାରେ ପ୍ରାୟ ୫୦ ହଜାର ଓ ପିତଳ ମେରୁରେ ୧୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପ୍ରତ୍ୟେକ ମେରୁ ଉତ୍ସବରେ ବହୁ ଅସ୍ଥାୟୀ ଦୋକାନ ବଜାର ଖୋଲିଥିଲା। ପୁଲିସ୍ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଧ୍ୟାନ ଦିଆଯାଇଥିଲା। ପୂର୍ବତନ ସରପଂଚ କୃଷ୍ଣ ଚନ୍ଦ୍ର ମଳିକ ଦୀର୍ଘ୧୮ ଦିନ ଧରି ପିତଳ ଦଣ୍ଡ ଯାତ୍ରାକୁ ସୁପରିଚାଳନା କରିଛନ୍ତି।

# ଶାନ୍ତିକାନନରେ ବିଷୁବ ମିଳନ ଓ କବିତା ପାଠୋତ୍ସବ

ବାଲେଶ୍ୱର, ୧୫/୪ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଶନିବାର ସନ୍ଧ୍ୟାରେ ଶାନ୍ତିକାନନଠାରେ ବିଷୁବ ମିଳନ ପାଳିତ ହୋଇଯାଇଛି। ପରିଷଦର ଉପସଭାପତି ପ୍ରଦୀପ ଚାଟାର୍ଜୀଙ୍କ ପୌରୋହିତ୍ୟରେ ଆୟୋଜିତ ସାରସ୍ୱତ ଉତ୍ସବକୁ ବର୍ଷିୟାନ ସାରସ୍ୱତ ସାଧକ ଡ. ପ୍ରହ୍ଲାଦ ଚରଣ ମହାନ୍ତି ଉଦ୍‌ଘାଟନ କରିଥିଲେ। ସଂପାଦକ ଦୀପକ ବୋଷ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ରଚନା ଓ ଯୁଗ୍ମ ସଂପାଦିକା କଲ୍ୟାଣୀ ନନ୍ଦଙ୍କ ନିର୍ଦ୍ଦେଶନାରେ ବାସନ୍ତୀ ଦେ, ଶାନ୍ତି ବିଶି, ଅର୍ଚ୍ଚନା କର, ପୁଷ୍ପଲତା ଚକ୍ରବର୍ତ୍ତୀ, ସନ୍ତୋଷୀ ପୃଷ୍ଟି ପ୍ରମୁଖ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଗୁରୁ ଲକ୍ଷ୍ମୀଧର ଜେନା ତବଲାରେ ସହଯୋଗ କରିଥିଲେ। କୁନି ନୃତ୍ୟଶିଳ୍ପୀ ପି. ସାନଭି ସାନାୟା ଓଡ଼ିଶୀ ନୃତ୍ୟ ପରିବେଷଣ କରି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। କବି ପଦ୍ମଲୋଚନ ପ୍ରଧାନ ଓ ସତ୍ୟଭାମା ମୁଦୁଲିଙ୍କ ସଂଯୋଜନାରେ ବିଷୁବ ମିଳନ ଅବସରରେ ଆୟୋଜିତ କବିତା ପାଠୋତ୍ସବରେ ବିଶିଷ୍ଟ ଗବେଷକ ଡ. ଶିରୀଶ ଚନ୍ଦ୍ର ଜେନା ଓ 'ଅକ୍ଷାଂଶ' ସଂପାଦକ କବି ଡ. ହରିଶ୍ଚନ୍ଦ୍ର ବେହେରା ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଶ୍ରେଷ୍ଠ କବି ସମରେନ୍ଦ୍ର ମହାପାତ୍ରଙ୍କୁ 'ଆଜିର କବି' ଭାବେ ସମ୍ମାନିତ



କରାଯାଇଥିଲା। ଏତଦ୍‌ବ୍ୟତୀତ ପ୍ରଥମ ଦଶଜଣଙ୍କ ମଧ୍ୟରେ ଥିବା କବି ଡ. ରମାକାନ୍ତ ନାୟକ, ସଂଜୟ କୁମାର ପଣ୍ଡା, ପ୍ରୀତିଲେଖା ଦାସ, ରଂଜନ କୁମାର ବାଗ, କଲ୍ୟାଣୀ ନନ୍ଦ, ବାସନ୍ତୀ ଦେ, ସତ୍ୟଭାମା ମୁଦୁଲି, ଜ୍ୟୋତ୍ସ୍ନା ରାୟ, ଜୟନ୍ତ ହଂସରାଜ ଓ ପ୍ରଭାକର ସାହୁଙ୍କୁ ପ୍ରଶଂସାପତ୍ର ପ୍ରଦାନପୂର୍ବକ ସମ୍ମାନିତ କରାଯାଇଥିଲା। ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ଓ ପ୍ରଫେସର ରଶ୍ମିରେଖା ପତିଙ୍କ ପ୍ରଦତ୍ତ କୁନ୍ତଳାକୁମାରୀ ସାବତ ଓ କବିବର ରାଧାନାଥ ରାୟଙ୍କ ତୈଳଚିତ୍ର ଉଦ୍‌ଘାଟିତ ହୋଇଥିଲା। ତୈଳଚିତ୍ର ଦୁଇଟିକୁ ଚିତ୍ରଶିଳ୍ପୀ ନିତ୍ୟାନନ୍ଦ ସାହୁ ପ୍ରସ୍ତୁତ କରିଥିଲେ। କୋଷାଧ୍ୟକ୍ଷ ତପନ ରାୟ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ଶତାଧିକ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ମଙ୍ଗଳବାର, ୧୬ ଏପ୍ରିଲ ୨୦୨୪

# ବ୍ରେନ ଷ୍ଟ୍ରୋକ୍ କାହିଁକି ହୁଏ ? ଜାଣନ୍ତୁ ଏହାର ଲକ୍ଷଣ

ବ୍ରେନ୍ ବା ମସ୍ତିଷ୍କ ଆମ ଶରୀରର ସମସ୍ତ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିଥାଏ। ଏହା ଆମ ଶରୀରର ଏକ ମୁଖ୍ୟ ଅଙ୍ଗ ହେଉଛି ମସ୍ତିଷ୍କ। ମସ୍ତିଷ୍କର କୋଷିକାଗୁଡ଼ିକ ଅହରହ ରକ୍ତ ପ୍ରବାହ, ଅମ୍ଳଜାନ ଓ ଗ୍ଲୁକୋଜ ଉପରେ ନିର୍ଭର କରିଥା'ନ୍ତି। କୌଣସି କାରଣରୁ ମସ୍ତିଷ୍କକୁ ରକ୍ତ ପ୍ରବାହ ଠିକ୍ ଭାବେ ହୋଇ ନ ପାରିଲେ, ମସ୍ତିଷ୍କର କୋଷିକାଗୁଡ଼ିକ ମରିଯା'ନ୍ତି। ଫଳରେ ବ୍ୟକ୍ତିଙ୍କୁ ବ୍ରେନ୍ ଷ୍ଟ୍ରୋକ୍ ବା ମସ୍ତିଷ୍କ ପକ୍ଷାଘାତ ହୋଇଥାଏ। ଯଦି କୌଣସି କାରଣରୁ ମସ୍ତିଷ୍କକୁ ରକ୍ତ ପ୍ରବାହ ଠିକ୍ ଭାବରେ ହୋଇପାରେ ନାହିଁ, ତେବେ ଏହାକୁ ଇସକ୍ସେମିକ୍ ଷ୍ଟ୍ରୋକ କୁହାଯାଏ। ଯଦି କୌଣସି କାରଣରୁ ମସ୍ତିଷ୍କର ଶୀରା ଫାଟି ଯାଇ ରକ୍ତ ସ୍ରାବ ହୁଏ, ତେବେ ଏହା ହେମରଜିକ୍ ଷ୍ଟ୍ରୋକ କୁହାଯାଏ।

### *ମୁଖ୍ୟ କାରଣ:*

ଡାଏବେଟିସ୍, ରକ୍ତଚାପ, ଉଚ୍ଚ କୋଲେଷ୍ଟ୍ରଲ, ହୃଦରୋଗ, ମାନସିକ ଚାପ, ମେଦବହୁଳତା ହେଉଛି ବ୍ରେନ୍ ଷ୍ଟ୍ରୋକର ମୁଖ୍ୟ କାରଣ। ମହିଳାଙ୍କ ଅପେକ୍ଷା ପୁରୁଷଙ୍କୁ ବ୍ରେନ୍ ଷ୍ଟ୍ରୋକ ହେବାର ଅଧିକ ଆଶଙ୍କା ଥାଏ। ଏହାଛଡ଼ା ଯଦି ଜଣେ ବ୍ୟକ୍ତିଙ୍କ ବୟସ ୬୦ ବର୍ଷରୁ ଅଧିକ ଓ ବଂଶଗତ କାରଣରୁ ବି ବ୍ରେନ୍ ଷ୍ଟ୍ରୋକ୍ ହୋଇପାରେ।

### ଲକ୍ଷଣ:

ବାଲାନ୍ସ: ଯଦି ବ୍ୟକ୍ତି ନିଜକୁ ନିୟନ୍ତ୍ରଣ କରିନପାରେ ଏବଂ ବେଳେ ବେଳେ ପଡ଼ିଯାଏ, ତେବେ ଏହା ଷ୍ଟ୍ରୋକ୍‌ର ଲକ୍ଷଣ।

ମୁହଁ: ଷ୍ଟ୍ରୋକ ହୋଇଥିବା ବ୍ୟକ୍ତିର ମୁହଁ ବଙ୍କା ହୋଇଯିବା ସହ ମୁହଁରେ ଝିମ୍ ଝିମ୍ ଲାଗିଥାଏ।

ଦୁର୍ବଳ ବାହୁ: ଯଦି ଆପଣଙ୍କୁ ଷ୍ଟ୍ରୋକ ହୋଇଥାଏ ତେବେ ଆପଣ ହାତରେ କୌଣସି ଜିନିଷ ଉଠାଇ ପାରିବେ ନାହିଁ ବା ହାତ ବଧିରା ଭଳି ଲାଗିବ।

ଷ୍ଟ୍ରୋକ୍ ହେଲେ ଠିକ୍ ସମୟରେ ହସ୍ପିଟାଲରେ ପହଞ୍ଚିବା ନିହାତି ଦରକାର। ବ୍ରେନ୍ ଷ୍ଟ୍ରୋକ ହେବାର ସାଢ଼େ ୪ ଘଣ୍ଟା ମଧ୍ୟରେ ହସ୍ପିଟାଲରେ ପହଞ୍ଚିବା ଦରକାର। ଏହି ୪ ଘଣ୍ଟାର ସମୟକୁ ଗୋଲଡ଼େନ ୱିଣ୍ଡୋ ପିରିୟଡ୍ ବୋଲି କୁହାଯାଏ। କାରଣ ଷ୍ଟ୍ରୋକ୍‌ର ଚିକିତ୍ସା ଯେତେ ଶୀଘ୍ର ହେବ ଏହା ଠିକ୍ ହେବାର ସମ୍ଭାବନା ସେତିକି ଜଲଦି। ଡେରିରେ ଚିକିତ୍ସା କରାଗଲେ ରୋଗୀର ଠିକ୍ ହେବାରେ ବିଳମ୍ବ ହୋଇଥାଏ।



# ପୁଦିନା ଗ୍ରୀଷ୍ମ ଋତୁରେ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ

ଗ୍ରୀଷ୍ମ ଋତୁରେ ପୁଦିନା ଖାଇବା ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ। ଏହି ଋତୁରେ, ଲୋକମାନେ ଖାଦ୍ୟର ସ୍ୱାଦ ବଢାଇବା ପାଇଁ ପ୍ରାୟତଃ ପୁଦିନା ପତ୍ର ବ୍ୟବହାର କରନ୍ତି। ତଥାପି, ମିଣ୍ଟ ସ୍ୱାଦକୁ ଚମତ୍କାର କରିବା ବ୍ୟତୀତ ଏହା ଶରୀରର ଅନେକ ସମସ୍ୟାକୁ ହ୍ରାସ କରିବାରେ ମଧ୍ୟ କାମ କରିଥାଏ। ଗରମ ଷ୍ଟ୍ରୋକରୁ ରକ୍ଷା କରିବା ପାଇଁ ପୁଦିନା ଭଲ କାମ କରେ। ଏଥିରେ ପ୍ରୋଟିନ୍, ମେଣ୍ଥୋଲ୍, ଭିଟାମିନ୍-ଏ, ତମ୍ବା, କାର୍ବୋହାଇଡ୍ରେଟ୍ ପରି ପୁଷ୍ଟିକର ଖାଦ୍ୟ ମିଳିଥାଏ। ଏହା ସ୍ୱାସ୍ଥ୍ୟ ପାଇଁ ଅନେକ ଲାଭ ଆଣିଥାଏ। ତେବେ ଆସନ୍ତୁ ଜାଣିବା, ପୁଦିନା ସ୍ୱାସ୍ଥ୍ୟ ପାଇଁ କେତେ ଲାଭଦାୟକ।



ପୁଦିନା ପତ୍ରରେ ଆଣ୍ଟିବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟିସେପ୍ଟିକ୍ ଗୁଣ ରହିଛି। ଯେଉଁ କାରଣରୁ ହଜମ ପ୍ରକ୍ରିୟା ଦୂର ହୋଇପାରିବ। ଯଦି ଆପଣ ଅମ୍ଳତା ଦ୍ୱାରା ଅସୁବିଧାରେ ପଡ଼ନ୍ତି, ତେବେ ଏଥିପାଇଁ ଆପଣ ଏକ ଚାମଚ ମିଣ୍ଟ ରସ ସହିତ ଉଷୁମ ପାଣି ପିଇପାରିବେ। ଏହା ଆପଣଙ୍କୁ ଆରାମ ଦେଇପାରେ।

ପୁଦିନାରେ ଆଣ୍ଟି-ଇନ୍ ?ଫ୍ଲାମେଟୋରୀ ଗୁଣ ରହିଛି, ଯାହା ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ। ଯଦି ଆପଣ ମାଂସପେଶୀ ଯନ୍ତ୍ରଣା ଦ୍ୱାରା ମଧ୍ୟ ଅସୁବିଧାରେ ପଡ଼ନ୍ତି, ତେବେ ଆପଣ ମିଣ୍ଟ ତେଲରେ ମାଲିସ୍ କରିପାରିବେ।

ଏଥିରେ ଆଣ୍ଟି-ବ୍ୟାକ୍ଟେରିଆଲ୍ ଗୁଣ ଥିବାରୁ ଶରୀରରେ ଖରାପ ନିଶ୍ୱାସ କମିଯାଏ । ଏହି ପତ୍ରଗୁଡ଼ିକ ଦାନ୍ତ କ୍ଷୟ ଏବଂ ଦାନ୍ତ ମୂଳ ଦୁର୍ବଳତା ରୋଗରୁ ମଧ୍ୟ ରକ୍ଷା କରିଥାଏ।

ପୁଦିନାରେ କ୍ୟାଲୋରୀ ପରିମାଣ ବହୁତ କମ୍ ଅଟେ। ଆପଣ ଏହି ପତ୍ରଗୁଡ଼ିକୁ ଆପଣଙ୍କର ଓଜନ ହ୍ରାସରେ ଅନ୍ତର୍ଭୁକ୍ତ କରିପାରିବେ।

କେଶକୁ ସୁସ୍ଥ ରଖିବାରେ ପୁଦିନା ମଧ୍ୟ ସହାୟକ ହୋଇଥାଏ। ଏହାକୁ ବ୍ୟବହାର କରି ଆପଣ ରୁପି ସମସ୍ୟାରୁ ମୁକ୍ତି ପାଇପାରିବେ। କେଶ ପାଇଁ, ଆପଣ ଅଲିଭ୍ କିମ୍ବା ନଡ଼ିଆ ତେଲକୁ ମିଣ୍ଟ ତେଲରେ ମିଶାଇ ତ୍ୱଚାକୁ ମାଲିସ୍ କରିପାରିବେ।

ପୁଦିନାରେ ଥିବା ଆଣ୍ଟିସେପ୍ଟିକ୍ ଏବଂ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ଚର୍ମକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ଏହା ଚର୍ମର ଆର୍ଦ୍ରତା ବଜାୟ ରଖେ। ସେଥିପାଇଁ ଆପଣ ନିଜ ଚର୍ମର ଯତ୍ନ ନିମନ୍ତେ ପୁଦିନା ପତ୍ରକୁ ଅନ୍ତର୍ଭୁକ୍ତ କରିପାରିବେ। ଏହାର ସତେଜ ପତ୍ରର ରସକୁ ମୁହଁରେ ଲଗାନ୍ତୁ, ପ୍ରାୟ ୧୫ ମିନିଟ୍ ପରେ ଏହାକୁ ପାଣିରେ ଧୋଇ ଦିଅନ୍ତୁ ।

# କମ୍ପ୍ୟୁଟର ଭଳି ମସ୍ତିଷ୍କରେ ବି ରହିଛି ଡିଲିଟ୍ ବଟନ୍

ମାନବ ମସ୍ତିଷ୍କ ହେଉଛି ନ୍ୟୁରନ୍ ଏବଂ ସିନେପ୍ସର ଏକ ଜଟିଳ ନେଟୱାର୍କ ଯାହା ଅନୁଭୂତି ଏବଂ ଶିକ୍ଷଣର ପ୍ରତିକ୍ରିୟାରେ କ୍ରମାଗତ ଭାବରେ ଅନୁକୂଳିତ ଏବଂ ପୁନଃସଂଗଠିତ ହୁଏ । ସ୍ନାୟୁ ବିଜ୍ଞାନରେ ଏକ ପୁରାତନ କଥା ଅଛି: "ନ୍ୟୁରନ୍ ଦ୍ୟାଟ୍ ଫାୟାର ଟୁଗେଦର ୱେର ଟୁଗେଦର" ଏହାର ଅର୍ଥ ହେଉଛି ଯେ ତୁମେ ଯେତେ ଅଧିକ ନିଜ ମସ୍ତିଷ୍କରେ ଏକ ନ୍ୟୁରୋ-ସର୍କିଟ୍ ସକ୍ରିୟ କରିବ, ସର୍କିଟ ସେତେ ଶକ୍ତିଶାଳୀ ହେବ। ଯାହାକି ଏହି ଧାରଣାକୁ ଭିତ୍ତି କରେ ଯେ ନିର୍ଦ୍ଦିଷ୍ଟ ସ୍ନାୟୁ ସର୍କିଟଗୁଡିକର ବାରମ୍ବାର ସକ୍ରିୟତା ସେମାନଙ୍କୁ ସମୟ ସହିତ ଶକ୍ତିଶାଳୀ କରିଥାଏ। ଏହାକୁ "ସିନେପ୍ଟିକ୍ ପ୍ରୁନିଙ୍ଗ" କୁହାଯାଇଥାଏ। ଏହା ଦ୍ୱାରା ମସ୍ତିଷ୍କ ନିଜକୁ ସଫା କରିଥାଏ। କଳ୍ପନା କରିବାକୁ ହେବ ମଣିଷ ର ମସ୍ତିଷ୍କ ଏକ ବଗିଚା, ଫୁଲ, ଫଳ ଏବଂ ପନିପରିବା ବଢ଼ିବା ପରି ନ୍ୟୁରନ୍ ମଧ୍ୟରେ ସିନେପ୍ଟିକ୍ ସଂଯୋଗ ବିକାଶ ହୋଇଥାଏ। ଏହା ଡୋପାମାଇନ୍, ସେରୋଟୋନିନ୍ ଏବଂ ଅନ୍ୟାନ୍ୟ ନ୍ୟୁରୋଟ୍ରାନ୍ସମିଟର ସହିତ ସଂଯୋଗ ହୋଇଥାଏ। ମସ୍ତିଷ୍କରେ ଥିବା "ଗ୍ଲିଆଲ୍ କୋଷିକା" ବଗିଚାର ମାଳି ଭଳି।ଏହା ନିର୍ଦ୍ଦିଷ୍ଟ ନ୍ୟୁରନ୍ ମଧ୍ୟରେ ସଙ୍କେତକୁ ତ୍ୱରାନ୍ୱିତ କରିବାକୁ କାର୍ଯ୍ୟ କରିଥାଏ। ଗ୍ଲିଆଲ୍ କୋଷଗୁଡ଼ିକରୁ ବର୍ଜ୍ୟବସ୍ତୁ ଅପସାରଣ କରିଥାଏ। କେଉଁ ଜିନିଷଗୁଡିକ ଅପସାରଣ କରାଯିବା



ଆବଶ୍ୟକ ତାହା ମସ୍ତିଷ୍କ କିପରି ନିର୍ଣ୍ଣୟ କରେ ସେ ସମ୍ବନ୍ଧରେ ଅନୁସନ୍ଧାନ ଜାରି ରହିଛି। ମସ୍ତିଷ୍କକୁ ଛେଦନ କରୁଥିବା କୋଷକୁ "ମାଇକ୍ରୋଗ୍ଲିୟଲ୍ କୋଷ" କୁହାଯାଇଥାଏ। ଏହା ସିନେପ୍ଟିକ୍ ସଂଯୋଗଗୁଡ଼ିକୁ ଛେଦନ କରେ। ଏହି "ମାଇକ୍ରୋଗ୍ଲିୟଲ୍ କୋଷଗୁଡ଼ିକ" ହେଉଛି ମସ୍ତିଷ୍କର ଡିଲିଟ୍ ବଟନ୍, ଯାହା ମଣିଷର ଖରାପ ସ୍ମୃତିକୁ ହଟାଇ ଥାଏ । ଏହି ଉପାୟରେ ମଣିଷର ମନ କିଛି ନୂଆ ଶିଖିବା ପାଇଁ ସ୍ଥାନ ସୃଷ୍ଟି କରେ ଯାହା ଦ୍ୱାରା ମଣିଷ ଅଧିକ ଜାଣିପାରିଥାଏ।

ଏନେଇ ନିଦ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯେତେବେଳେ ମଣିଷ କିଛି ନୂଆ ଶିଖେ, କିଛି ସମୟ ପରେ ଅନୁଭବ କରିଥାଏ ମନ ବର୍ତ୍ତମାନ ଭରିଯାଇଛି। ମସ୍ତିଷ୍କ ଏହାଠାରୁ ଅଧିକ କାର୍ଯ୍ୟ କରିବାକୁ ସମର୍ଥ ହୋଇ ନ ଥାଏ। ତେଣୁ ଯେତେବେଳେ ତୁମେ କିଛି ନୂଆ ଶିଖିବ ଏବଂ ତୁମର ମସ୍ତିଷ୍କ ଭରିଯାଏ, ମସ୍ତିଷ୍କର "ମାଇକ୍ରୋଗ୍ଲିୟଲ୍ କୋଷ" ନୂଆ ନୂଆ ସ୍ମୃତି ସୃଷ୍ଟି କରେ। ତେଣୁ ବିଶ୍ରାମ ଆବଶ୍ୟକ। ଯେତେବେଳେ ମଣିଷ ଶୋଇଥାଏ, ମସ୍ତିଷ୍କ ନିଜକୁ ସଫା କରେ, ସେଥିପାଇଁ ଏକ ଭଲ ନିଦ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଶୋଇବା ସମୟରେ ମନ ସଫା ହୋଇଯାଇଥାଏ । ଶୋଇବା ସମୟରେ ମସ୍ତିଷ୍କ କୋଷଗୁଡ଼ିକ ୬୦ ପ୍ରତିଶତ ହ୍ରାସ ପାଇଥାଏ। ସିନେପ୍ସକୁ ଛେଦନ ହୋଇଥାଏ। ସାଧାରଣତଃ ଭଲ ନିଦ ପରେ ମସ୍ତିଷ୍କ ସ୍ୱଷ୍ଟ ଭାବରେ ଚିନ୍ତା କରିବାକୁ ସମର୍ଥ ହୋଇଥାଏ। କ୍ଷମତା ବଢ଼ାଇବା ପାଇଁ କାର୍ଯ୍ୟ ମଧ୍ୟରେ ସ୍ୱଳ୍ପ ସମୟର ନିଦକୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଇଥାଏ । ୧୦ କିମ୍ବା ୨୦ମିନିଟର ଶୋଇବା ଦ୍ୱାରା ମାଇକ୍ରୋଗ୍ଲିୟଲ୍ ଅବ୍ୟବହୃତ ସଂଯୋଗଗୁଡ଼ିକୁ ସଫା କରି ନୂତନ ସ୍ଥାନ ସୃଷ୍ଟି କରେ।

କିଛି ଖରାପ ସମୃତିକୁ ହଟାଇ ଦିଆଯାଇଥାଏ। ଏହା ଦ୍ୱାରା ତିକ୍ତ ସ୍ମୃତି ଭୁଲି ହୋଇ ପାରିଥାଏ କିମ୍ବା ଏପରି ସ୍ଥିତିରେ ପହଞ୍ଚି ହୋଇଥାଏ ଯାହା ଦ୍ୱାରା ତିକ୍ତ ସ୍ମୃତି ମଣିଷକୁ ପ୍ରଭାବିତ କରିବା ବନ୍ଦ କରିଥାଏ। ଏଥିପାଇଁ ଭଲ ଶୋଇବା ଏବଂ ନୂତନ ଜିନିଷ ଶିଖିବା ଆବଶ୍ୟ।

ଭଲ ଆଚରଣ ସହିତ ଜଡିତ ସ୍ନାୟୁ ସର୍କିଟ୍କୁ ମଜବୁତ କରିବା ପାଇଁ ଅଭ୍ୟାସ ଆବଶ୍ୟକ। ସିନେପ୍ଟିକ୍ ଛେଦନ ସ୍ନାୟୁଗତ ଉତ୍ସଗୁଡ଼ିକର ଦକ୍ଷ ବଣ୍ଟନକୁ ସୁନିଶ୍ଚିତ କରେ ଏବଂ ଚାଲୁଥିବା ଶିକ୍ଷା ଏବଂ ଆଡାପଟ୍ଟେସନ୍କୁ ସହଜ କରିଥାଏ ।

# ଏକା ବୁଲନ୍ତୁ....

ବ୍ୟସ୍ତ ଜୀବନଶୈଳୀ ଭିତରେ ଟିକେ ଫାଙ୍କା ପାଇଲେ ବୁଲି ଆସିବାକୁ ନିଶ୍ଚୟ ଇଚ୍ଛା ହୁଏ । ଅନେକ ସମୟରେ ସାଙ୍ଗସାଥୀଙ୍କୁ ଧରି ଦଳବଦ୍ଧ ହୋଇ ବୁଲିବାକୁ ଯିବାର ଯୋଜନା କରନ୍ତି, ହେଲେ କୌଣସି କାରଣରୁ ଏହା ସଫଳ ହୋଇପାରେନି । ନିଜ ମନରେ ଥିବା ଭ୍ରମଣ ଯୋଜନାକୁ ସ୍ଥଗିତ ରଖିବା ବି ଭାରି କଷ୍ଟକର । ଏପରି ସ୍ଥିତିରେ ଏକାକୀ ବାହାରି ପଡ଼ନ୍ତୁ । ଏମିତି କେତେକ ସୁନ୍ଦର ସ୍ଥାନ ସମ୍ପର୍କରେ ଜାଣନ୍ତୁ ଯେଉଁଠାକୁ ଏକା ଗଲେ ବି କିଛି ସମସ୍ୟା ହୁଏନାହିଁ । ବରଂ, ଏହି ଯାତ୍ରା ଆପଣ ଖୁବ୍ ଉପଭୋଗ କରିପାରିବେ ।

### ମଥୁରା-ବୃନ୍ଦାବନ



କେବଳ ଯେ ଧାର୍ମିକ ଚିନ୍ତାଧାରାର ବ୍ୟକ୍ତି ବା ବୟସ୍କମାନେ ମଥୁରା-ବୃନ୍ଦାବନ ଯିବେ ବୋଲି ମାନେ ନାହିଁ । ଯୁବପିଢ଼ିଙ୍କ ପାଇଁ ବି ସେଠାରେ ଏକାଧିକ ଦର୍ଶନୀୟ ସ୍ଥାନ ରହିଛି ସବୁବେଳେ ଗହଳି ରହୁଥିବା ଏହି ସ୍ଥାନକୁ ଏକାକୀ ଯାଇ ସେହି ଗହଳିରେ ନିଜକୁ ହଜାଇଦେବା ବି ,କ ନିଆରା ଅନୁଭୂତି । ଏଠାରେ ସୁନ୍ଦର କଳାକୃତି ଥିବା ମନ୍ଦିର ସହିତ ନିଧିବନ, ପ୍ରେମ ମନ୍ଦିର, ଶ୍ରୀକୃଷ୍ଣ ଜନ୍ମଭୂମି ପରି ଦର୍ଶନୀୟ ସ୍ଥାନ ରହିଛି ।

### କସୋଲ

ହିମାଚଳ ପ୍ରଦେଶରେ ଥିବା କସୋଲ ଦେଶର ଅନ୍ୟତମ ଶାନ୍ତ ଏବଂ ସୁନ୍ଦର ସ୍ଥାନ । ବର୍ଷା ଭିତରେ ଏହାର ରୂପ ଆହୁରି ସୁନ୍ଦର ହୋଇଯାଏ । ଟ୍ରେକିଂ କରିବାକୁ ପସନ୍ଦ କରୁଥିଲେ, ଏହି ସୁବିଧା ବି ଏଠାରେ ଉପଲବ୍ଧ । ପାର୍ବତୀ ନଦୀ କୂଳରେ ଘାଟି ମଧ୍ୟରେ ଥିବା ଏକ ଛୋଟ ଗାଁରେ ଟ୍ରେକିଂ କରିବାର ସୁଯୋଗ ପାଇବେ ।



### ପଣ୍ଡିଚେରୀ

ଏହାକୁ 'ମିନି ଫ୍ରାନ୍ସ' ବୋଲି କୁହାଯାଏ । ପଣ୍ଡିଚେରୀ ବା ପୁଡୁଚେରୀ ଛୋଟ ସହରଟିଏ ହେଲେ ସୁଦ୍ଧା ପର୍ଯ୍ୟଟନ ଏବଂ ଆଧ୍ୟାତ୍ମିକତାର ମିଳନସ୍ଥଳ । ଶାନ୍ତ ପରିବେଶ ମଧ୍ୟରେ ଏଠାରେ କିଛିଦିନ ବିତାଇବାରେ ମଜା ଅନନ୍ୟ । ଏପରିକି ସମୁଦ୍ର କୂଳ ବି ଖୁବ୍ ଶାନ୍ତ ଏବଂ ଭିଡ଼ମୁକ୍ତ । ଇଚ୍ଛାକଲେ ସାଇକେଲ ଭଡ଼ାରେ ନେଇ ଫରାସୀ ଶୈଳୀରେ ନିର୍ମିତ ଏହି ସହରକୁ ଆରାମରେ ବୁଲିପାରିବେ ।



# ଗରମ ଅଞ୍ଚଳରେ ରହୁଥିବା ଲୋକଙ୍କର ବୃକକ୍ ଦୁର୍ବଳ : ଅଧ୍ୟୟନ

ଗରମ ଅଞ୍ଚଳରେ ରହୁଥିବା ରୋଗୀଙ୍କ କିଡନୀ ଅଧିକ ଖରାପ ହେଉଛି। କ୍ରନିକ୍ ବୃକକ୍ ରୋଗ (ସିକେଡି) ରୋଗୀ ଯେଉଁମାନେ ଅତ୍ୟଧିକ ଗରମ ଅଞ୍ଚଳରେ ବାସ କରୁଛନ୍ତି ସେମାନଙ୍କର କିଡନୀର କାର୍ଯ୍ୟ କ୍ଷମତାରେ ଅତିରିକ୍ତ ଆଠ ପ୍ରତିଶତ ହ୍ରାସ ପାଇଥିବା ଏକ ଅଧ୍ୟୟନରୁ ପ୍ରକାଶ ପାଇଛି। ଲଣ୍ଡନ ସ୍କୁଲ ଅଫ୍ ହାଇଜିନ୍ ଆଣ୍ଡ ଟ୍ରପିକାଲ୍ ମେଡିସିନ୍ (ଏଲଏସଏଚଟିଏମ) ଏବଂ ୟୁନିଭରସିଟି କଲେଜ ଲଣ୍ଡନ (ୟୁସିଏଲ) ସହିତ ଜଡିତ ଗବେଷକଙ୍କ ନେତୃତ୍ୱରେ ହୋଇଥିବା ଏକ ଅଧ୍ୟୟନରେ ଏହା ସାମ୍ନାକୁ ଆସିଛି। ଦି ଲାନସେଟ୍ ପ୍ଲାନେଟାରୀ ହେଲଥ୍ ଜର୍ଣ୍ଣାଲରେ ପ୍ରକାଶିତ ଅଧ୍ୟୟନ ଅନୁଯାୟୀ, ତାପମାତ୍ରା ବୃଦ୍ଧି ପାଉଥିବାର ଜଳବାୟୁ ଅଞ୍ଚଳରେ ରହୁଥିବା ରୋଗୀଙ୍କ କିଡନୀ କ୍ଷମତାରେ ଏହି ପାର୍ଥକ୍ୟ ଦେଖାଯାଇଥିଲା। ଏସବୁ ଅଞ୍ଚଳରେ ଶୀତ ଏବଂ ଗ୍ରୀଷ୍ମ ତାପମାତ୍ରା ମଧ୍ୟରେ ମଧ୍ୟ ଅଧିକ ପାର୍ଥକ୍ୟ ପରିଲକ୍ଷିତ ହୋଇ ନ ଥାଏ। ଏହି ଅଧ୍ୟୟନରେ ୨୧ ଟି ଦେଶର ୪,୦୧୭ ଲୋକ ସାମିଲ ହୋଇଥିଲେ। ଏହି ସମସ୍ତ ଲୋକ ବିଭିନ୍ନ ଜଳବାୟୁ ଅଞ୍ଚଳର ଥିଲେ। ସେଥିମଧ୍ୟରୁ କେତେକ ଉଚ୍ଚ ଆୟ ଦେଶରୁ ହୋଇଥିବାବେଳେ କେତେକ ମଧ୍ୟମ ଆୟ ଦେଶରୁ ଆସିଥିଲେ । ଏହା ଦେଖା ଯାଇଥିଲା ଅତ୍ୟଧିକ ଗରମ ଜଳବାୟୁରେ ରହୁଥିବା ରୋଗୀଙ୍କ କିଡନୀ କାର୍ଯ୍ୟ ପ୍ରତିବର୍ଷ ଅତିରିକ୍ତ ଆଠ ପ୍ରତିଶତ କମିଯାଇଥାଏ। ଏହା ବ୍ୟତୀତ ରୋଗୀଙ୍କର ଓଜନ, ମଧୁମେହ ଏବଂ ରକ୍ତଚାପ ମଧ୍ୟ ତାଙ୍କ ଉପରେ ଅତିରିକ୍ତ ପ୍ରଭାବ ପକାଇଥାଏ। ଗବେଷକମାନେ ଏହି ଅଧ୍ୟୟନରେ ଉତ୍ତାପ ଏବଂ କ୍ରନିକ୍ କିଡନୀ ରୋଗ (ସିକେଡି) ମଧ୍ୟରେ ଥିବା ସମ୍ପର୍କକୁ ମଧ୍ୟ ଆଲୋକିତ କରିଛନ୍ତି। କ୍ରନିକ୍ କିଡନୀ ରୋଗ ହେଉଛି ଏକ ରୋଗ ଯାହା କିଡନୀକୁ ବର୍ଷ ବର୍ଷ ଧରି ପ୍ରଭାବିତ କରିଥାଏ । ଗରମ ଦେଶରେ କିଡନୀ ସମ୍ବନ୍ଧୀୟ ରୋଗରେ ପୀଡିତ



ରୋଗୀଙ୍କ ସ୍ୱାସ୍ଥ୍ୟ ପାଇଁ ଉତ୍ତାପ ଏକ ପ୍ରମୁଖ ସମସ୍ୟା ଅଟେ । ଏଥି ସହିତ, ବିଶ୍ୱର ତାପମାତ୍ରା ବୃଦ୍ଧି ପାଉଥିବାରୁ ଏହି ଅବସ୍ଥା ଗୁରୁତର ହୋଇପାରେ। ଅଧ୍ୟୟନ ସହିତ ଜଡିତ ବରିଷ୍ଠ ଲେଖକ ପ୍ରଫେସର ବେନ୍ କ୍ୟାପଲିନଙ୍କ ଅନୁଯାୟୀ, ବର୍ତ୍ତମାନ ଆମେ ଜାଣୁ ଯେ ଏହି ରୋଗରେ ଉତ୍ତାପ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ, ଆମେ ଏହାର ମୁକାବିଲା ପାଇଁ ବିଭିନ୍ନ ପଦ୍ଧତିର ସାହାଯ୍ୟ ନେଇପାରିବା। ପ୍ରଚୁର ଜଳ ପିଇବା ପରି, ସୂର୍ଯ୍ୟଙ୍କୁ ଏଡାଇବା ଏବଂ ଅତ୍ୟଧିକ ଉତ୍ତାପର ସଂସ୍ପର୍ଶରେ ଆସିବା। ଏହି ଅଧ୍ୟୟନ ସିକେଡି ରୋଗୀଙ୍କ ଉପରେ ଧ୍ୟାନ ଦିଆଯାଇଥିଲା, ତେଣୁ ସାଧାରଣ କିଡନୀ ଥିବା ଲୋକଙ୍କ ଉପରେ ଉତ୍ତାପର କି ପ୍ରଭାବ ପଡିଥାଏ ତାହା କୁହାଯାଇପାରିବ ନାହିଁ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ମହିଳା ଆର୍ଥିକ ସଶକ୍ତୀକରଣ...

ଆଜି ବିଶ୍ୱରେ ଅଛନ୍ତି ଅଗଣିତ, ବୁଭୁକ୍ଷୁ, ବିଧବା, ଅସହାୟା ନାରୀ, ନିର୍ଯ୍ୟାତିତା ଦୁଃଖିନୀ। ସେମାନେ କର୍ମଠ। କର୍ମ କରି ସେଥିରୁ ଯାହା ରୋଜଗାର ହେବ ସେଥିରେ କିଛି ଖାଇ ବଞ୍ଚିବେ। ତାଙ୍କୁ ଦେଖିବାକୁ କେହି ନାହିଁ। ସେମାନଙ୍କର ଆର୍ତ୍ତଚିତ୍କାର, ଗୁହାରି କାହାକୁ ଶୁଭୁନାହିଁ। ସମସ୍ତେ ନିଜ ନିଜ ବାଟରେ ଚାଲିଛନ୍ତି। କିନ୍ତୁ ବାଲାଂଦେଶର ଅର୍ଥନୀତିଜ୍ଞ ମହମ୍ମଦ ୟୁନୁସ୍‌ଙ୍କ କାନରେ ବାଜିଛି ସେମାନଙ୍କର ଆର୍ତ୍ତଚିତ୍କାର। ସେମାନଙ୍କୁ ବାଟ ଦେଖାଇଛନ୍ତି। ବଞ୍ଚିବା ପାଇଁ ସେମାନଙ୍କୁ ରାସ୍ତା ଦେଖାଇଛନ୍ତି ଏବଂ ସେମାନଙ୍କ ଆଖିରୁ ଲୁହ ପୋଛି ଦେଇଛନ୍ତି। ମହମ୍ମଦ ୟୁନୁସ ବାଲାଂଦେଶର ଚଟ ଗ୍ରାମରେ ୧୯୫୦ ମସିହାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ବାପାଥିଲେ ଜଣେ ବଣିଆ। ସେ ପୁଅର ପାଠ ପଢ଼ା ପାଇଁ ସବୁପ୍ରକାର ସହାୟତା ଯୋଗାଇ ଦେଇଥିଲେ। ମାତା ସୋଫିଆ ଖାତୁନ। ୟୁନୁସ ସ୍କୁଲରେ ଜଣେ ମେଧାବୀ ଛାତ୍ରଥିଲେ। ସ୍କୁଲ ପାଠ ଶେଷ କରି ୟୁନିଭରସିଟ୍‌ରୁ ଅର୍ଥନୀତିରେ ଏମ୍‌ଏ ପାସ୍ କରିଥିଲେ। ୧୯୬୫ ମସିହାରେ ୟୁନୁସ ଫୁଲବ୍ରାଇଟ ସ୍କଲାରସିପ ପାଇ ଆମେରିକା ଯାତ୍ରା କଲେ। ଜଣେ ସରଳ ଓ ସୁଶୀଳ ଧରଣର ପିଲା ଥିଲେ ୟୁନୁସ୍। ସେ ସର୍ବଦା ସାଧା ସିଧା ଖାଦ୍ୟ ଖାଇ ସନ୍ତୁଷ୍ଟ ଥିଲେ। ଟେଏନ୍ସି ଅନ୍ତର୍ଗତ ନ୍ୟାଶଭିଲର ଭ୍ୟାଣ୍ଡର ବିଲ୍‌ଟି ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଉପାଧି ପାଇ ବାଲାଂଦେଶର ଚଟ ଗ୍ରାମସ୍ଥିତ ବିଶ୍ୱବିଦ୍ୟାଳୟକୁ ଫେରି ଆସିଥିଲେ ୧୯୭୨ ମସିହାରେ। ସେଠାରେ ଅର୍ଥନୀତି ବିଭାଗର ମୁଖ୍ୟ ପଦବୀରେ ଅବସ୍ଥାପିତ ହୋଇଥିଲେ। ୟୁନୁସ ଚାକିରି କରିବାର ଦୁଇ ବର୍ଷ ପରେ ୧୯୭୪ ମସିହାରେ ବାଲାଂଦେଶରେ ଅକାଳ ମରୁଡ଼ି ପଡ଼ିଲା। ବଂଲାଦେଶର ଅର୍ଥନୀତିର ମୂଳଦୁଆକୁ ଦୋହଲାଇ ଦେଇଥିଲା ସେହି ମରୁଡ଼ି। ଚଟଗ୍ରାମ ବିଶ୍ୱବିଦ୍ୟାଳୟ ନିକଟରେ ବୋରବରା ଗ୍ରାମ। ଆଖି ଆଗରେ ଲୋକମାନେ ଅନାହାରରେ, ଅର୍ଦ୍ଧାହାରରେ ପୋକମାଛି ପରି ମରିଯାଉଥା'ନ୍ତି। ୟୁନୁସ ନିଜ ଆଖିରେ ଏସବୁ ଦେଖି ଦୁଃଖରେ ଭାଙ୍ଗି ପଡ଼ିଥିଲେ। ଲୋକମାନଙ୍କର ଦୁଃଖ ଦୁର୍ଦ୍ଦଶା ଦେଖି ଏବଂ ସେମାନଙ୍କୁ ଅକାଳ ମୃତ୍ୟୁ ଦାଉରୁ ଜୀବନ ବଞ୍ଚାଇବା ପାଇଁ ୟୁନୁସ ପଦାକୁ ବାହାରି ପଡ଼ିଥିଲେ। ୟୁନୁସ ସରକାରଙ୍କୁ ପ୍ରସ୍ତାବ ଦେଲେ ଯେ ଗ୍ରାମୀଣ ବ୍ୟାଙ୍କ ଜରିଆରେ ଗରୀବ ଲୋକଙ୍କୁ ଋଣ ଦିଆଯାଉ, ଯାହା ଫଳରେ ଗରିବ ଲୋକେ ସ୍ୱଳ୍ପ ଋଣ ନେଇ କିଛି ଅର୍ଥ ଉପାର୍ଜନ କରି ବଞ୍ଚିଯିବେ। ଏହି ପ୍ରସ୍ତାବ ଆଧାରରେ ୧୯୭୬ ମସିହାରେ ବାଲାଂଦେଶରେ ଗ୍ରାମୀଣ ବ୍ୟାଙ୍କ ସ୍ଥାପନ କରାଗଲା। ୟୁନୁସ୍ କୁହନ୍ତି ମଣିଷ ସମାଜ ପାଇଁ ପଢ଼ିଥିବା ବିଦ୍ୟାର ପ୍ରୟୋଜନ ନ ହୋଇ ପାରିଲେ ସେହି ବିଦ୍ୟାର ପଢ଼ାଶୁଣାର ବା କି ପ୍ରୟୋଜନ? ତେଣୁ ୟୁନୁସ ଆଉ ବେଶି କିଛି ନ ପଢ଼ି ବାହାରି ପଡ଼ିଲେ ଲୋକମାନଙ୍କର ସେବା କରିବା ପାଇଁ। ଏହା ଥିଲା ତାଙ୍କର ମନସ୍ତାତ୍ତ୍ୱିକ ଅଭିବ୍ୟକ୍ତି। ସେ ଯାଇ ଯୋବରା ଗ୍ରାମରେ ଦେଖିଲେ ସେଠାକାର ବାସିନ୍ଦାମାନେ ବାଉଁଶ ପାତିଆରେ କୁଲା, ଡାଲା, ଟୋପି, ଭୋଗେଇ ଓ ଟୋକେଇ ଆଦି ଜିନିଷମାନ ବୁଣୁଛନ୍ତି। ସେମାନେ ଗରୀବ ହେତୁ ଏ ସବୁ କଞ୍ଚାମାଲ କିଣିବା ପାଇଁ ମହାଜନମାନଙ୍କଠାରୁ ବହୁ ଉଚ୍ଚ ସୁଧରେ ଋଣ ଆଣି ନିଜର ବ୍ୟବସାୟ କରୁଛନ୍ତି। ସେଠାକାର ଲୋକମାନେ ଯାହା ରୋଜଗାର କରନ୍ତି, ମହାଜନମାନଙ୍କଠାରୁ ଆଣିଥିବା ମୂଳ ଉପରେ ଚଢ଼ା ଦରର ସୁଧ ଶୁଝିବା ସାର ହୁଏ। ଶେଷରେ ସେମାନେ ଯେଉଁ ଗରୀବକୁ ସେହି ଗରିବ ହୋଇ ରହିଛନ୍ତି। ୟୁନୁସ ବ୍ୟାଙ୍କମାନଙ୍କୁ ରାଜି କରାଇଲେ ଏହି ଗରିବମାନଙ୍କୁ ସ୍ୱଳ୍ପ ଋଣ ଦେବା ପାଇଁ। କିନ୍ତୁ ବ୍ୟାଙ୍କମାନେ ରାଜି ନ ହେବାରୁ ୟୁନୁସ ନିଜ ଜାମିନଦାରରେ କିଛି ଲୋକଙ୍କୁ ନେଇ ଗୋଷ୍ଠୀ ଗଠନ କରି ବ୍ୟାଙ୍କ ଋଣ ଦେଲେ। ପରେ ଗ୍ରାମ୍ୟବ୍ୟାଙ୍କମାନେ ଏସବୁ ଅନୁସରଣ କରି ଅଳ୍ପ ଅଳ୍ପ କରି ସେହି ଗରିବ ଲୋକମାନଙ୍କୁ ଋଣ ଦେଇଚାଲିଲେ। ଫଳରେ ସେହି ଗ୍ରାମର ମହିଳାମାନେ ରୋଜଗାର ବଢ଼ାଇ ବ୍ୟାଙ୍କ ଋଣ ଶୁଝିବା ସହ ନିଜେ ଦି ପଇସା ପାଇ ଘରସଂସାର ଚଳାଇଲେ। ଯାହାଫଳରେ ଗ୍ରାମୀଣ ବ୍ୟାଙ୍କମାନେ ଆଗେଇ ଆସିଲେ ସେହି ଲୋକମାନଙ୍କୁ ସ୍ୱଳ୍ପ ଋଣ ଦେବାକୁ। ଜଣାଯାଏ ପ୍ରାରମ୍ଭରୁ ୪୨ ଜଣ ମହିଳାଙ୍କୁ ସହାୟତା କରିବାକୁ ଯାଇ ସେମାନଙ୍କ ସୁଧ ବାବଦକୁ ୟୁନୁସ ନିଜେ ୨୭ ଡଲାର ପୈଠ କରିଥିଲେ। ପରବର୍ତ୍ତୀ ସମୟରେ ୟୁନୁସଙ୍କ ଏହି ଋଣ ବ୍ୟବସ୍ଥାକୁ ସମଗ୍ର ପୃଥିବୀ ଅନୁକରଣ କରିପାରିଛି। ସବୁ ଗ୍ରାମୀଣ ବ୍ୟାଙ୍କମାନେ ଆଗେଇ ଆସିଲେଣି ଗରିବ ମହିଳାମାନଙ୍କୁ ଗୋଷ୍ଠୀ ମାଧ୍ୟମରେ ଋଣ ଦେବା ପାଇଁ। ପୃଥିବୀର ପ୍ରାୟ ୫୫ଟି ଦେଶରେ ଗ୍ରାମୀଣ ବ୍ୟାଙ୍କମାନଙ୍କ ଦ୍ୱାରା କ୍ଷୁଦ୍ରଋଣର ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି। ଏହାକୁ ମାଇକ୍ରୋକ୍ରେଡିଟ୍ ବା କ୍ଷୁଦ୍ର ଋଣ ବୋଲି କୁହାଯାଉଛି। ଭାରତରେ ମଧ୍ୟ ୟୁନୁସଙ୍କର ପ୍ରଣୀତ ଏହି ମାଇକ୍ରୋଫାଇନାନ୍ସ ଋଣ ଅନେକ ବ୍ୟାଙ୍କମାନେ ଦେଉଛନ୍ତି। ଏହାକୁ ଓଡ଼ିଶାର ସମବାୟ ବ୍ୟାଙ୍କମାନେ ସାଦରେ ଗ୍ରହଣ କରି ପୃଥିବୀ ପାଇଁ ଏକ ଆଦର୍ଶ ପାଲଟି ଯାଇଛନ୍ତି।

## ଭଗବାନ ଶ୍ରୀରାମଙ୍କ ମାନବୀୟ ଲୀଳା



ଡକ୍ଟର ଲକ୍ଷ୍ମଣ ସାହୁ

ପ୍ରତିବର୍ଷ ରାମ ନବମୀ ପର୍ବ ଅର୍ଥାତ୍ ଭଗବାନ ଶ୍ରୀରାମଙ୍କ ଜନ୍ମ ବାର୍ଷିକୀ ଭାବରେ ଚୈତ୍ର ମାସର ଶୁକ୍ଲ ପାକ୍ ନବମୀ ଦିନ ଅତୁଳନୀୟ ଭକ୍ତି ଓ ଗୌରବର ସହିତ ପାଳନ କରାଯାଏ । ଏହି ଦିନ ଶ୍ରୀରାମଙ୍କ ଜନ୍ମସ୍ଥାନ ଅଯୋଧ୍ୟାରେ ସ୍ୱତନ୍ତ୍ର ପର୍ବ ଆୟୋଜନ କରାଯାଇଥାଏ । ଯେଉଁଥିରେ ଦେଶର ବିଭିନ୍ନ ସ୍ଥାନରୁ ଭକ୍ତମାନେ ଅଯୋଧ୍ୟାରେ ପହଞ୍ଚି ସରଜୁ ନଦୀରେ ବୁଡ଼ ପକାନ୍ତି । ଏହି ଦିନ ସମଗ୍ର ଅଯୋଧ୍ୟା ସହର ସମ୍ପୂର୍ଣ୍ଣ ରୂପେ ରାମମୟରେ ପରିପୂର୍ଣ୍ଣ ଶୋଭାପାଏ । ଶ୍ରଦ୍ଧାପୂର୍ଣ୍ଣ ଭାବେ ରାମଭକ୍ତ ଶ୍ରଦ୍ଧାଳୁମାନଙ୍କ ଭଜନ-କୀର୍ତ୍ତନମାନଙ୍କର ପ୍ରତିଧ୍ୱନୀ ଓ ଅଖଣ୍ଡ ରାମାୟଣର ପାଠ ସବୁଠାରେ ଶୁଣାଯାଏ । ଦେଶର ବିଭିନ୍ନ ଧାର୍ମିକ ଅନୁଷ୍ଠାନ ଗୁଡ଼ିକରେ ରୀତିନୀତି ଅନୁସାରେ ଏହି ଦିନ ଭକ୍ତି ସହିତ ବ୍ରତ, ଉପବାସ, ଯଜ୍ଞ, ଦାନ ପୁଣ୍ୟ ଇତ୍ୟାଦିର ଆୟୋଜିତ ହୋଇଥାଏ ।

ବିଭିନ୍ନ ହିନ୍ଦୁ ଶାସ୍ତ୍ରରେ କୁହାଯାଇଛି ଯେ ନବରାତ୍ରୀ ଅବସରରେ ନବଦୁର୍ଗା ପାଠ ଶେଷ ହେବା ପରେ ଶ୍ରୀ ରାମ ଜନ୍ମ ହୋଇଥିଲେ । ତାଙ୍କ ଶରୀରରେ ମା' ଦୁର୍ଗାଙ୍କ ନବମ ଶକ୍ତି ଜାଗ୍ରତ ହୋଇଥିଲା । ବିଶ୍ୱାସ କରାଯାଏ ଯେ ଏହି ଦିନ ତ୍ରେତୟା ଯୁଗରେ ମର୍ଯ୍ୟାଦା ପୁରୁଷ ପୁରୁଷୋତ୍ତମ ଶ୍ରୀରାମ ଅଯୋଧ୍ୟାରେ ଜନ୍ମଗ୍ରହଣ କରିଥିଲେ । ହିନ୍ଦୁ ଧର୍ମରେ ଭଗବାନ ରାମଙ୍କୁ ଭଗବାନ ବିଷ୍ଣୁଙ୍କ ସପ୍ତମ ଅବତାର ଭାବରେ ବିବେଚନା କରାଯାଏ । ଯାହାଙ୍କର ବିଶେଷ କାର୍ଯ୍ୟ ହେତୁ ସେ ଶତାବ୍ଦୀ ଶତାବ୍ଦୀ ଧରି ମର୍ଯ୍ୟାଦା ପୁରୁଷୋତ୍ତମ ନାମରେ ପରିଚିତ ହୋଇଆସିଛନ୍ତି । ରାମାୟଣ ଓ ଅନ୍ୟାନ୍ୟ ପୁରାଣ ଅନୁଯାୟୀ ପ୍ରଭୁ ଶ୍ରୀରାମଙ୍କ ଜନ୍ମ ୫୧୧୪ ଖ୍ରୀଷ୍ଟପୂର୍ବ ତ୍ରେତୟା ଯୁଗରେ ଘଟିଥିଲା । ଅର୍ଥାତ୍ ଶ୍ରୀରାମଚନ୍ଦ୍ରଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ ଭାବେ ଅଭିହିତ କରାଯାଇ ତାଙ୍କ ସମୟକୁ ତ୍ରେତୟା ଯୁଗ ଭାବେ ନାମିତ କରାଯାଇଛି ।

ତ୍ରେତୟା ଯୁଗରେ ଅଯୋଧ୍ୟା ମହାରାଜା ଦଶରଥଙ୍କ ପାଟରାଣୀ କୌଶଲ୍ୟା ଭଗବାନ ଶ୍ରୀରାମଙ୍କୁ ଜନ୍ମ ଦେଇଥିଲେ । ବାଲ୍ମିକୀ ରାମାୟଣଙ୍କ ଅନୁଯାୟୀ, 'ଭଗବାନ ଶ୍ରୀରାମ ଚନ୍ଦ୍ର ପରି ସୁନ୍ଦର, ସମୁଦ୍ର ପରି ଗମ୍ଭୀର ଓ ପୃଥିବୀ ପରି ଧୈର୍ଯ୍ୟବାନ ଥିଲେ । ସେ ଏତେ ଗୁଣବାନ ଥିଲେ ଯେ ଦୁଃଖ ଉତ୍ତାପରେ ବଞ୍ଚିବା ସତ୍ତ୍ୱେ ସେ କାହାକୁ କଠୋର କଟୁ ବଚନ ପଦେ କହି ନଥିଲେ । ସେ ତାଙ୍କ ପିତାମାତା, ଗୁରୁଜନ, ଭାଇ, ସେବକ, ଗୁରୁ ସମସ୍ତଙ୍କ ପ୍ରତି ତାଙ୍କର ସ୍ନେହପୂର୍ଣ୍ଣ ଦାୟିତ୍ୱ ପୂରଣ କରୁଥିଲେ । ସେ ନିଜ କର୍ତ୍ତବ୍ୟ ଓ ପିତାମାତାଙ୍କ ପ୍ରତି ଆଜ୍ଞା ପାଳନ , କଠୋର ଆଦେଶ ମଧ୍ୟ ପାଳନ କରିବାକୁ ସର୍ବଦା ପ୍ରସ୍ତୁତ ଥିଲେ । ପିତା ଦଶରଥଙ୍କ ଆଦେଶକୁ ଶିରୋଧାର୍ଯ୍ୟ ଭାବେ ଗ୍ରହଣ କରିନେଇଥିଲେ । ଶ୍ରୀରାମଙ୍କ ଜୀବନ ଧୈର୍ଯ୍ୟର ଏକ ଉତ୍ତମ ଉଦାହରଣ । ରାତି ପାହିଲେ ହୋଇଥାନ୍ତେ ରାଜା, ହେଲେ ମାତା କୈକେୟୀ ଶ୍ରୀରାମଙ୍କୁ ୧୪ ବର୍ଷ ବନବାସର ଆଦେଶ ଦେଲେ । ତାହାକୁ ସେ ଧୈର୍ଯ୍ୟର ସହ ସ୍ୱୀକାର କରିଥିଲେ । ଏଣୁ ବିପରୀତ ପରିସ୍ଥିତିରେ ମଧ୍ୟ ସେ କେବେ ଧୈର୍ଯ୍ୟ କି ସଂଯମ ହରାଇ ନାହାନ୍ତି । ଏପରିକି କ୍ରୋଧିତ ହୋଇ କୌଣସି ବିକଳ୍ପ ନିର୍ଣ୍ଣୟ ନେଇ ନାହାନ୍ତି । ବରଂ କଠିନ ସମୟରେ ସେ ପ୍ରତ୍ୟେକ ସ୍ଥାନରେ ସଂଯମ, ସଂକଳ୍ପ, ଧୈର୍ଯ୍ୟ ଓ ସାହସରୁ ଜୀବନ ଜିଇଁବାର ମହାମନ୍ତ୍ରର ଉଦାହରଣ ସୃଷ୍ଟି କରିଛନ୍ତି ।

ସୃଷ୍ଟି ପୂର୍ବରୁ ଭଗବାନ ଶ୍ରୀରାମ ଏପରି ଏକ ଆଦର୍ଶ ଉଦାହରଣ ଉପସ୍ଥାପନ କରିଥିଲେ । ଯେଉଁଥିପାଇଁ ତାଙ୍କୁ ' ମର୍ଯ୍ୟାଦା ପୁରୁଷ ପୁରୁଷୋତ୍ତମ ' କୁହାଯାଉଥିଲା । ସେ ଦୟା, କ୍ଷମା, ସତ୍ୟ, ନ୍ୟାୟ ଓ ଧର୍ମର ପଥ ଅନୁସରଣ କରି ଅଯୋଧ୍ୟାକୁ ଶାସନ କରିଥିଲେ । ପ୍ରଜାମାନଙ୍କ ପ୍ରତି ଦୟା, ସହିଷ୍ଣୁତା, ଧୈର୍ଯ୍ୟ, ଆଦର୍ଶ ପୁଅ, ଆଦର୍ଶ ସ୍ୱାମୀ, ଆଦର୍ଶ ଭାଇ, ଆଦର୍ଶ ଶାସକ ଇତ୍ୟାଦି ସମସ୍ତ ଗୁଣରେ ପରିପୂର୍ଣ୍ଣ ଥିଲେ । ଯେଉଁଥିପାଇଁ ତାଙ୍କୁ ଜଣେ ଆଦର୍ଶ ପୁରୁଷ ଓ ମର୍ଯ୍ୟାଦା ପୁରୁଷୋତ୍ତମ କୁହାଯାଏ । ଶ୍ରୀରାମଙ୍କର କୈବର୍ତ୍ତ , ସୁଗ୍ରୀବ, ନିଷାଦରାଜ, ବିଭୀଷଣ ପ୍ରଭୃତି ଅନେକ ବନ୍ଧୁ ଥିଲେ । ରାମ ସମସ୍ତଙ୍କ ସହ ସମାନ ମିତ୍ରତା ଅନୁଭବ କରିଥିଲେ ଓ ତାଙ୍କ ବନ୍ଧୁମାନଙ୍କ ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥିଲେ ।

ସେଥିପାଇଁ କୁହାଯାଏ ଯେ ପ୍ରଭୁ ରାମଙ୍କ ପରି ବନ୍ଧୁତା ବଜାୟ ରଖିବାରେ ସମସ୍ତଙ୍କର ଗୁଣ ରହିବା ଉଚିତ୍ । ତାଙ୍କ କର୍ତ୍ତବ୍ୟ ସମ୍ପାଦନରେ ସେ ସର୍ବଦା ସହନଶୀଳ ଓ ଧୈର୍ଯ୍ୟବାନ ଥିଲେ । ଆଦର୍ଶ ଭାଇ ଓ ବନ୍ଧୁର ଉତ୍ତମ ଉଦାହରଣ ଥିଲେ । ଅର୍ଥାତ୍ ବନବାସ ସମୟରେ ଶ୍ରୀରାମଙ୍କ ଭାଇ ଭରତ ତାଙ୍କୁ ଅଯୋଧ୍ୟା ଫେରାଇ ଆଣିବାକୁ ଆସିଥିଲେ । ମାତ୍ର ସେ ମାତା ପିତାଙ୍କ ଆଜ୍ଞାକୁ ଅବଜ୍ଞା ନକରି ବରଂ ପିତୃସତ୍ୟ ପାଳନ କରି ଅଯୋଧ୍ୟା ରାଜସିଂହାସନ ଭରତକୁ ସମର୍ପି ଦେଇଥିଲେ । ସେହି ଭଳି ମିତ୍ରତା ପାଳନରେ ଶ୍ରୀରାମ ଆଗଭର ଥିଲେ । ସୁଗ୍ରୀବ, ବିଭୀଷଣ ଆଦିଙ୍କୁ ପରମ ମିତ୍ର ଭାବରେ ଗ୍ରହଣ କରି ସେମାନଙ୍କ ସମସ୍ୟାକୁ ମଧ୍ୟ ସାମ୍ନା କରିଛନ୍ତି । ବିନା କୌଣସି ଭେଦଭାବରେ ସେ ସମସ୍ତଙ୍କ ସହ ବନ୍ଧୁତା ସ୍ଥାପନ କରିଥିଲେ । ସେହିପରି ସେ ତାଙ୍କ ଜୀବନରେ ସମସ୍ତଙ୍କୁ ସମ୍ମାନ କରି ପ୍ରତ୍ୟେକ ସମ୍ପର୍କ ଓ ଦାୟିତ୍ୱକୁ ସୁଚାରୁରୂପେ ନିର୍ବାହ କରୁଛନ୍ତି । ବିଶ୍ୱାସ କରାଯାଏ ଯେ ଏଭଳି ସ୍ଥିତି କେବଳ ସେତେବେଳେ ଅଯୋଧ୍ୟାରେ ଘଟିଥିଲା ।

ଅଯୋଧ୍ୟାକୁ ଆଦର୍ଶ ରାଜ୍ୟ କରିବା ପାଇଁ ସେ ରାଜ୍ୟକୁ ଉନ୍ନତ ରୂପେ ପରିଚାଳନା କରିଥିଲେ । ଆଜି ବି ତାଙ୍କ ନାମ ଜଣେ ଆଦର୍ଶ ଭାଇ ଭାବରେ ସମ୍ମାନର ସହ ନିଆଯାଏ ଓ କୁହାଯାଏ ଯେ ଯଦି ତୁମର ଭାଇ ଅଛି ତେବେ ସେ ରାମଙ୍କ ପରି ହେବା ଉଚିତ୍ । ପ୍ରଜାପାଳନ ପାଇଁ ମାତା ସୀତାଙ୍କୁ ବାଲ୍ମିକୀଙ୍କ ଆଶ୍ରମକୁ ପରିତ୍ୟାଗ କରିବା ପରେ ସେ ନିଜେ ଅଯୋଧ୍ୟାଙ୍କର ରାଜା ହେଲେ । ରାଜା ହୋଇ କୌଣସି ବିଳାସ ବ୍ୟସନରେ ନରହି ମୁନି, ଋଷି, ସାଧୁ , ସନ୍ୟାସୀ , ସନ୍ଥମାନଙ୍କ ଭଳି ନିରଳସ ଜୀବନ ବିତାଇଲେ । ଏକପତ୍ନୀ ବ୍ରତ ପାଳନ କରିଛନ୍ତି । ମାତା ସୀତାଙ୍କ ପ୍ରତି ପ୍ରଭୁ ଶ୍ରୀରାମଙ୍କର ଥିଲା ଅପାର ଭଲପାଇବା । ତାଙ୍କ ଜୀବନରେ ମାତା ସୀତାଙ୍କ ବ୍ୟତୀତ ସେ କେବେ ବି ଅନ୍ୟ ମହିଳାଙ୍କ ବାବଦରେ ଭାବି ନଥିଲେ ।

ଶ୍ରୀରାମଙ୍କ ଚରିତ୍ର ଅତ୍ୟନ୍ତ ଉଦାର ପ୍ରକୃତିର ଥିଲା । ଭଗବାନ ଶ୍ରୀରାମ ଅହଲ୍ୟାଙ୍କୁ ତାଙ୍କର ସୁରକ୍ଷା ପ୍ରଦାନ କରିଥିଲେ । ଯାହାକୁ କେହି ନିର୍ଦ୍ଦୋଷ ବୋଲି ଭାବି କେହି ଗ୍ରହଣ କରିନଥିଲେ । ସେ ନିଜର ଛତ୍ରଛାୟାରେ ରଖି ଆଶ୍ରୟ ଦେଇ ଉଦ୍ଧାର କରିଥିଲେ । ଲୋକମାନଙ୍କୁ ଗଙ୍ଗା ନଦୀ ପାର କରିବାରେ ସାହାଯ୍ୟ କରୁଥିବା ସାଧାରଣ ଏକ ମାମୁଲି କୈବର୍ତ୍ତର ଅପାର ବିଶ୍ୱାସ ଓ ଭକ୍ତିରେ ପ୍ରଭାବିତ ହୋଇ ଭଗବାନ ଶ୍ରୀରାମ ତାଙ୍କୁ ତାଙ୍କ ସାନଭାଇର ମାନ୍ୟତା ଦେଇଥିଲେ ଓ ଅନ୍ତିମ ସମୟରେ ମୋକ୍ଷ (ପରିତ୍ରାଣ) ପାଇବାର ବର ପ୍ରଦାନ କରିଥିଲେ । ତାଙ୍କର ଏପରି ଗୁଣବତ୍ତା ଥିଲା, ଯେଉଁଥିପାଇଁ ସେ ଜୀବଜଗତର ସମସ୍ତଙ୍କୁ ମଣିଷ, ରାକ୍ଷସ ଓ ପଶୁ, ପକ୍ଷୀମାନଙ୍କୁ ଆଗକୁ ବଢିବାର ସୁଯୋଗ ଦେଇଥିଲେ । ଅଯୋଧ୍ୟାଙ୍କର ଆଦର୍ଶ ରାଜା ହେବା ବ୍ୟତୀତ ସେ ସେଠାରେ ମଧ୍ୟ ଜଣେ ଦକ୍ଷ ସୁଶାସକ ଥିଲେ । ଯିଏକି ସମସ୍ତଙ୍କୁ ସାଙ୍ଗରେ ନେଇଯିବାର ବିଶେଷ ଗୁଣ ଥିଲା । ସେହି ଗୁଣ ହେତୁ କମ୍ ସୈନିକ ଓ ସମ୍ବଳ ଥାଇ ମଧ୍ୟ ସେ ନିଜ ସୈନ୍ୟମାନଙ୍କ ସାହାଯ୍ୟରେ ଲଙ୍କା ଯିବାକୁ ସମୁଦ୍ରରେ ଏକ ବିରାଟ ସେତୁ ନିର୍ମାଣ କରିଥିଲେ । ଲଙ୍କାଗଡ଼ରେ ଦକ୍ଷତାର ସହ ଦଶାନନ ସହିତ ଯୁଦ୍ଧ କରି ସୀତାଙ୍କୁ ଉଦ୍ଧାର କରି ନିଜର ପରାକାଷ୍ଠା ଦର୍ଶାଇଥିଲେ । ତାଙ୍କର ସୈନ୍ୟବାହିନୀରେ ମଣିଷ, ପଶୁ ଓ ରାକ୍ଷସ , ପକ୍ଷୀମାନେ ସାମିଲ ହୋଇଥିଲେ । ସେ ହନୁମାନ, ଜାମ୍ବବାନ ଓ ଅଙ୍ଗଦଙ୍କୁ ନିଜର ସେନାବାହିନୀରେ ସୁଯୋଗ ଦେଇଥିଲେ ।

ଭଗବାନ ବିଷ୍ଣୁଙ୍କ ସପ୍ତମ ଅବତାର ଶ୍ରୀରାମ ୧୬ ଗୁଣ ଓ ୧୨ ଟି କଳାର ଗୁରୁ ଥିଲେ । ଶ୍ରୀରାମ ସୂର୍ଯ୍ୟବଂଶୀ ଥିଲେ । ସୂର୍ଯ୍ୟଙ୍କର କେବଳ ୧୨ଟି ପର୍ଯ୍ୟାୟ ଅଛି । ସେଥିପାଇଁ ବିଶ୍ୱାସ କରାଯାଏ ଯେ ସୂର୍ଯ୍ୟଙ୍କର ସମସ୍ତ ୧୨ଟି ପର୍ଯ୍ୟାୟ ଶ୍ରୀରାମଙ୍କ ଠାରେ ପରିଲକ୍ଷିତ ହୁଏ । ଶାସ୍ତ୍ରରେ କଳାଗୁଡ଼ିକ କିଛି ଅବତାର ଶକ୍ତିର ଏକକକୁ ସୂଚିତ କରେ । ଏହି କଳାଗୁଡ଼ିକ ସୂର୍ଯ୍ୟ ଓ ଚନ୍ଦ୍ରର ପରିବର୍ତ୍ତିତ ରୂପକୁ ମଧ୍ୟ ପ୍ରତିଫଳିତ କରେ । ପ୍ରସ୍ତର ଓ ବୃକ୍ଷରେ ୧-୨ କଳା ଥିବାବେଳେ ପଶୁ ଓ ପକ୍ଷୀମାନଙ୍କର ୨ ରୁ ୪ କଳା ଥାଏ । ଜଣେ ସାଧାରଣ ମଣିଷର ପାଞ୍ଚଟି କଳା ଓ ଜଣେ ସଂସ୍କୃତି ସଂପନ୍ନ ମଣିଷର ୬ଟି କଳା ଅଛି । ମୁନି ସାଧୁ ଓ ସନ୍ଥଙ୍କ ପରି ସ୍ୱତନ୍ତ୍ର ମହାନ ବ୍ୟକ୍ତିଙ୍କର ସାତରୁ ଆଠଟି କଳା ଅଛି । ଯାହା ସେମାନଙ୍କ ଚେତନାକୁ ଜାଗ୍ରତ ରହିବା ଶିଖାଇଥାଏ । ଏପରିକି ସେମାନଙ୍କୁ ଉନ୍ନତ ଓ ଉପାସକ , ପୂଜନୀୟ କରିଥାଏ । ସେଠାରେ ସାତଟି, ମନୁ, ଦେବତା, ପ୍ରଜାପତି ଓ ଲୋକପାଳଙ୍କର ନଅ କଳା ଅଛି । ଦଶ ଓ ଅଧିକ କଳା କେବଳ ବରହା, ନୃସିଂହ, କୂର୍ମ, ମତ୍ସ୍ୟ, ବାବନ ଅବତାର ଇତ୍ୟାଦି ଈଶ୍ୱରୀୟ ଅବତାରରେ ଉପସ୍ଥିତ, ଯାହାକୁ ଆବ୍ୟଶଅବତାର ମଧ୍ୟ କୁହାଯାଏ । ପର୍ଶୁରାମ ମଧ୍ୟ ଭଗବାନଙ୍କ ଅବତାର ବୋଲି ବିବେଚନା କରାଯାଏ ।

ବାର କଳାରେ ପରିପୂର୍ଣ୍ଣ ଶ୍ରୀରାମଙ୍କର ମଧ୍ୟ ୧୬ ଗୁଣ ଥିଲା । ଏହି ୧୬ ନିର୍ଦ୍ଦିଷ୍ଟ ଗୁଣଗୁଡ଼ିକ ହେଲା, ଗୁଣବାନ୍ ( ଯୋଗ୍ୟ ଓ କୁଶଳ ), ନିନ୍ଦନୀୟ (ପ୍ରଶଂସକ, ସକରାତ୍ମକ), ଧର୍ମଜ୍ଞ (ଧର୍ମ ବିଷୟରେ ଜ୍ଞାନ ଥିବା), କୃତଜ୍ଞ ( ଧନ୍ୟବାଦ, ନମ୍ରତା), ସତ୍ୟ (ସତ୍ୟ କହିବା) । ତାଙ୍କ ପ୍ରତିଶ୍ରୁତିରେ ( ଅବିସ୍ମରଣୀୟ, ସଂକଳ୍ପବଦ୍ଧ), ଗୁଣବତ୍ତା (ଧାର୍ମିକ, ଗୁଣବତ୍ତା ଓ ଉତ୍ତମ ଆଚରଣ, ଆଦର୍ଶ ଚରିତ୍ର) । ସମସ୍ତ ଜୀବଜନ୍ତୁଙ୍କ ସୁରକ୍ଷାକାରୀ (ସହଯୋଗୀ), ଶିକ୍ଷିତ (ବୁଦ୍ଧିମାନ ଓ ଭେଦଭାବକାରୀ), ଶକ୍ତିଶାଳୀ (ସମସ୍ତଙ୍କ ପ୍ରତି ବିଶ୍ୱସ୍ତ ଓ ଯିଏ ସମର୍ଥନ ପାଏ ), ପ୍ରିୟଦର୍ଶନ (ସୁନ୍ଦର ଚେହେରା), ଯିଏ ମନ ଉପରେ ନିୟନ୍ତ୍ରଣ ରଖିଛି (ଜିତେନ୍ଦ୍ରିୟ ), ଯିଏ କ୍ରୋଧ (ଶାନ୍ତ ଓ ସହଜ), ଜ୍ୟୋତି (ଉଜ୍ଜ୍ୱଳ ଶରୀର ଓ ଉତ୍ତମ ବ୍ୟକ୍ତିତ୍ୱ ସହିତ), ବୀର୍ଯ୍ୟବାନ (ସୁସ୍ଥ, ସଂଯମ ଓ ଶକ୍ତିଶାଳୀ) ) ଓ ଯୁଦ୍ଧରେ ଯାହାର କ୍ରୋଧ ଦେବତାମାନଙ୍କୁ ମଧ୍ୟ ଭୟଭୀତ କରେ (ସାହସୀ, ଧନୁର୍ଦ୍ଧର, ଅସତ୍ୟର ବିରୋଧୀ) ଏସବୁ ବୁଝାଇଥାଏ । ଦୃଷ୍ଟାନ୍ତ ସ୍ୱରୂପ -

' ସର୍ବତଃ ପାଣି ପାଦଂ,
ତତ ସର୍ବୋତଅକ୍ଷିଶୀରୋ ମୁଖମ !
ସର୍ବୋତଃ ସ୍ରୁତିମଲକେ
ସର୍ବମାବୃତ୍ୟ ତିଷ୍ଠିତ।"

ଅର୍ଥାତ୍ ପ୍ରଭୁଙ୍କର (ସର୍ବବ୍ୟାପକ ) ରୂପ, ଯଥା ସକଳ ଦିଗରେ ହସ୍ତ, ପାଦ ରହିଛି । ସେହିଭଳି ସକଳ ଦିଗକୁ ଶୀର ମୁଖ ଇତ୍ୟାଦି ରହିଛି ଏହିଭଳି ଭାବରେ ଶ୍ରୀଜଗନ୍ନାଥ ସର୍ବ ବ୍ୟାପକ୍ତା ପ୍ରତିପାଦନ ହୋଇଛି । ସାଧାରଣତଃ ଲୋକ ମୁଖରେ ଶୁଣାଯାଏ ଯେ ରାମ, ସେ କୃଷ୍ଣ ଓ ସେ ମଧ୍ୟ ଜଗନ୍ନାଥ । କିନ୍ତୁ ବ୍ରହ୍ମ ତତ୍ତ୍ୱ ଅନୁସାରେ ଦେଖିଲେ ଜଣେ ଜୀବନ କାଳ ମଧ୍ୟରେ କେବେବି ବ୍ରହ୍ମସହସ୍ର ନିଜକୁ ପ୍ରକାଶିତ ନକରି ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ରୂପେ ବିଦିତ ହୋଇଛନ୍ତି । ଜନ୍ମ ହେବା ମାତ୍ରେ ଉଗ୍ରସେନଙ୍କୁ ଶଙ୍ଖ ଚକ୍ର ଚିହ୍ନ ଦର୍ଶନ କରାଇ, ବାଲ୍ୟ କାଳରୁ ଯଶୋଦାଙ୍କୁ ପାଟି ମଧ୍ୟରେ ବିଶ୍ୱ ଦର୍ଶନ ସହ କୁରୁକ୍ଷେତ୍ରରେ ଅର୍ଜୁନଙ୍କୁ ବିଶ୍ୱରୂପ ଦର୍ଶନ କରାଇ ନିଜକୁ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ବୋଲି ପ୍ରତିପାଦିତ କରିଛନ୍ତି । କିନ୍ତୁ ଦେବାଧିଦେବ ଜଗନ୍ନାଥ ଷୋଳକଳାର ଅଧିକାରୀ ହୋଇ ପରଂବ୍ରହ୍ମ ରୂପେ ଶ୍ରୀକ୍ଷେତ୍ରେ ବିରାଜିତ ହୋଇଛନ୍ତି । କେବଳ ମାତ୍ର ଶ୍ରୀରାମ ତ୍ରେତୟାରେ ମର୍ଯ୍ୟାଦା ପୁରୁଷୋତ୍ତମ ନାମରେ ନାମିତ ହୋଇଛନ୍ତି । ବାସ୍ତବରେ ମର୍ଯ୍ୟାଦା ପୁରୁଷ ପୁରୁଷୋତ୍ତମ ଶ୍ରୀରାମ ସମସ୍ତଙ୍କ ପ୍ରତି ପ୍ରେମର ଗଭୀର ଭାବନାରେ ପରିପୂର୍ଣ୍ଣ ହୋଇଥିଲେ । ନିଜର ପ୍ରଜାମାନଙ୍କ ପ୍ରତି ତାଙ୍କର ଭଲପାଇବା, ନ୍ୟାୟ ଓ ସତ୍ୟତା ହେତୁ ତାଙ୍କ ଶାସନକୁ 'ଆଦର୍ଶ' ରାଜ୍ୟ ପାଳନ ଶାସକ ସଂଜ୍ଞା କୁହାଯାଏ । ଆଜି ମଧ୍ୟ ଉତ୍ତମ ଶାସନକୁ 'ରାମରାଜ୍ୟ' ଭାବରେ ପରିଭାଷିତ କରାଯାଉଛି । 'ରାମରାଜ' ଅର୍ଥ ସୁଖ, ଶାନ୍ତି ଓ ନ୍ୟାୟର ରାଜ୍ୟ । ଭଗବାନ ଶ୍ରୀରାମଙ୍କର ଏଭଳି ମାନବିକ ଗୁଣାବଳୀ ପାଇଁ ସେ ହେଉଛନ୍ତି ସତ୍ୟ, ନ୍ୟାୟ ଓ ଧର୍ମର ପ୍ରତୀକ ...!!!

+ ଏ ଅଧକ୍ଷ, ମହାନଦୀ ବିହାର
ମହିଳା ସ୍ନାତକ ମହାବିଦ୍ୟାଳୟ ,
କଟକ -୪
ମୋ: ୯୦୪୦୧୫୧୪୭୫

## ସମୟ ଥିଲା ଆମ ଜିଲ୍ଲା ଧାନ, ମିନ ଏବଂ ପାନରେ ଏକ ନମ୍ବର ଥିଲା ଏବେ ନିଶାରେ



ସୁବ୍ରତ କର

ସତରେ ଜିଲ୍ଲାରେ ୨୫ଲକ୍ଷ ଲୋକଙ୍କ ପାଇଁ ଏକ ଲଜ୍ଜାକର ବ୍ୟାପାର। ଯେଉଁ ଜିଲ୍ଲା ଫକୀରମୋହନଙ୍କ, ରାଧାନାଥ ରାୟଙ୍କର ଏବଂ ମନୋଜଦ ଦାସଙ୍କର ସେ ଜିଲ୍ଲା ଏବଂ ନିଶା କାରବାରରେ ଏକ ନମ୍ବର। ଯେଉଁ ଜିଲ୍ଲାରେ ୧୮୨୮ ମସିହାରେ ପ୍ରଥମ କରି କଲେକ୍ଟର ଶାସନଭାର ନେଇଥିଲେ ସେ ଜିଲ୍ଲାରେ ଶାସନ ହୁଗୁଳା। କେହି କିଛି ବୁଝିବାର ନାହିଁ ବା ଦେଖିବାର ନାହିଁ କାରଣ ଶାସନର ମୁଖିଆମାନେ ସେମାନେ ବାହାରୁ ଆସନ୍ତି ବର୍ଷେ ବା ଦୁଇବର୍ଷ ପାଇଁ ଏବଂ ଜିଲ୍ଲାରେ ଥିବା ଓଜନଦାର ନେତା ବା ମନ୍ତ୍ରୀଙ୍କୁ ଧରି ସମୟ ବିତାଇଦେଲେ ଗଲା। ଏହାର ଗୋଟିଏ ମୂଳ କାରଣ ହୋଇପାରେ ଟଙ୍କା ଲେନଦେନ। ଏହି ନିଶା କାରବାରରେ କୋଟି କୋଟି ଟଙ୍କାର କାରବାର ଏବଂ ଲେନଦେନ୍ ହୋଇଥାଏ ବୋଧହୁଏ ଏଇଥିପାଇଁ ଏହି ସୁଯୋଗକୁ କେହି ହାତଛଡ଼ା କରିବାପାଇଁ ଚାହାନ୍ତି ନାହିଁ। ପ୍ରଶ୍ନ ଉଠୁଛି, କିଛି ଲୋକଙ୍କ ପାଇଁ ସ୍ୱାର୍ଥ ପାଇଁ ସାରା ଜିଲ୍ଲା ଆଜି ବଦନାମ ତାଲିକାରେ। ଏହାକୁ ମଧ୍ୟ ଆମ ନେତା,ମନ୍ତ୍ରୀମାନେ ସହିଛନ୍ତି ଏବଂ ସେମାନଙ୍କୁ କିଛି ଫରକ୍ ପଡ଼ିବାର ନାହିଁ। ଦଳକୁ ଚାନ୍ଦା ଆସିଲେ ହେଲା।

ଏବେ ଆସିବା ଆମ ଜିଲ୍ଲା କେଉଁ ଭାବରେ ନିଶାରେ ଏକ ନମ୍ବର ହେଲା ତାହା ଦେଖିବା। ରାଜ୍ୟର ଅବକାରୀ ରିପୋର୍ଟକୁ ତର୍ଜମା କରିଲେ ଦେଖିବା ଯେ ଆମ ଜିଲ୍ଲା ସହିତ ମୟୂରଭଂଜ ଏବଂ ରାଉରକେଲା ବେଶି ଚୋରା ଦେଶୀ ମଦ ଜବତ ହୋଇଛି। ଏହି କାରବାର ଏହି ବର୍ଷ ୧୦୮ ପ୍ରତିଶତ ବୃଦ୍ଧି ପାଇଛି। ସବୁଠୁ ଉଦବେଗର କଥା ହେଉଛି ୩୪ କୋଟିରୁ ଅଧିକ ଟଙ୍କାର ବ୍ରାଉନସୁଗାର ଜବତ୍ ହୋଇଛି ଏବଂ ୧୭୨୭ଟି ମାମଲାରେ ୨୦୬୯ଜଣଙ୍କୁ ଗିରଫ କରାଯାଇଛି। ଏବେ ଟିକିଏ ରାଜ୍ୟରେ ହେଉଥିବା ନିଶା କାରବାର ବିଷୟରେ ଜାଣିବା। ରାଜ୍ୟର ଅବକାରୀ ରିପୋର୍ଟ ଅନୁସାରେ ୨୦୨୩-୨୪ ଆର୍ଥିକ ବର୍ଷରେ ନିଶା କାରବାର ଅତିମାତ୍ରାରେ ବୃଦ୍ଧି ପାଇବାର ପରିଲକ୍ଷିତ ହୋଇଛି। ଅବକାରୀ ବିଭାଗ ୩୬୩ କୋଟି ଟଙ୍କାର ବିଭିନ୍ନ ନିଶା ଦ୍ରବ୍ୟ ଜବତ କରିଛି। ଏହାପାଇଁ ବିଭାଗକୁ ୭୦ ହଜାର ମାମଲା ରୁଜୁ କରିବାକୁ ପଡ଼ିଛି ଏବଂ ପାଖାପାଖି ୫୭ ହଜାର ବେପାରୀଙ୍କୁ ଗିରଫ କରିବାକୁ ପଡ଼ିଛି। ପ୍ରାୟ ୧୮୦୦୦ ହଜାର ମାମଲାରେ ୧୫୦୦୦ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିବାକୁ ପଡ଼ିଛି। ସେହିପରି ଆମେ ଯଦି ଦେଖିବା ୨୦୨୨-୨୩ ଅବସ୍ଥା ନିଶା କାରବାର ସଂକ୍ରାନ୍ତ ମାମଲା ସଂଖ୍ୟା ୬୦୪୧୭ ଥିଲା ଏବଂ ୨୦୨୩-୨୪ରେ ଏହି ମାମଲା ବଢ଼ି ୭୦୬୬୩ରେ ପହଂଚିଛି। ୨୦୨୨-୨୩ରେ ୪୮୯୯୨ଜଣ ଗିରଫ ହୋଇଥିବାବେଳେ ୨୩-୨୪ ବର୍ଷରେ ଏହି ସଂଖ୍ୟା ବଢ଼ି ୫୭୩୯୫ ଜଣଙ୍କୁ ଜେଲ ହାଜତକୁ ପଠାଯାଇଛି।

ଏବେ ସାଧାରଣ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବାରୁ ଏଭଳି ମାମଲା ଓ ଗିରଫଦାରୀ ଆଗକୁ ବଢ଼ିବାର ସମ୍ଭାବନା ଅଧିକ ରହିଛି। ଏହାକୁ ରୋକିବା ପାଇଁ ବିଭାଗ ତରଫରୁ ପ୍ରତି ଜିଲ୍ଲାରେ ସ୍ପେଶାଲ ସେଲ ମନିଟରିଂ କରିବାପାଇଁ ବିଶେଷ ବ୍ୟବସ୍ଥା କରାହୋଇଛି। ଏହି ପଦକ୍ଷେପ ବଳରେ ସତରେ କଣ ନିଶା କାରବାର ଜିଲ୍ଲାମାନଙ୍କରେ କମିଯିବ? ଅସମ୍ଭବ। ଏକମାତ୍ର ବାଟ ହେଉଛି ଯେଉଁମାନଙ୍କୁ ଦଣ୍ଡାଦେଶ ହେଉଛି ସେମାନେ ଖୁବ୍‌ଶୀଘ୍ର ବେଲ ନେଇ ଛାଡ଼ ପାଉଛନ୍ତି ଏବଂ ଏହି କାରବାରରେ ମୁଖିଆମାନେ ଏହି କାର୍ଯ୍ୟଟିକୁ କରୁଛନ୍ତି। ଯଦି ମୁଖିଆମାନଙ୍କୁ ଧରି ଜେଲରେ ପୁରାହୋଇପାରନ୍ତା ବା ଦଣ୍ଡାଦେଶକୁ ଶକ୍ତ କରାହୋଇପାରନ୍ତା (ଖୁବ୍ କମରେ ୧ ବର୍ଷ ପର୍ଯ୍ୟନ୍ତ ଜେଲ ନମିଳନ୍ତା) ତେବେ ନିଶ୍ଚିତ ଭାବରେ ଆମ ଜିଲ୍ଲା ସହିତ ସାରା ରାଜ୍ୟକୁ ନିଶାର କବଳରୁ ରକ୍ଷା ହୋଇପାରନ୍ତା।




### କିଏ ମୋ ପ୍ରେମିକା

**ରମାକାନ୍ତ ଦାସ**

ଜାଣିନି କିଏ ମୋ ପ୍ରେମିକା
ଯାହାକୁ ମୁଁ ସଜେଇଛି
ମୋ କାହାଣୀର ନାୟିକା ।
ସେ ଆସେ ମୋ ସ୍ୱପ୍ନରେ
ସେ ହସେ ମୋ ନିଦରେ
ନିଃଶବ୍ଦ ରାତିର ଝଙ୍କାରରେ
ସେ ମତେ ଭିଜାଏ
ତା ପ୍ରେମର ବର୍ଷାରେ
ମୁଁ ନିତି ଦେଖେ ତାକୁ
ଜହ୍ନର ଚୋପା ଆଲୁଅରେ
ଅମାବାସ୍ୟା ପରର ଚାନ୍ଦିନୀରେ
ଭଲଲାଗେ ତା ଭାବନାରେ ହଜିବାକୁ
ଭଲଲାଗେ ତା ପ୍ରେମରେ ଭିଜିବାକୁ
ତା ଆସିବାରେ
ହୃଦୟ ବେଳାଭୂମିରେ
ମାଡ଼ି ଆସେ ଲହରୀ
ସାଥିଟିଏ ସେ ମୋ ପ୍ରତିଟି ମୁହୂର୍ତ୍ତର
ନାୟିକା ସେ ମୋ
ଅସମାପ୍ତ କାହାଣୀର
ପ୍ରେମ ଆମର ରହିବ ଅମର ।
ଜାଣେନା ମୁଁ କିଏ ମୋ ପ୍ରେମିକା
ବାସ୍ ଏତିକି ଜାଣେ
ମୋ ଅଜଣା ପଥର
ସେ ପରିଚିତା ନାୟିକା ।

+ନନ୍ଦିଗ୍ରାମ , ନାଉଗାଁ,
ଜଗତସିଂହପୁର
ମୋ - ୯୬୬୮୮୧୫୩୬୯

### ପତ୍ନୀ

**କୀର୍ତ୍ତନ ସାହୁ**

ତମ ସହନଶୀଳତାର
ସୀମା ପରଖୁ ପରଖୁ
ମୁଁ କ୍ରୁରତାର ସୀମା ସରହଦ
ପାର ହେଇ ଯାଏ
ତମେ ବେଶ୍ ସ୍ଥିର ପୂର୍ବବତ
ତମ ଧୈର୍ଯ୍ୟର ପରିସର
ମାପୁ ମାପୁ
ମୁଁ ବରଂ ଅବଶ ହେଇପଡେ
ତମେ ଏକଦମ୍ ନିର୍ବିକାର
ତମେ ମୋ ଚିନ୍ତନର
ବେଶ୍ ଉପରେ
ନିରାପଦ ଦୂରତ୍ୱରେ
ବିଚରଣ କରିପାର
ପ୍ରେମ ସୌହାର୍ଦ୍ଦ୍ୟର
ଫୁଲ ଫୁଟେଇ ପାର
ଆମ ପରିବାରର ଉପବନରେ
ମୁଁ ମୋ ନିଜକୁ
ସଠିକ ଆସନରେ ଆସୀନ
କରାଇବାକୁ ହେଲେ
ଦାମ୍ପତ୍ୟ ପୁସ୍ତକକୁ
ଖୁବ୍ ହୃଦୟବତ
ନୂଆ କରି ପଢିବାକୁ ହେବ
ଏବେ ଏବେ ବୁଝିବାକୁ ହୁଏ ।

+ମିଶ୍ର କଲୋନୀ
ଶାଳ ପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧

### ବାପା

**ସତ୍ୟନାରାୟଣ ପ୍ରଧାନ**



ତମେ ଗଲା ପରେ ବଞ୍ଚିବା ଠିକଣା
ଚାହିଁଲେ ପାଉନି ଖୋଜି

ଅଫେରା ବାଟୋଇ ହୋଇଗଲ ବୋଲି
ମୋ ମନ ପାରୁନି ବୁଝି ।

ରାଗୁଥିଲି ଖାଲି ତୁମରି କଥାରେ
ଶୁଣି ନିତି ଉପଦେଶ

କାନ ଦିଅ ମୋଡ଼ି କରିଛି ଅପେକ୍ଷା
କ୍ଷମା କର ଥିଲେ ଦୋଷ ।

ବୁଢ଼ା ଆଙ୍ଗୁଠିକୁ ବାଟ ସାରା ଧରି
ବୁଲିଛି ମେଳଣ ଯାତ

ଥଣ୍ଡା ଜର ହେଲେ ଶୋଇଛି
କୋଳରେ
ନିଦରେ ଉଣ୍ଡାଳି ହାତ ।

ଯେବେ ପାଖେ ଥିଲ ପୃଥିବୀ ନିଜର
ମୃତ୍ୟୁକୁ ନଥିଲା ଭୟ

ତୁମ ବିନା ଏବେ ସ୍ୱପ୍ନ ଲାଗେ ଶତ୍ରୁ
ଘଟିଛି ବୋଧେ ବିଳୟ ।

ଦିଅ ଭରି ମନେ ଅସୀମ ଶକତି
ଅଦୃଶ୍ୟରେ ପଛେ ରହି

ମୋ ମନ ବଳୟ ମଧ୍ୟରେ ରହିଛ
ଜାଣିବି ଅବୁଝା ମୁହିଁ ।

କୃପା ଦିଅ ଢାଳି ଯେତେ ଦୂରେ ଥାଅ
ମୁଁ ତୁମ ପାଗଳା ପୁଅ
ଆର ଜନମରେ ବାପା ହେବ ମୋର
ପୋଛି ଦେଇ ଆଖି ଲୁହ ।

♥ସା /ପୋ - ଅଣ୍ଡିଆ,
ଭାୟା /ଥାନା - ଜେନାପୁର,
ଜିଲ୍ଲା - ଯାଜପୁର-୭୫୫୦୨୩
ମୋ -୯୧୭୮୩୧୩୬୪୪

## ଗୋଟିଏ ଉଦାସ ରାତିର ଡାଏରୀ

### ଯୋଗେଶ ଦାସ



ରାତ୍ରୀ ଘନରୁ ଘନତର ହେଉଥାଏ।
ସମୁଦ୍ରର ଛାତିଫଟା ଦୀର୍ଘଶ୍ୱାସ
ମାପିବା କାଠିକର।
ସୁଚାରୁ ରୂପେ ସମ୍ପନ୍ନ ହେଇପାରିଥାନ୍ତା
ଅଥଚ ହେଇପାରିଲା ନାହିଁ -ହିଁ ଦୀର୍ଘଶ୍ୱାସର
ହେତୁ।
- ପ୍ରଶ୍ନ ବି ଆବାନ୍ତର ନୁହେଁ :
ସମ୍ପନ୍ନ ହେଇଥିଲେ କଣ ଟା ଆଉ
ହେଇଯାଇଥାନ୍ତା,
ଆସନ୍ତା ସକାଳର ସୂର୍ଯ୍ୟଟା କଣ
ପାଉଁଶ କରିଦେଇଥାନ୍ତା ପୃଥିବୀକୁ ?
ଆକାଶଟା କଣ କତରାକତରା ହେଇ
ଭାସିଯାଇଥାନ୍ତା ସମୁଦ୍ରରେ ?
ଉତ୍ତରଖାତାରେ ଶବ୍ଦମାନେ
ନିରବ, ଦୁଃଖିତ, କ୍ରୋଧିତ, କାତର ।
ଅକ୍ଷର ମାନେ ଅଶ୍ଳୀଳ
ନିପୁଣ ମନ୍ତବ୍ୟ :
ଦୁଃଶାସନଟା ଅଯୋଗ୍ୟ
ଅସମୀଚୀନ ନୁହେଁ ପାଲଟା ପ୍ରଶ୍ନ -
: କେଉଁ ବୀର ତାହେଲେ ସୁଯୋଗ୍ୟ ?
- ଦାୟିତ୍ୱ ମିଳିଥିଲେ ହୁଏତ...!
: କୃଷ୍ଣଙ୍କର ଅଚାନକ ସହାୟତା
ଅଣସଂବିଧାନିକ ନୁହେଁ କି ?
ହସ ସମ୍ବରଣ କରିବା ଦୂରୁହ ଏଠି ।
ରାତ୍ରୀ ଶିହରିତ ହେଉଥିଲା....
ନିବିଡ଼ରୁ ନିବିଡ଼ତର
ଟିଭି ପରଦା ବାହାରେ.....
ଦୁର୍ଯ୍ୟୋଧନ,ଜୟଦ୍ରଥ ମାନଂକର
ବିପୁଳ କୋଳାହଳ
ଆର୍ତ୍ତନାଦ
ପରସ୍ପର ବସ୍ତ୍ର ବିଦାରଣ
ବଳତ୍କରଣ........
ସ୍ୱୟମ୍ବରା ରାତ୍ରୀର ଗାଢ଼ କାଳିମା !
ନିସ୍ତେଜ କୁଆଁତାରା ତା'ର ଲାଜ ଲୁଚଉଥିଲା
ଖୁବ୍ ସନ୍ତର୍ପଣରେ !

❤ ଶୂନ୍ୟନୀଡ, ସୋର,ବାଲେଶ୍ୱର
ମୋ: ୮୨୬୦୬୯୭୮୭୮

## ଶବ୍ଦବୋମା

### ଝରଣା ଦାସ



କାଲି ବାଘ ବି
ଆଖି ଉଠେଇ ଚାହୁଁ ନଥିଲା
ଆଜି ପକ୍ଷୀଟିଏ ସୁଧା
କିଚିରି ମିଚିରି ଶବ୍ଦର ସ୍ୱର ତୋଳି
ତା' ଥଣ୍ଟ ରଗଡ଼େ
ମୋ ଝରିକଡ଼ରେ ।

ଯୁଆଡ଼େ ଚାହିଁଲେ
ହତାଶର ହାୟ ଭିତରେ
ଯେମିତି ମୁଁ ଏକଲା ଅଭିମନ୍ୟୁ
ଚକ୍ରବ୍ୟୁହରୁ ବାହାରିବାର
ବାଟ ଶିଖି ନଥିବା
ଗୋଡ଼ ମୋ ଫଶାଇ ଦେଇଛି
ସଂସାର ଯନ୍ତ୍ରଣା ଯନ୍ତା ଭିତରେ ।

ଖୁବ୍ ଲଢ଼େ ନିଜ ସହ
ଶବ୍ଦବୋମା ଫିଙ୍ଗେ ଆହତ କରି
ଫଣା ଟୋଳୁଥିବା ଆତ୍ମୀୟ ଅତିଥି
ଆଖପାଖର ପଡ଼ୋଶୀଙ୍କୁ
ଯେତିକି ମାତ୍ରାରେ ରକ୍ତାକ୍ତ ହେଇ
ଛଟପଟାଏ ମୁଁ ନିଜ ଭିତରେ ।

ଯଦିଓ ଆଜନ୍ମ ନଥିଲା ଏ ମୋ ପ୍ରକୃତି
ମୋତେ କହିଲେ କାଟୁଛି ଯେତିକି
କହିବି ଯାହାକୁ ମୁଁ, କାଟିବ ତାକୁ ସେତିକି
ଏମିତି ଏକ ବାକ୍‌ସଂଯମର ଧର୍ମ
ପାଳୁଥାଇ ମନକୁ ।

ସବୁବେଳେ ତୁମେ କହୁଥିବା
ସେଇ ଗୋଟେ କଥା
କାହାକୁ ତ' ବଳପାଇବନି
ସବୁଯାକ ରାଗ ତୋର
ଆସି ଝଡ଼େଇବୁ ମୋରି ଉପରେ
ଆଜି ସଜାଇ ଦେଇଛି
'ଶବ୍ଦବୋମା' ମୋତେ ।

କେଉଁ କାଳର ସୁପ୍ତ ଆଗ୍ନେୟଗିରିଟି
ଆଜି ଜୀବନ୍ତ ପାଲଟିଲା ପରେ
ଇନ୍ଧନ ରୂପରେ
ଯିଏ ଯେତିକି ଶବ୍ଦ ଫିଙ୍ଗୁଛି
ମୋ ଉପରକୁ
ମନ ମାପରେ ତଉଲି
ମୁଁ ସେତିକି ମାତ୍ରାରେ ଲାଭା ଉଦ୍‌ଗାରି
ଛାଟୁଚି ବି, ତା' ଉପରକୁ ।

ମଣିଷ କି ପଶୁ ଛାଡ଼ ବହୁତ ବଡ଼କଥା
ଏଡ଼ିକି ଛୋଟିଆ ପକ୍ଷୀଟିଏ ସୁଧା
ବର୍ତ୍ତୁନି ବି ଆଜି
ମୋ ଆଖି ରୋଷର ନିଆଁରୁ ।

❤ କଲ୍ୟାଣନଗର, ଅଙ୍ଗାରଗଡ଼ିଆ,
ବାଲେଶ୍ୱର -୭୫୬୦୦୧
ମୋ : ୮୩୪୨୮୫୬୦୦୧

## କବିର ଯନ୍ତ୍ରଣା

### ପ୍ରଭାକର ସାହୁ



ଗଦାଏ କବିତା ଲେଖିଲିଣି ମୁହିଁ, ଶୁଣିଣ କବିତା ମୋର
ଶ୍ରୋତାଏ କହିଲେ ବହିଟିଏ କର, ହୋଇବ ଯଦି ଅମର ॥
ଅମର ହେବାକୁ ମନ ମୋ ବଳିଲା, ପ୍ରକାଶକ ପାଖେ ଗଲି
ବହିଟିଏ କୁହ କିପରି କରିବି, ଅମର ହେବି ମୁଁ ବୋଲି ॥

ତନ୍ନତନ୍ନ କରି ବୁଝାଇ କହିଲେ, ପ୍ରକାଶକ ବନ୍ଧୁ ମୋର
ପରସ୍ତ ପରସ୍ତ ମିଶାଇ ଦେବାରୁ, ହେଲା ତିରିଶ ହଜାର ॥
କିଛିକ୍ଷଣ ପାଇଁ ନିରବି ଗଲି ମୁଁ, ଘୂରିଗଲା ମୋର ମଥା
ଆଁ ଟିଏ କରି ଚାହିଁ ସେ କହିଲେ, କହୁନାହଁ କିଆଁ କଥା ॥

କାଗଜପତର ଦର ବଢ଼ିଲାଣି, ଜି.ଏସ୍.ଟି.ଦେବାକୁ ହେବ
ମାନ ଦେଖି ପୁଣି କାଗଜ କିଣିଲେ, ଅଧିକ ହିସାବ ହେବ ॥
ପ୍ରୁଫ୍ କରେକ୍‌ସନ୍, ଡିଟିପି, ମୁଦ୍ରଣ ସେ କାମ ବି ଅଛି ମୋର
ମୁଖବନ୍ଧ, ପୁଣି ଚିତ୍ରିତ କରିଲେ, ଅଧିକ ଖରଚ ତା'ର ॥

ଉପର ମଲାଟ, ଅଲଗା ହିସାବ, ସାଦା ନା ବନ୍ଧେଇ ତାହା
ବହି ପରିମାଣ, ସହିତ ମୁଦ୍ରଣ, ସମୀକ୍ଷକ ନେବେ ଯାହା ॥
ଉନ୍ମୋଚନ ଖର୍ଚ୍ଚ ପୁଣି ତ ରହିଛି, ହିସାବ କରିନି ମୁହିଁ,
ଅତିଥିମାନଙ୍କୁ ଆମନ୍ତ୍ରଣ କଲେ, ଯିବେ ଗସ୍ତଖର୍ଚ୍ଚ ନେଇ ॥

ପଚାରିବେ ଆଗ ବନ୍ଧୁ ପରିଜନ, ଟିଫିନ୍ ନା ଅନ୍ୟ କିଛି,
ଫୁଲତୋଡ଼ା, ବ୍ୟାଚ୍, ଧୂପ, ଚାହା, ପାଣି, ମଞ୍ଚ ଖରଚ ବି ଅଛି ॥
ସାମ୍ବାଦିକ ବନ୍ଧୁ ଜମା ଛାଡ଼ିବେନି, ଯାହା ଦିଅ ପାଖେ ଅଛି,
ମାଗଣାରେ ବହି କିଛି ନ ବାଣ୍ଟିଲେ, ବନ୍ଧୁ ଯିବେ ରଷି କିଛି ॥

କେତେ ଖଣ୍ଡ ବହି ଛାପିଲେ ଅମର, ହୋଇବି ଏହି ମରତେ,
ତିରିଶ୍, ତିରିଶ କେଉଁଠୁ ଆଣିବି, ରହିଅଛି ମୁଁ ଚିନ୍ତିତେ ॥
କବିର ଯନ୍ତ୍ରଣା ଅକୁହା ବେଦନା, ଘାରିଛି ମନରେ ମୋର,
ବହି ଛପା କାର୍ଯ୍ୟ, ରଖିଛି ସ୍ଥଗିତ, ନ ହୁଏ ପଛେ ଅମର ॥

❤ ମୁଖୁରା, ଗୋବିନ୍ଦପୁର, ରେମୁଣା, ବାଲେଶ୍ୱର
(ମୋ) ୯୧୭୮୭୫୪୨୮୪



## ଏକା ଏକା ବସନ୍ତ

### ବିପ୍ଳବ



ଇଟା ଭାଟିରେ ସିଝୁଥିବା
ରେବ ହେନ୍ତାଳ ସୁଖ ପରି
ଅଦୃଶ୍ୟ ବସନ୍ତ
ସୁନା ଭାଉ ପରି
ଭାଉ ଖାଉଛି ଶୀତଳ ପବନ
ପଦୁ ପଣ୍ଡାର ମାଟ୍ରିକ ଫେଲ୍
ପୁଅ ପରି ବୋଲ ମାନୁନି ଉତ୍ତାପ
ଝାମୁ ଯାତ ରଡ଼ ନିଆଁରେ
ଚଇତ୍ରକୁ ସନ୍ନିପାତ ।

ନାଁ କୁ ମାତ୍ର ତୋଟା
କାଁ ଭାଁ ଆମ୍ବ ଗଛ
ଚଣା କାଖେଇବା ଆଗରୁ
ହନୁ ନାଚରେ ବଉଳ ନିପାତ।

ବସନ୍ତ ଏବେ ଆଉ ଲାଗୁନି
ଛଳ ଛଳ ଛଇଳି କିଶୋରୀ
ଜିଏସଟିର ଅତ୍ୟାଚାର ପରି
ମେଞ୍ଚା ମେଞ୍ଚା ଅସହଣି ଖରା
ପଳାଶ ବନରେ ସିନା ରଙ୍ଗର ରୋଷଣୀ
ମୋ ଭିତରେ ବିରହର ଜ୍ୱାଳା।

❤ ମକୁନ୍ଦ ପୁର, ବାଙ୍କୀ : ୭୫୪୦୦୮
ମୋ: ୯୪୩୭୪୬୮୦୧୬

## ସର୍ବହରା ବର୍ଗ

### ଲିଜା ପଣ୍ଡା



ସମାଜ ଗଢିଛି ସର୍ବହରା ବର୍ଗ
ଦଳିତ ବୃନ୍ଦଙ୍କୁ ନେଇ
ଅନଭିଜ୍ଞ ଏହି ମାନବ ସମାଜ
ବାସ୍ତବତା ଭୁଲିଯାଇ ।

ଜାତି ପ୍ରଜାତିରୁ କି ଲାଭ ପାଇବ
ଏକା ମନୁଷ୍ୟ ଜାତି ତ ସେହି
ଆଜି ପ୍ରକୃତି ସାଜିଛି ସର୍ବହରା ବର୍ଗ
ତାକୁ ପଚାରୁନି କେହି ।

ଦଗ୍ଧିଭୂତ ଏଠି ପଞ୍ଚଭୂତର ସମଷ୍ଟିର କାୟା
ପ୍ରଦୂଷଣର ଜ୍ୱାଳାରେ
ଆକାଶ, ପୃଥିବୀ, ଅଗ୍ନି, ବାୟୁ, ଜଳ
ପୀଡ଼ିତା ସାଜିଛି
ମାନବର କ୍ରୂର ଶାଳାରେ ।

ନିସ୍ତବ୍ଧ ହୋଇଛି ଆକାଶଟା ଆଜି
କ୍ଷେପଣାସ୍ତ୍ର ଭଳି ଯାନରେ
ଧଳାର ଚାଦର ଓଢିଛି ପୃଥିବୀ
କଳକାରଖାନା ଧୂମରେ ।

ଅଗ୍ନି ରୂପୀ ଶକ୍ତି ଖେଳନା ସାଜିଛି
ଆଗ୍ନେୟଗିରି ଲାଭାରେ
ବାୟୁ ଜଳ ସଙ୍ଗେ ରସାୟନ ମିଶି
ଉପଲବ୍ଧ ସବୁ ସଭାରେ ।

ନବଦିଗନ୍ତରେ ଅଜ୍ଞ ରୂପେ ଆଜି
ମାନବ ଦେଇଛି ଭେଟି
ପ୍ରକୃତିକୁ କରି ସର୍ବହରା ବର୍ଗ
କରେ ଜାତି ପ୍ରଜାତିର ଖଟି ।

❤ କେନ୍ଦ୍ରାପଡ଼ା, ତରାଣ୍ଡୋ

## ପିଲାଦିନ

### ଦିନେଶ ମେହେର

ବହୁ ଚେଷ୍ଟା କରିଛି;
ବୟସର ନାଆରେ ପାରି ହେଲାବେଳେ
ସେପାରିରେ ଛାଡି ଆସିଥିବା
ହଜିଲା ସ୍ମୃତି ସବୁ ଫେରେଇ ଆଣିବାକୁ,
ଆଜି ବି ଆକାଶରେ ସେଇ ଜହ୍ନ
ସେଇ ଉଜ୍ଜଳ ତପନ
ଆଉ ଅଗଣିତ ନକ୍ଷତ୍ର ପୁଞ୍ଜ
ଶୋଭା ପାଏ, ପୁଣି ଗୋଧୂଳିର ସଞ୍ଜ ସାଥେ
ନଇ ସେପାରି କାନ୍ଦୁଳ ଡଙ୍ଗରରୁ
ମୁଠା ମୁଠା ଖଦ୍ୟୋତ ,
ଉଡ଼ି ଆସନ୍ତି ଏପାରିକୁ
ସ୍ୱପ୍ନ ସବୁ ସାଉଁଟିବା ପାଇଁ!
ଲାଗେ, ସେ ଦିନ ଆଉ
ଏ ଦିନ ଭିତରେ 'ରକ୍ କିଛି ରହିନି,
କିନ୍ତୁ ବେଳେ ବେଳେ ଭାରି କଷ୍ଟ ଦିଏ
ହଜିଲା ଦିନର ହଜିଲା ଅତୀତ,
ନା ଭୋକ, ଶୋଷ ଅବା
ଦୁନିଆ ଝିନ୍‌ଝଟ୍ କିଛି ତ ନଥିଲା
କେବଳ ପାଖରେ ରହିଥିଲା
ପେନ୍ଥା ପେନ୍ଥା ଆଶା,
ସ୍ୱପ୍ନ ର ସଉଦା କରିବା ପାଇଁ
ରହିଥିଲା ନିରୀହ କଅଁଳ ଆଖି ଯୋଡେ!

ଦିନ ପରେ ରାତି, ରାତି ପରେ ଦିନ
ଏଇ ସମୟ ଯାତ୍ରାର
ଅଭେଦ୍ୟ ରହସ୍ୟ ବୁଝୁ ବୁଝୁ
ଲାଗୁଥିଲା, କାସ୍! ଏ ଦିନ ସବୁ ଶୀଘ୍ର
ବିତି ଯାଆନ୍ତା କି,
ଚାଲି ଆସନ୍ତା ନୂତନ ଯୌବନ,
ନା ଥାଆନ୍ତା ସ୍କୁଲରେ ପାଠପଢାର ଚିନ୍ତା
ଅବା ବେତ ମାଡ଼ର ବ୍ୟଥା!
ଦେଖ, ବେଦରଦୀ ସମୟର ଦାଉ;
ଆଜି ସେଇ କଳ୍ପିତ ଦିନ ସବୁ
ଆଖି ସାମ୍ନାରେ ବିଛେଇ ହୋଇପଡିଛି
ପତ୍ର ଝଡ଼ା ଋତୁର ଶେଷ ପର୍ଯ୍ୟାୟରେ,
ସେଇ ସ୍ୱପ୍ନ, ସେଇ କୋମଳ ନୟନରେ
ଆଜି କିଏ ଜଣେ ଟାଣି
ଦେଇଛି କଳା ଗାର, ନିଦ ଆଉ ରାତି
ଏବେ ନିଜ ନିଜ ଭିତରେ ଲଗେଇଛନ୍ତି
ତୃତୀୟ ବିଶ୍ୱଯୁଦ୍ଧ,
ସ୍ୱପ୍ନ ସବୁ ଶହୀଦ ହେଇ ପଡ଼ିରହିଛି
ଜୀବନର ରଣଭୂମିରେ, ଏବେ ଲାଗେ
କାହିଁକି ସେଦିନ ଗୁଡ଼ିକୁ ପରିହାସ କରି
ବିତେଇ ଦେଇଥିଲି,
ହଜେଇ ଦେଇଥିଲି
କେଉଁ ଅତଳ ଜଳଧି ଭିତରେ,
ଏବେତ ବହିଗଲା ପାଣି
ମିଶି ଗଲାଣି ସାଗର ଗର୍ଭରେ,
କେମିତି ଅବା ଅଲଗା ହେଇ ପାରିବ
ଲୁଣିଆ ପାଣିରୁ
ଯେତେକ ସବୁ ମଧୁର ଜଳ,
କେମିତି ଅବା ଚେତେଇ ଦେଇ ପାରିବ
ଶୋଇଗଲା ସବୁ ଅତୀତ।

❤ ସ୍ନାତକ ( ଇତିହାସ ବିଭାଗ)
ଭବାନୀପାଟଣା, କଳାହାଣ୍ଡି

## ନିର୍ବାଚନ

### ସୁଜିତ କୁମାର ମିଶ୍ର



ତାତିର ଅନଳେ ଦେହ ମନ ପ୍ରାଣ ଥରୁଛି ଏକାନ୍ତେ ବସି,
ନିର୍ବାଚନ ତାତି ନିତି ବଢ଼ାଉଛି ନବୀନ ନଶ୍ୱର ଖୁସି ।
ଜନତା ନେତାର ବସନ୍ତ ମିଳନ ଜହ୍ନରାତି ଅଗଣାରେ,
ଅପହୃତ ସବୁ ତିକ୍ତତା ତିମୀର ଅଭିନୟ ଗଜରାରେ ।

ନୀରବେ ବର୍ଷୁଛି ନିସୀମ ସ୍ୱାର୍ଥରେ ମିଠା ନିର୍ବାଚନୀ ଥୋପ,
ପ୍ରତିଶ୍ରୁତି ବାଣ ସମ୍ପୂର୍ଣ୍ଣ ନୋହିଲା ପାପଭରା ଲଲିପପ୍ ।
ଦ୍ୱାର ଦ୍ୱାର ବୁଲି ନେତାଙ୍କର ଭିକ ଦରଦୀ ବନ୍ଧୁର ବେଶେ,
କୁଟିଳ ହସର ସାଗର ଜୁଆରେ କୋଟି ସ୍ୱାର୍ଥ ପରକାଶେ ।

ଡହକ ବିକଳ ସିଂହାସନ ପାଇଁ ଡାଳ ଡିଆଁ ନେତାଙ୍କର,
କାଲି ମରୁବନ ଆଜି ମହୋତ୍ସବ କରୁଣାର କର୍ମବୀର।
ମନ ଆକାଶଯେ ତାରାଫୁଲ ଭରା ମଦିରାର ମଧୁନିଶା,
କ୍ଷମତା କ୍ଷୁଧାର ରଙ୍ଗୀନ ପୋଷାକ ଖଗପତିଙ୍କର ଆଶା ।

ଜିଣିପାରେ କେହି କପଟପାଶାରେ ଜମକରେ ନିର୍ବାଚନ,
ଆପଣା ଭିତରେ ସିଏ ଚିରକାଳ କିନ୍ତୁ ଅନ୍ଧକାରଚ୍ଛନ୍ନ ।

❤ ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ: ୭୬୮୩୮୬୭୭୪୨

## ଶକ୍ତି ସ୍ୱରୂପା

### ଗୀତାଞ୍ଜଳି କର



ମାଆଗୋ ତୁମେ ସୃଷ୍ଟିର ଆଦ୍ୟ ଝଙ୍କାର
ଓଁକାର ବିନ୍ଦୁରେ ବିରାଟ ସ୍ୱରୂପା
ଅନନ୍ତ ଶକ୍ତିମୟୀ
ପ୍ରାଣ ଦାୟୀ ସକଳ ଜୀବରେ
ପୁଣି ମମତାର ବନ୍ଧନେ
ଭରିଛ ତ ତ୍ରିସନ୍ଧ୍ୟାର କୋଣ ଅନୁକୋଣେ
ମାତୃତତ୍ତ୍ୱର ଅମୃତ ଅନୁଭବ
ଅପୂର୍ବା ଅପରୂପା ତୁମେ
ସବୁ ଅପୂର୍ଣ୍ଣତାରେ ପୂର୍ଣ୍ଣତାର ସିଦ୍ଧିଟିଏ
ଅପ୍ରାପ୍ତିର ବଳୟରେ ପ୍ରାପ୍ତିର ପୁଣ୍ୟତୋୟା
ସବୁରି ସ୍ପନ୍ଦନ ତୁମେ ସର୍ବେ ପାବନୀତ
ତୁମ ପାଦାମୃତ ଝରେ
ସଂଘାରିଛ ବୋଲି ଦୁର୍ଗମାକୁ
ତୁମେ ପରା ଦୁର୍ଗତି ନାଶିନୀ
ଏବେ ଆସି ଦେଖିନିଅ
ଭ୍ରଷ୍ଟାଚାରୀ ଦୁରାଚାରୀ ଅସୁରମାନଙ୍କୁ
ହେ ତ୍ରିନେତ୍ର ଧାରିଣୀ
ନିଃସ୍ୱ ମନର ଆତଙ୍କ ହଟାଇ
ଥାପି ଦିଅ ପୁନଃ ଶାନ୍ତି ମୈତ୍ରୀ
ଆସକ୍ତିର ଧ୍ୱଜା ଉଡେ
ଅସାଧୁର ମହାମେଂଟେ, ସ୍ୱାର୍ଥପର ଭାବନାରେ
କିଏ ବା ବୁଝିବ ଗରିବର ଦୁଃଖ ଶୋକ
ଏ କଳିକାଳରେ
ମାଆ ଭଗବତୀ ଦୁଷ୍ଟ ସଂହାରିଣୀ
ଆସ ଧରାଧାମେ ଏଇ ଚରମ ବେଳାରେ
ଶାନ୍ତି ସଦଭାବନା ଜାରିରହୁ ଭବେ
ତୁମ ଦିବ୍ୟ ଅନୁଗ୍ରହେ ।

❤ ଜଗତପୁର, କଟକ
ମୋ:୭୦୦୮୯୪୭୫୨୬

## ସପନଲୋକ ଗୋପନ ପୁର

### ଡ. ଅନିଲ ନନ୍ଦ



ସେତିକି ନିସ୍ତବ୍ଧତାରେ
ଜମାଟ ବାନ୍ଧି ଆସୁଥାଏ ପରମ ଆନନ୍ଦ
ଭାବିନିଅ ସେଇସବୁ ନିର୍ବାସନ ମୁକ୍ତି ।

ସମସ୍ତେ ଶୋଇଯିବାପରେ
ନିଘୋଡ଼ ନିଦରେ
ବାଦୁଅ ଅନ୍ଧକାର ମେଂଚେ
ପଶି ଆସେ ଘର ଭିତରକୁ
ଆସ୍ତେ କରି ଆଡେଇ ଦେଇ କବାଟ ।

କୌଣସି ସୂତ୍ରରେ ଛିଣ୍ଡି ନଥିବା
ଗଣିତକୁ ନେଇ କୁହୁଳୁ ଥାଏ ସେତେବେଳେ
ଆଦୌ ଶୋଉ ନଥିବା ପକ୍ଷୀ
ଧିକ୍କାରକୁ ଆପଣାର କରି ସାରିଥାଏ
ତଥାପି ଭାଙ୍ଗି ପଡିନଥିବା ବସା।

ଏତେ ରାତିରେ ଆଜିକାଲି
ଦେବଦୂତମାନେ ଆସନ୍ତିନି ମ
ଲିଭାଇ ଦେବାକୁ
ଜଙ୍ଗଲରେ ଲାଗିଥିବା ନିଆଁ ।

ଧୂଳି ଧୂଆଁର
ଘମାଘୋଟ ଦେଖୁଦେଖୁ
ଶୋଇ ପଡିଥାନ୍ତି
ଅଣନିଃଶ୍ୱାସ ହେଇ
ହଳହଳ ଆଖି
ସେତେବେଳେ ଅନ୍ଧକାର ଜଘନ୍ୟ
ଥାଏ ଏଣେ ତେଣେ ଘରସାରା ।

କେହି ଜଣେ ଡାକେ
ନିୟନ୍ ଆଲୋକମାନେ ଗଢୁଥାନ୍ତି
ମିଥ୍ୟାରେ ବୈକୁଣ୍ଠ
ମିଛ ମୋକ୍ଷ ମିଛ ଉଚ୍ଚୈଶ୍ରବା
ଭିନ୍ନ ଗୋଟେ ପୃଥିବୀରେ
ଶୁଭୁଥାଏ ଜୀବନର ଉଚ୍ଚାଟ
ଧରନିଅ, ଯେମିତି ବସନ୍ତର ମହୋତ୍ସବ।

❤ କ୍ୟାମ୍ପସ -୯, କିଟ୍
ମୋ:୯୯୩୭୮୪୩୩୬୮

## ଅଣାକ୍ଷର

### ସାବିତ୍ରୀ ମଲ୍ଲିକ



ରୂପ ରେଖ ନାହିଁ ପ୍ରଭୁ ଅଣାକ୍ଷର
ଜ୍ୟୋତିର୍ମୟ ସେ ଠାକୁର,
ଚାରିଯୁଗେ ତାଙ୍କୁ ଜପ କରୁଥାନ୍ତି
ବ୍ରହ୍ମା ବିଷ୍ଣୁ ମହେଶ୍ୱର।
ଅଲେଖ ପାଟଣା ପୁରରେ ଘରଟି
ସାଧୁଜନେ ହେତୁ କର,
ଶୂନ୍ୟ ମନ୍ଦିରରେ ବିହାର କରନ୍ତି
ସେଇ ପ୍ରଭୁ ଅଣାକାର।
ନାହିଁତ ଅନ୍ଧାର ନାହିଁତ ଆଲୁଅ
ସତ୍ୟନାମେ ଏକ ଦୀପ,
ଜଳୁଅଛି ପରା ଅଭୟ ମଣ୍ଡଳେ
ଅବର୍ଣ୍ଣନୀୟ ସେ ରୂପ।
ଅବନା ମନ୍ଦିରେ ମହିମା ସାଗରେ
ସେହି ପରା ବ୍ରହ୍ମଚାରୀ,
ଅନାଦି ସେ ବ୍ରହ୍ମ ଏକାକ୍ଷର ଧର୍ମ
ଭକ୍ତଙ୍କୁ ଦେବ ଉଦ୍ଧାରି।
କରେ ମୁଁ ବିନତି ଶୁଦ୍ଧ ରଖି ମତି
ଗୁହାରୀ ଶୁଣିବ ମୋର,
ତୁମରି ସନ୍ତାନ ଅଟେ ବୋଲି ମୁହିଁ
ନାହିଁ କାହାକୁ ମୋ ଡର॥

❤ ଦଶରଥପୁର, ଯାଜପୁର, ଓଡ଼ିଶା

## ପହିଲି ଛୁଆଁରେ...

### ଶ୍ରୀ ସତ୍ୟବ୍ରତ ସାହୁ



ମୁଁ ଯେ ବସନ୍ତର ପହିଲି ଛୁଆଁରେ ନାଲି ଟୁକୁ ଟୁକୁ ପଳାଶ
ତନୁରେ ମୋ' ଆଜି ଭରା ଯଉବନ ମନ ଖୋଜେ ପ୍ରୀତି ଆଭାସ ।(୦)

ମଳୟ ପବନେ ଭରା ପ୍ରଣୟର ମାଦକତା
ଜହ୍ନର ପରଶ ପାଇ ମୁଦି ହୁଏ ଆଖିପତା
ଅମାନିଆ ମନ ମୋର ଅଦିନିଆ ମେଘ ପରି ଖୋଜୁଥାଏ ପୀରତିର ପୀୟୁଷ ।(୧)

ଫୁଲର ସୁବାସେ ଭରା ବାସନାର ମଧୁ ଗୀତି
ମୋ' ହୃଦୟ ପଶରାରେ ବେଦନା ବିଧୁର ସ୍ମୃତି
ହଳଦୀ ବସନ୍ତ ଯେବେ ସାଥି ସହ ଖେଳୁଥାଏ ମନଖୋଜେ ସାଥିଟିର ପରଶ ।(୨)

ପଲ୍ଲୀସାହି, କମାଳପୁର, ଅହିୟାସ, ଯାଜପୁର-୭୫୫୦୩୬
ମୋ- ୯୩୩୮୧୬୫୬୧୯

# ବେତନଟୀ ବୈଶାଖୀ ବିକାଶ ମହୋତ୍ସବ ପାଳିତ




ବେତନଟୀ , ୧୫/୪ (ନି.ପ୍ର): ବେତନଟୀର ଅଗ୍ରଣୀ ମହିଳା ସଂଗଠନ ପଦ୍ମମାଳି ମହିଳା ସଂଗଠନ ପକ୍ଷରୁ ସପ୍ତମ ତମ ଓଡ଼ିଆ ନବ ବର୍ଷ ଓ ବୈଶାଖୀ ବିକାଶ ମହୋତ୍ସବ ବେତନଟୀ ଧର୍ମଶାଳା ଠାରେ ଆଜି ଅନୁଷ୍ଠିତ ହୋଇଯାଇଛି । ଓଡିଶାର ଭାଷା, ସଂସ୍କୃତି ଓ ପରମ୍ପରାର ସୁରକ୍ଷା ନିମନ୍ତେ ଏହି ମହୋତ୍ସବ ଆୟୋଜିତ ହେଉଥିବା ପରିଲକ୍ଷିତ ହୋଇଛି । ପଦ୍ମମାଳି ସଂଗଠନର ସଭାପତି ସଂଯୁକ୍ତା ଜୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି , ସମ୍ମାନିତ ଅତିଥି ଭାବେ ପଦ୍ମମାଳି ସଂଗଠନର ଅଧକ୍ଷା ବୀଣାପାଣି ଦାସ, ସ୍ୱତନ୍ତ୍ର ଅତିଥିରୂପେ ବେତନଟୀ ସମ୍ବାଦ ସାହିତ୍ୟଘରର ସଭାପତି ମନ୍ଦାକିନୀ ସାହୁ, ବେତନଟୀ ବ୍ଲକ ସାମ୍ବାଦିକ ସଂଘର ଉପଦେଷ୍ଟା ଅଜୟ କୁମାର କର, ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବେତନଟୀର ବି କେ ବନିତା ଭଉଣୀ, ସମାଜସେବୀ ଅଞ୍ଜନା ବେହେରା , ବିଶିଷ୍ଟ କବୟିତ୍ରୀ ରମା ମିଶ୍ର ପ୍ରମୁଖ ମଞ୍ଚାସୀନ ରହି ଏହି ସଂଗଠନର କିପରି ଆଗକୁ ବଢିବ ସେଦିଗରେ ନିଜ ନିଜର ବକ୍ତବ୍ୟ ରଖିଥିଲେ । କବି ପର୍ଶୁରାମ ସାହୁଙ୍କ ମଞ୍ଚ ପରିଚାଳନା କରିଥିଲେ । ସର୍ବପ୍ରଥମେ ପଦ୍ମମାଳି ମହିଳା ସଂଗଠନର ପ୍ରତିଷ୍ଠାତା ତଥା ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ରଞ୍ଜନ କୁମାର ମହାନ୍ତିଙ୍କ ଫୋଟରେ ଧୂପ ପୁଷ୍ପ ଅର୍ପଣ କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ପଦ୍ମମାଳି ମହିଳା ସଂଗଠନର ସାଧାରଣ ସମ୍ପାଦିକା ପ୍ରଭାତୀ ମହାନ୍ତି ବାର୍ଷିକ ପାଠ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସମାଜରେ ପ୍ରତିଷ୍ଠିତ କିଛି ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ଆଶିଷ ଦାସ, ଗତିକୃଷ୍ଣ ମହାନ୍ତ, କବି ମନୋଜ କୁମାର ମହାନ୍ତ, କାର୍ଯ୍ୟକାରୀ ସଭାପତି ଗୀତାଞ୍ଜଳି ଭୂୟାଁ, ଜୟନ୍ତୀ ଖଟୁଆ, କୋଷାଧକ୍ଷ୍ୟ ବିନୋଦିନୀ ମହାନ୍ତ, ମିନାକ୍ଷୀ ପରିଡା, ସୁନିତା ଦାସ, ସସ୍ମିତା ଧଳ ମହାନ୍ତ, ମନରମା ସାହୁ, ରଞ୍ଜିତା କର, ମନିଲତା ବଳା, ମିନତୀ ସାହୁ, କବିୟତ୍ରୀ ସୁମତି ମହାନ୍ତ, କୁମୁଦିନୀ ମହାନ୍ତ, ପ୍ରମୁଖ ସହଯୋଗ କରିଥିଲା ବେଳେ ବେତନଟୀ ସମସ୍ତ ସାମ୍ବାଦିକ ତଥା ସମସ୍ତ ସଂଗଠନର ସଦସ୍ୟମାନେ ଉପସ୍ଥିତ ଥିଲେ।

# ବାଲେଶ୍ୱରରେ ପାଳିତ ହେଲା ଜିଲ୍ଲାସ୍ତରୀୟ ୧୩୩ତମ ଡଃ ଭୀମରାଓ ଆମ୍ବେଦକର ଜୟନ୍ତୀ



ବାଲେଶ୍ୱର, ୧୫/୪ (ନି.ପ୍ର): ଆଦର୍ଶ ଆଚରଣ ବିଧି ଅନୁପାଳନ କରିବା ସହ ଆଜି ପୂର୍ବାହ୍ନ ୯ ଘଟିକା ସମୟରେ ସ୍ଥାନୀୟ ବାଲେଶ୍ୱର ଜିଲ୍ଲା ସଦର ମହକୁମାସ୍ଥିତ ସଭାବନା ସଭାଗୃହରେ ଭାରତ ସମ୍ବିଧାନର ପ୍ରଣେତା ତଥା ଭାରତରତ୍ନ ବାବାସାହେବ ଡଃ ଭୀମରାଓ ଆମ୍ବେଦକରଙ୍କ ଜିଲ୍ଲାସ୍ତରୀୟ ୧୩୩ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ଜୟନ୍ତୀ ସମାରୋହ ସଭାରେ ଜିଲ୍ଲାପାଳ ଶ୍ରୀ ଆଶୀଷ ଠାକରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭାରତରତ୍ନ ଡଃ ଆମ୍ବେଦକର ଆମ ସମସ୍ତଙ୍କ ପାଇଁ ପ୍ରେରଣା ହୋଇଥିବା ବେଳେ ତାଙ୍କ ଦର୍ଶନ ଓ ଶିକ୍ଷାକୁ ଆମେ ବାସ୍ତବ ଜୀବନରେ କାର୍ଯ୍ୟରେ ଲଗାଇବାକୁ ପ୍ରୟାସ କରିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ । ସମସ୍ତ ପ୍ରକାର ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଦୃଢ ଇଚ୍ଛାଶକ୍ତି ଓ ସାମର୍ଥ୍ୟ ବଳରେ ଯେ କୌଣସି ବ୍ୟକ୍ତି ସଫଳତାର ଶୀର୍ଷକୁ ପହଞ୍ଚି ପାରିବ, ଏହା ଆମ୍ବେଦକରଙ୍କ ଜୀବନୀ ଆମକୁ ଶିକ୍ଷା ଦେଇଛି ବୋଲି ସେ କହିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକ ଏହି ଜୟନ୍ତୀ ସଭାରେ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ଡଃ ଆମ୍ବେଦକରଙ୍କ ବହୁମୁଖୀ ପ୍ରତିଭା ଏବଂ ଘଟଣାବହୁଳ ଜୀବନୀ ଉପରେ ଆଲୋକପାତ କରିବା ସହିତ ତାଙ୍କ ପ୍ରଦର୍ଶିତ ମାର୍ଗକୁ ଅନୁସରଣ କରିବାକୁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ ଯୋଗ ଦେଇଥିବା ବେଳେ ନିମନ୍ତ୍ରିତ ଅତିଥି ଭାବେ ବିଭିନ୍ନ ବିଭାଗୀୟ ପଦାଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଗୃହରେ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଡ଼ଃ ଆମ୍ବେଦକରଙ୍କ ଫଟୋଚିତ୍ରରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏଠାରେ ସୂଚନା ଥାଉ କି, ପୂର୍ବାହ୍ନ ଘ ୮.୩୦ ସମୟରେ ପୋଲିସ ଲାଇନ ଛକସ୍ଥିତ ଡ଼ଃ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲା ପ୍ରଶାସନ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା । ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ କାର୍ଯ୍ୟକ୍ରମର ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ ।

# ବାଲିଆପାଳରେ ଆମ୍ବେଦକରଙ୍କ ୧୩୩ ତମ ଜୟନ୍ତୀ ପାଳିତ




ବାଲିଆପାଳ , ୧୫/୪ (ନି.ପ୍ର): ବାଲିଆପାଳ ଆମ୍ବେଦକର କଲ୍ୟାଣ ସମିତି ପକ୍ଷରୁ ରବିବାର ସମ୍ବିଧାନ ପ୍ରଣେତା ଡଃ ଭୀମରାଓ ଆମ୍ବେଦକରଙ୍କ ୧୩୩ ତମ ଜୟନ୍ତୀ ବାଲିଆପାଳ ବ୍ଲକ ପାରୁଳିଆ ଛକ ନିକଟ ଦୁର୍ଗା କଲ୍ୟାଣ ମଣ୍ଡପରେ ପାଳିତ ହୋଇ ଯାଇଛି। ପ୍ରାକ୍ତନ ବ୍ୟାଙ୍କ ମେନେଜର ବୈଲୋଚନ ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ କୁମାର ପାତ୍ର ଅତିଥି ପରିଚୟ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଭାବରେ ସମାଜ ସେବୀ ତଥା ବିଜେଡି ନେତ୍ରୀ ସୁବାସିନୀ ଜେନା, ମୁଖ୍ୟ ବକ୍ତା ଭାବେ ଇଞ୍ଜିନିୟର ନଳିନୀ କାନ୍ତ ଜେନା, ସମ୍ମାନିତ ଅତିଥି ଭାବରେ ବରିଷ୍ଠ ଶିକ୍ଷାବିତ ତଥା ସୁଲେଖକ ଅଧ୍ୟାପକ ଡଃ ସୁକାନ୍ତ କୁମାର ଗିରି, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ତଥା ବରିଷ୍ଠ ସାମ୍ବାଦିକ ଅଜୟ କୁମାର ସାହୁ, ପ୍ରାକ୍ତନ ପ୍ରାଧ୍ୟାପକ କୁଞ୍ଜକନ୍ତ ପାତ୍ର ପ୍ରମୁଖ ଯୋଗ ଦେଇ ଆମ୍ବେଦକରଙ୍କ ତ୍ୟାଗ ଓ ଦେଶ ପ୍ରୀତି ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସନ୍ୟାସୀ ବେହେରା, ଦେବ କୁମାର ଦେ, ମନୋରଞ୍ଜନ ଜେନା, କିଶୋର କୁମାର ପାତ୍ର, ପ୍ରଭୋରାମ ଜେନା, ପ୍ରଭାତ ଜେନା, ଝଡେଶ୍ୱର ବେହେରା, ଶରତ କୁମାର ପାତ୍ର, ଖଗେନ୍ଦ୍ର ଜେନା, କରୁଣା କର ଜେନା, ହରିଶ୍ଚନ୍ଦ୍ର ଜେନା, ଲିପକ ଜେନା ପ୍ରମୁଖ ଯୋଗ ଦେଇ ସ୍ମୃତି ଚାରଣ କରିଥିଲେ। ପ୍ରଭୋରାମ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର




ଭଦ୍ରକ, ୧୫/୪ (ନି.ପ୍ର): ସହରର କଲ୍ୟାଣୀ ନଗରସ୍ଥିତ ଗୁରୁକୃପା ଭବନରେ ଆମ ମାତୃଭାଷା ପରିକ୍ଷଷଦର ବିଷୁବ ସଂକ୍ରାନ୍ତି ଆସର ଅନୁଷ୍ଠିତ ହୋଇଯାଇଛି। ଇଂ. ଅଭୟ ସୂତାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ "ବିଷୁବ ସଂକ୍ରାନ୍ତିରେ କୃଷି ଚେତନା" ଶୀର୍ଷକ ଆଲୋଚନାଚକ୍ରକୁ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ. ରାମଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା କୃଷି ଭାଗବତର ଲେଖକ ଡ. ଅରୁଣ କୁମାର ପାତ୍ର, ଅତିଥି ଅଧାପକ ନୀହାର ରଂଜନ କର, ନାଟ୍ୟଶ୍ରୀ ନିର୍ମଳ ରାଉତ, ଶୀକ୍ଷାବିତ୍ ଗୟାଧର ପଣ୍ଡା, ନାରାୟଣ ଚନ୍ଦ୍ରପାତ୍ରୀ, ସନ୍ତୋଷ କୁମାର ସାହୁ, ଅମର କୁମାର ପାଣିଗ୍ରାହୀ ସାହିତ୍ୟ ଆକାଡେମୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବହଳୀ, ନାଟ୍ୟକାର ଲଲାଟେନ୍ଦୁ ମହାନ୍ତି ପ୍ରମୁଖ ଆଲୋଚନାରେ ଭାଗନେଇ କୃଷି ଚେତନାହିଁ ପ୍ରକୃତ ଉନ୍ନତି ମାନବ ଓ ପ୍ରକୃତିକୁ ଦେଇପାରିବ। କୃଷି ହିଁ ଏକାଧାରରେ ଧର୍ମ, ଅର୍ଥ କାମ ଓ ସ୍ୱୟଂ ସମ୍ପୂର୍ଣ୍ଣ ଭାବ ଆଣି ଦେଇ ପାରିବ। କୃଷିକର୍ମ ହିଁ ମନୁଷ୍ୟ ଜଗତରେ ସର୍ବୋଚ୍ଚ ସ୍ଥାନରେ ଥିଲା ଏବଂ ଭବିଷ୍ୟତରେ ନିଶ୍ଚୟ ସୁଉଚ୍ଚ ସ୍ଥାନରେ ରହିବ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ କବୀ ସରୋଜନୀ ନାୟକ ଓ କବୟିତ୍ରୀ ମାନସୀବାଳା ସୁତାରଙ୍କ ସଂଯୋଜନାରେ ଅନୁଷ୍ଠିତ ବିଷୁବ କବିତା ଆସରରେ ବୈକୁଣ୍ଠ ନାଥ ଓଝା, ରମେଶ ଚନ୍ଦ୍ର ଦାସ, ବିପ୍ଳବ କୁମାର ହୋତା, ନାଟ୍ୟକଳାକାର କାଳନ୍ଦୀ ମଲ୍ଲିକ, ଜଗନ୍ନାଥ ନାୟକ, ରଶ୍ମିତା ଦାଶ, ଚିତ୍ତରଂଜନ ମହାପାତ୍ର, ମହେନ୍ଦ୍ର ଓଝା, ବିଜୟ କୁମାର ବହଳୀ, ମାନସ ରଂଜନ ପଣ୍ଡା, ଅଂଶୁମାନ ସ୍ୱାଇଁ, ରଜତ୍ କୁମାର ସାହୁ, ମୁସ୍ତାକ ଗହ୍ୱର, ଅବଦୁଲ ଦୟାନ୍, କୈଳାସ ଦାସ, ରମେଶ ବିଶ୍ୱାଳ, ମଧୁସୂଦନ ପାଣିଗ୍ରାହୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପ୍ରତିଷ୍ଠାତା ସମ୍ପାଦକ ଡାକ୍ତର ଅନୀଲ କୁମାର ଦାଶ ସମ୍ପାଦକୀୟ ପାଠ ଓ ପ୍ରକୃତିକବି ବୈକୁଣ୍ଠ ବିଶ୍ୱାଳ ଅତିଥି ପରିଚୟ କରିଥିଲେ। ସହ ସମ୍ପାଦିକା ମମତାରାଣୀ ଦାଶ ମଂଚ ପରିଚାଳନା, ଶିକ୍ଷାବିତ୍ ସରୋଜ କୁମାର ଓଝା ଧନ୍ୟବାଦ ଅର୍ପଣ କରିଥିଲେ।

# ରାମନବମୀରେ ଶୋଭାଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ



ବେତନଟୀ, ୧୫/୪ (ନି.ପ୍ର): ବେତନଟୀସ୍ଥିତ କଙ୍କାକାଳିଆ କ୍ଲବ ପରିସରରେ ଆସନ୍ତା ଶ୍ରୀ ରାମନବମୀ ଉପଲକ୍ଷେ ବେତନଟୀର ସମସ୍ତ ସାମାଜିକ ଅନୁଷ୍ଠାନ ଓ ପୂଜା କମିଟିର ରାମଭକ୍ତ ଯୁବକମାନେ ମିଳିତ ଭାବେ ପ୍ରଭୁ ଶ୍ରୀରାମଙ୍କୁ ନେଇ ଏକା ବିଶାଳ ଶୋଭାଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ବହୁ ସଂଖ୍ୟାରେ ରାମ ଭକ୍ତମାନେ ଯୋଗ ଦେଇଥିଲେ । ଆସନ୍ତା ବୁଧବାର ଦିନ ଶ୍ରୀରାମନବମୀ ପଡୁଥିବା ବେଳେ ସେଦିନ ସନ୍ଧ୍ୟା ସମୟରେ ଶ୍ରୀରାମଙ୍କୁ ବେତନଟୀ ବଜାର ପରିକ୍ରମା କରାଯିବାର ନିଷ୍ପତି ନିଆଯାଇଥିଲା । ଶୋଭାଯାତ୍ରା ସମୟରେ ଜୟ ଶ୍ରୀରାମ ନାରା ସହିତ ବ୍ୟାଣ୍ଡ ବାଜା ଇତ୍ୟାଦିର ବ୍ୟବସ୍ଥା କରାଯିବାର ଯୋଜନା ରହିଥିଲା । ଶୋଭାଯାତ୍ରାଟି ବେତନଟୀ କଙ୍କା କାଳିଆ ଛକରୁ ଆରମ୍ଭ ହୋଇ ଚଣ୍ଡୀ ଛକ, ବଙ୍ଗଳା ଛକ, ବାହାନଡା, ସଠିଲୋ, ବ୍ଲକ ଛକ, ମଠସାହି, ବସଷ୍ଟାଣ୍ଡ, ଆନନ୍ଦ ବଜାର, ହାଟ ଛକ, ଦେଇ ସେହି କଙ୍କାକାଳିଆ ଛକରେ ଶେଷ ହେବାର ନିଷ୍ପତି ନିଆଯାଇଛି । ଏହି ବୈଠକରେ କମିଟି ପକ୍ଷରୁ ନରୋତ୍ତମ ମହାନ୍ତ, ଉଦିତ ପରିଡା, ଭରତ ଦୁର୍ଗା, ସୁଧାକର ପଣ୍ଡା, କିଶୋର ନାୟକ, ଚନ୍ଦ୍ରଶେଖର ରାଉତ, ଲଳିତ ମହାନ୍ତ, ସଂଜୀବ ଜେନା, ସୌରଭ ପରିଡା, ଶ୍ରୀତମ ସାହା, ରାକେଶ ମହାନ୍ତ, ଅଜୟ ସୋରେନ, ସତ୍ୟ ବେହେରା, ରାହୁଲ ସିଂ ଙ୍କ ସମେତ ସମସ୍ତ ଦୁର୍ଗାପୂଜା କମିଟି ଓ ଅନେକ ସାମାଜିକ ସଂଗଠନର ଉପସ୍ଥିତ ରହିଥିଲେ । ପ୍ରଥମ ବର୍ଷ ଶ୍ରୀରାମଙ୍କ ଏହି ଶୋଭାଯାତ୍ରା ଆରମ୍ଭ କରାଯାଉଥିବା ବେଳେ ଶାନ୍ତିଶୃଙ୍ଖଳା ସହ ଏହି କାର୍ଯ୍ୟକ୍ରମକୁ ସମାପନ ନିମନ୍ତେ ନିଷ୍ପତି ନିଆଯାଇଥିଲା ।

# ୧୨ ବର୍ଷରେ ଉପନୀତ ହେଲା 'ଆମେ ୮୦' ଜଳସେବା



ବାରିପଦା, ୧୫/୪ (ନି.ପ୍ର): ୮୦ ମସିହା ମାଟ୍ରିକ ବ୍ୟାଚ୍‌ର ବନ୍ଧୁ ମାନଙ୍କ ଦ୍ୱାରା ପଣା ସଂକ୍ରାନ୍ତିରୁ ରଜ ସଂକ୍ରାନ୍ତି ପର୍ଯ୍ୟନ୍ତ ଦୀର୍ଘ ଦୁଇମାସ ଧରି ଚାଲୁଥିବା ଏହି ନିଆରା ଜଳସେବା ବାରିପଦା ସହର ରେ ପ୍ରତ୍ୟେକ ଦିନ ୨୦୦୦ ରୁ ଅଧିକ ଲୋକଙ୍କୁ ସୁସ୍ୱାଦୁ ଦହି ପାଣି, ଜଳଜିରା ପାଣି ଓ ରସନା ପାଣି ଯୋଗାଇ ଦେଇ ଆସୁଅଛି। ଆଜି ଏହି କାର୍ଯ୍ୟକ୍ରମ କୁ ମାନ୍ୟବର ମନ୍ତ୍ରୀ ସୁଦାମ ମାର୍ଣ୍ଡି, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଓ ଉପ ନଗରପାଳ ଶ୍ରୀମତୀ ସୀମା ଦାସ ଉଦଘାଟନ କରିଥିଲେ। ଏହି ବର୍ଷରୁ ପ୍ରଥମ ଥର ପାଇଁ ପରିବେଶ ସୁରକ୍ଷା ନିମନ୍ତେ ପ୍ଲାଷ୍ଟିକ ଗ୍ଲାସ ବଦଳରେ କାଗଜ ଗ୍ଲାସର ବ୍ୟବହାରକୁ ଅତିଥି ମାନେ ପ୍ରଶଂସା କରିଥଲେ ।

# ରେମୁଣା ଗୋଲେଇସ୍ଥିତ ବାବା ସାହେବ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ



ବାଲେଶ୍ୱର, ୧୫/୪ (ନି.ପ୍ର): ରବିବାର ସକାଳ ୧୦ ଘଟିକା ସମୟରେ ଭାରତୀୟ ସମ୍ବିଧାନର ପ୍ରଣେତା,ଭାରତରତ୍ନ ବାବା ସାହେବ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ୧୩୪ ତମ ଜନ୍ମଜୟନ୍ତୀ ଅବସରରେ ରେମୁଣା ଗୋଲେଇ ସ୍ଥିତ ପ୍ରତିମୂର୍ତ୍ତିରେ ରେମୁଣା ବିଜେପି ତରଫରୁ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ମାନ୍ୟବର ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରେମୁଣା ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗ ଦେଇ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ। ମାଲ୍ୟାର୍ପଣ ପରେ ଶ୍ରୀଯୁକ୍ତ ଷଡ଼ଙ୍ଗୀ ଉପସ୍ଥିତ ଲୋକମାନଙ୍କୁ ବାବା ସାହେବଙ୍କ ଜୀବନୀ ବିଷୟରେ କହିଥିଲେ। ଏଥି ସହିତ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶ ସମୃଦ୍ଧି ହେବା ସହିତ ଦେଶର ଅର୍ଥନୀତି ସୁଦୃଢ଼ ହେଉଛି। ଆମେ ସମସ୍ତେ ବିକଶିତ ଭାରତ ଗୋଟିଏ ଗୋଟିଏ ଯୁଦ୍ଧା ହୋଇ ଦେଶକୁ ବିକାଶ ରାସ୍ତାରେ ଆଗେଇ ନେବା ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି,ନିର୍ବାଚନ ମଣ୍ଡଳୀ ସଂଯୋଜକ କାର୍ତ୍ତିକ ଚନ୍ଦ୍ର ଗିରି,ମଣ୍ଡଳ ସଭାପତି କୃଷ୍ଣ ଚନ୍ଦ୍ର ସାହା, ମଳୟ କୁମାର ବିଶ୍ୱାଳ, ଯୁବ ମୋର୍ଚ୍ଚା ଉପସଭାପତି ନାରାୟଣ ମହାନ୍ତ, ସୁବୋଧ ଚନ୍ଦ୍ର ପଣ୍ଡା, ସୁକୁମାର ଦାସ, ବିପିନ ମାରାଣ୍ଡି, ମହେଶ୍ୱର ପ୍ରଧାନ, ଚନ୍ଦ୍ରକାନ୍ତି ପ୍ରଧାନ, ବାବୁଲି ଭାଇ, ନିତାୟୀ ଚରଣ ନାୟକ, ମହେଶ୍ୱର ଗିରି, କାଳୀଚରଣ ମାଲ, ରମେଶ ଜେନା, କମଲ ଲୋଚନ ପ୍ରଧାନ, ଅଭିଜିତ ପାଣିଗ୍ରାହୀ, ତପନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ସମଗ୍ର ଜିଲ୍ଲାରେ ଆରମ୍ଭ ହେଲା ଭୋଟର ସଚେତନତା କାର୍ଯ୍ୟକ୍ରମ

ବାରିପଦା, ୧୫/୪ (ନି.ପ୍ର): ଆଗାମୀ ମଇ ୨୫ ତାରିଖ ଠାରୁ ମୟୂରଭଞ୍ଜ ଜିଲ୍ଲାରେ ଏକାଦ୍ରିକ୍ରମେ ଉଭୟ ଲୋକସଭା ଓ ବିଧାନସଭା ଲାଗି ନିର୍ବାଚନ ଅନୁଷ୍ଠିତ ହେବ । ପୂର୍ବ ନିର୍ବାଚନ ଅପେକ୍ଷା ଏଥର ବହୁ ସଂଖ୍ୟାରେ ଭୋଟର ମାନେ ଯେପରି ନିଜ ମତଦାନ ସାବ୍ୟସ୍ତ କରି ପାରିବେ ସେଥିଲାଗି ଜିଲ୍ଲା ପ୍ରଶାସନ ବ୍ୟାପକ ରଣନୀତି ପ୍ରସ୍ତୁତ କରିଛି। ପ୍ରଭାବଶାଳୀ ବ୍ୟବସ୍ଥିତ ଭୋଟର ଶିକ୍ଷା ଏବଂ ନିର୍ବାଚନ ଅଂଶଗ୍ରହଣ ମାଧ୍ୟମରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାରେ ଭୋଟ ହାର ବୃଦ୍ଧି ପାଇଁ ବିଶେଷ କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯାଉଛି । ଭୋଟର ମାନଙ୍କୁ ନିଜ ମତଦାନ ସାବ୍ୟସ୍ତ କରିବା ପାଇଁ ଅନୁପ୍ରାଣୀତ କରିବା ଏବଂ ଗଣତାନ୍ତ୍ରିକ ରାଷ୍ଟ୍ରରେ ଭୋଟର ମହତ୍ୱ ବାବଦରେ ବ୍ୟାପକ ଜନସଚେତନତା କରାଯାଉଛି । ଏହି ପରିପ୍ରେକ୍ଷୀରେ, ସମଗ୍ର ଜିଲ୍ଲାରେ ଝଠରରଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ବିଭିନ୍ନ ବ୍ଲକ ରେ ଏବଂ ତହସିଲରେ ଯୁବ ଭୋଟର ମାନଙ୍କୁ ନିର୍ବାଚନର ମହତ୍ୱ ଏବଂ ଏହି ସାମ୍ବିଧାନିକ ଅଧିକାରର ପ୍ରକୃତ ଉପାଦେୟତା ବିଷୟରେ ଅବଗତ କରାଇବା ପାଇଁ ବିଭିନ୍ନ ରଚନାତ୍ମକ କ୍ରିୟା କଳାପ ଆୟୋଜନ କରା ଯାଉଛି। ଏଥି ସହିତ, ସ୍କୁଲ ପିଲା ମାନଂକ ମାଧ୍ୟମରେ ପ୍ରତିଟି ପରିବାରରୁ ମତଦାନ କରିବାପାଇଁ ସ୍ୱତନ୍ତ୍ର ପୋଷ୍ଟ କାର୍ଡ କ୍ୟାମ୍ପେନ ମଧ ବ୍ଲକ ସ୍ତରରେ କରା ଯାଉଛି। ନିଜ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ, ଜିଲ୍ଲାପାଳ ଶ୍ରୀ ସିନ୍ଧେ ବିଭିନ୍ନ ନିର୍ବାଚନ ମଣ୍ଡଳୀ ପରିଦର୍ଶନ କରି ପିଲା ମାନଙ୍କ ସହିତ କଥା ହୋଇଥିବାର ସୂଚନା ପ୍ରାପ୍ତ। ପ୍ରକାଶ ଥାଉକି, ଜିଲ୍ଲାପାଳ ଉଦଳା ନିର୍ବାଚନ ମଣ୍ଡଳୀ ପରିଦର୍ଶନ କରି ବିଭିନ୍ନ ସ୍କୁଲ ବୁଲି ସମସ୍ତ ପ୍ରତିଯୋଗିତାରେ ନିଜେ ଛାତ୍ର ଛାତ୍ରୀଙ୍କୁ ପ୍ରଶ୍ନ ପଚାରିବା ସହିତ ସେମାନଙ୍କୁ ଭୋଟର ସଚେତନତା ବିଷୟରେ ବୁଝାଇଥିଲେ। ଉଦଳାରେ ଥିବା ବିଭିନ୍ନ ସ୍କୁଲ ଏବଂ କଲେଜ ଛାତ୍ର ଛାତ୍ରୀ ମାନଙ୍କ ସକ୍ରିୟ ଅଂଶଗ୍ରହଣ ଏବଂ ପ୍ରତ୍ୟୁତ୍ପନ୍ନମତିତା ଦେଖି ଜିଲ୍ଲାପାଳ ଖୁସି ହେବା ସହିତ ସେମାନଙ୍କୁ ପୁରସ୍କୃତ କରିଥିଲେ। ପୂର୍ବରୁ, ଏହି ପରିପ୍ରେକ୍ଷୀରେ ସମସ୍ତ ବ୍ଲକରେ ଏବଂ ଉପଖଣ୍ଡରେ ନିର୍ବାଚନ ଆୟୋଗଙ୍କ ଦ୍ୱାରା ପ୍ରସ୍ତୁତ ମତଦାନର ଶପଥ ପାଠ ହୋଇଥିଲା। ନିର୍ବାଚନ କମିଶନ ଙ୍କ ଦ୍ୱାରା ପ୍ରସ୍ତୁତ ଭୋଟର ସଚେତନତା ସ୍ଲୋଗାନ 'ମତେ ହେଲା ଅଠର... ଭୋଟ ଦେବି ଏଥର' ବାର୍ତ୍ତା ଦ୍ୱାରା ସମସ୍ତ ଘରୋଇ ଗ୍ୟାସ ସିଲିଣ୍ଡର ଏବଂ ଇନ୍ଧନ ଷ୍ଟେସନ ଠାରେ ନିର୍ବାଚନ କମିଶନଙ୍କ ବାର୍ତ୍ତା ପହଂଚାଇବା ପାଇଁ ଜିଲ୍ଲାପ୍ରଶାସନ ଅନେକ ପଦକ୍ଷେପ ନେଇଥିବାର ସୂଚନା ପ୍ରାପ୍ତ ହୋଇଛି। ମୟୂରଭଞ୍ଜ ଏକ ଆଦିବାସୀ ବହୁଳ ଜିଲ୍ଲା ହୋଇଥିବାରୁ ଏଠାରେ ଆଦିବାସୀ ଏବଂ ସଂଖ୍ୟାଲଘୁ ଶ୍ରେଣୀ ମତଦାନ ଅଧିକ ରୁ ଅଧିକ କରିବାପାଇଁ, ଜିଲ୍ଲାପାଳ ଉଦଳାସ୍ଥ କୁଣ୍ଡବାଇ, ଶ୍ରୀଦାମପୁର, କାଶୀକୁଣ୍ଡଳ ଅଂଚଳର ଜନଗହଳି ପୂର୍ଣ୍ଣ ସ୍ଥାନ, ହାଟ, ବଜାର ଆଦି ସ୍ଥାନ ମାନଙ୍କୁ ଜିଲ୍ଲାପାଳ ପରିଦର୍ଶନରେ ଯାଇ ନାଗରିକ ମାନଙ୍କ ସହିତ କଥା ହେବା ସହିତ ସେମାନଙ୍କୁ ଏହି ମୁଖ୍ୟ ସ୍ରୋତ ସହିତ ଯୋଡି ହୋଇ ରହିବା ପାଇଁ ମତଦାନର ଆବଶ୍ୟକତା ବିଷୟରେ ଅତି ସରଳ ଭାଷାରେ ବୁଝାଇଥିଲେ। ଅନେକ ସ୍ଥାନରେ ଜିଲ୍ଲାପାଳ ନିଜେ ସଚେତନ ବାର୍ତା ପ୍ରଚାର କରିଥିବା ମଧ ସୂଚନା ପ୍ରାପ୍ତ ଅଛି। ଏହି ପରିଦର୍ଶନରେ, ଶ୍ରୀ ସିନ୍ଧେ ଙ୍କ ସହିତ, ମୁଖ୍ୟ ଉନ୍ନୟନ ଅଧିକାରୀ, ଶ୍ରୀ ରଜନୀକାନ୍ତ ସ୍ୱାଇଁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ, ଶ୍ରୀମତୀ ମମତାମୟୀ ବିଶ୍ୱାଳ, କପ୍ତିପଦା ଉପଜିଲ୍ଲାପାଳ ଶ୍ରୀ ସୁଶାନ୍ତ କୁମାର ବାରିକ, କପ୍ତିପଦା ପିଏ, ଆଇଟିଡିଏ, ଶ୍ରୀ ନରେନ୍ଦ୍ର ଖମାରି, ଉଦଳା ତହସିଲଦାର ଶ୍ରୀ ସତ୍ୟଜିତ ମହାନ୍ତି, ବିଡ଼ିଓ ଶ୍ରୀମତୀ ତୃପ୍ତି ବରାଇ, ଅତିରିକ୍ତ ତାହାସଲଦାର ଶ୍ରୀମତୀ ଦିବ୍ୟ ରତ୍ନା ଦାସ ଏବଂ ଅନ୍ୟାନ୍ୟ ପ୍ରମୁଖ ପ୍ରଶାସନିକ ଅଧିକାରୀ ଯୋଗ ଦେଇଥିବାର ସୂଚନା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଅବିନାଶ ପାଣିଙ୍କ ଠାରୁ ପ୍ରକାଶ। ସୂଚନାଥାଉକି ଜିଲ୍ଲାପାଳ ଶ୍ରୀ ସିନ୍ଧେ ସମସ୍ତ ଭୋଟରଙ୍କୁ ଭୋଟ ଦେଇ ଗଣତନ୍ତ୍ରର ମହାପର୍ବରେ ସାମିଲ ହେବାକୁ ନିଜର ପ୍ରତ୍ୟେକ କାର୍ୟକ୍ରମରେ ନିବେଦନ କରି ଆସୁଛନ୍ତି ।

# ଜିଲ୍ଲାସ୍ତରୀୟ ଆମ୍ବେଦକର ଜୟନ୍ତୀ ପାଳିତ



ଭଦ୍ରକ, ୧୫/୪ (ନି.ପ୍ର): ଭାରତରତ୍ନ ଡଃ ବି.ଆର. ଆମ୍ବେଦକରଙ୍କ ଜୟନ୍ତୀକୁ ଭଦ୍ରକ ଜିଲ୍ଲା ସ୍ତରରେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ପାଳନ କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ରାମଦାସ ଟୁଡୁ, ମୁଖ୍ୟ ଅତିଥି, ଡି.ଏସ୍.ପି.ଡ଼ି.ଆଇ.ବି. ପ୍ରଭାତ କୁମାର ବିଶ୍ୱାଳ ମୁଖ୍ୟବକ୍ତା ଏବଂ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଆମ୍ବେଦକରଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି ଅତିଥିମାନେ ସମ୍ବିଧାନ ପ୍ରଣେତା, ଅସାଧାରଣ ଆଦର୍ଶ ବ୍ୟକ୍ତିତ୍ୱ, ସମ୍ପନ୍ନ ରାଷ୍ଟ୍ରଭକ୍ତ ଆମ୍ବେଦକର କିପରି ନିଜର ସମଗ୍ର ସଂଘର୍ଷମୟ ଜୀବନକୁ ରାଷ୍ଟ୍ର ପାଇଁ ଆହୂତି ଦେଇଥିଲେ ସେ ସମ୍ବନ୍ଧରେ ଆଲୋକପାତ କରିବା ସହ ତାଙ୍କ ଅମର କୃତିର ସ୍ମୃତି ଚାରଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ସଂଯୋଜନାରେ ଜିଲ୍ଲା ସଂସ୍କୃତି ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭଦ୍ରକ ଉଚ୍ଚ ବିଦ୍ୟାଳୟ, ଭଦ୍ରକ ଜିଲ୍ଲାସ୍କୁଲ ଏବଂ ଗାନ୍ଧୀ ଓଡ଼ିଶା ବାଳାଶ୍ରମର ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ।

# ବାହାନଡାରେ ଉଡା ଯାତ୍ରା ପର୍ବ ପାଳିତ



ବେତନଟୀ , ୧୫/୪ (ନି.ପ୍ର): ବେତନଟୀ ବ୍ଲକ ବାହାନଡା ଗ୍ରାମରେ ଉଡା ପଡ଼ିଆରେ ଆଜି ଉଡାଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି । ଉଡାଦେଖିବା ପାଇଁ ଆଖପାଖ ଗ୍ରାମରୁ ୨ ହଜାର ରୁ ଊର୍ଦ୍ଧ୍ୱ ଲୋକଙ୍କ ଭିଡ଼ ଜମିଥିଲା। ଏହି ଉତ୍ସବ ତିନି ଦିନ ଧରି ଚାଲିବ ବୋଲି କମିଟି ସୂତ୍ରରୁ ଜଣାପଡିଛି ।ଉଡା ଠାକୁରାଣୀଙ୍କ ନିକଟରେ ମାନସିକ ରଖିଥିବା ୧୫ ଜଣ ଭକ୍ତ ଓ ୭ ଜଣ ଛୋଟ ପିଲା ଉଡା ଖୁଣ୍ଟରେ ଉଠିଥିଲେ। ଉଡା କମିଟି ର ସଭାପତି ଦୀନବନ୍ଧୁ ବେହେରା , ଉପଦେଷ୍ଟା ଉମାକାନ୍ତ ନାୟକ ,ରାଧାମୋହନ ବେହେରା କମଲାକାନ୍ତ ନାୟକ, ଉପ ସଭାପତି ନିରଞ୍ଜନ ମହାନ୍ତି , କୋଷାଧ୍ୟକ୍ଷ ଦୁର୍ଗା ଚରଣ ନାଏକ, କୁଶ ବେହେରା. ହରିଶ ଚନ୍ଦ୍ର ସାମଲ. କ୍ଷିତୀଶ ଚନ୍ଦ୍ର ସାହୁ ,ଯୁଗ ଲେଙ୍କା , କାଟି ସିଂ, ବିଜୟ ପାତ୍ର ପ୍ରମୁଖ ସହଯୋଗ କରିଥିଲେ ।ଉକ୍ତ ପର୍ବରେ ପ୍ରତିବର୍ଷ ପରି ଏବର୍ଷ ମଧ ମା ଶକ୍ତି କ୍ଲବ ପକ୍ଷରୁ ଦହି ସରବତ ପ୍ରଦାନ କରାଯାଇଥିଲା ଏହି ଦହି ସରବତ ପ୍ରଦାନରେ ସଞ୍ଜୟ ପଣ୍ଡିତ, ଜଗଦୀପ ପଣ୍ଡିତ, ତପୁ ସାହୁ,ପିଙ୍କୁ,ରିଙ୍କୁ,କଣ୍ହେଇ, କୁନା ସାମଲ,ପାଗୁଲୁ ଗିରି,କଟିବାବୁ ବେଣ୍ଟକାର,ରାମା,ବାବୁଲି,କଟି ନାୟକ,ଦିପୁ ସାହୁ ଆହୁରି ଅନେକ ମାଶକ୍ତି କ୍ଲବର ସଦସ୍ୟ ମାନେ ଦହି ସରବତ ସହିତ,ଜଲଜିରା ସରବତ ବଣ୍ଟନ କରିଛନ୍ତି ।ଆଜି ପାଖରୁ ମା ଶୀତଳା ଆସି ତିନିଦିନ ଧରି ପୂଜାପାଠ କରାଯିବ ।ଆଖ ପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଆସି ପୂଜା କରିବାର ବ୍ୟବସ୍ଥା କରାଯାଇଛି।

# ଗୁଲୁଦିପଶିରେ ହନୁମାନ ଜୟନ୍ତୀ ଓ ନାମ ସଂକୀର୍ତ୍ତନ

ଚମ୍ପୁଆ, ୧୫/୪ (ନି.ପ୍ର): ଚମ୍ପୁଆ ବ୍ଲକ କାଶିପାଳ ପଂଚାୟତ ଅନ୍ତର୍ଗତ ଗୁଲୁଦିପଶି ଗ୍ରାମ ପୁରୁଣାସାହି ସ୍ଥିତ ଗ୍ରାମର ମଧ ଭାଗ ଛକ ହନୁମାନ ବିଗ୍ରହ ପରିସରରେ ଶ୍ରୀ ଶ୍ରୀ ହନୁମାନଜୀଙ୍କର ଦ୍ୱିତୀୟ ବାର୍ଷିକ ପ୍ରତିଷ୍ଠା ଦିବସ ଅବସରରେ ଜୟନ୍ତୀ ଉତ୍ସବ ସହିତ ନାମ ସଂକୀର୍ତନ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଭୋର ପ୍ରାତଃ କାଳରୁ ଗ୍ରାମର ପୁରୁଷ, ମହିଳା ଶ୍ରଦ୍ଧାଳୁ ନିକଟସ୍ଥ ବୈତରଣୀ ନଦୀ ପଦ୍ମପୁର ଦୋମୁହାଣୀ ଘାଟରୁ ପବିତ୍ର କଳସ ଶୋଭାଯାତ୍ରା ରେ ଘଟ ଆଣି ନଗର କୀର୍ତନରେ ଗ୍ରାମ ପରିକ୍ରମା କରିବା ପରେ ଘଟ ସ୍ଥାପନା କରାଯାଇଥିଲା। ପୂଜକ କୁନୁ ନନ୍ଦ ରୀତିନୀତି ଅନୁଯାୟୀ ପୂଜା ଅର୍ଚନା କରିଥିବା ବେଳେ ସଂକଳ୍ପ ରେ କାର୍ତିକେଶ୍ୱର ମହାନ୍ତ, ବନିତା ମହାନ୍ତ ସସ୍ତ୍ରିକ ବସିଥିଲେ। ଅପରାହ୍ନ ୨ ଘଟିକା ପରେ ହରିନାମ ସଂକୀର୍ତନରେ ଟିଆଁସିପଶି, ବାସୁଦେବପୁର, ଗିଧିବାସ, କାଞ୍ଜିଆସୁଳା ଓ ରରୁଆଁଗୋଡ଼ା ଗ୍ରାମରୁ ଆସିଥିବା ସଂକୀର୍ତନ ଦଳ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ନାମ ନେଇ ଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସମାଜସେବୀ ଧର୍ମପରାୟଣ ବ୍ୟକ୍ତି ଶ୍ରୀମନ୍ତ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ରମେଶ ଚନ୍ଦ୍ର ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସିଦ୍ଧାର୍ଥ କୁମାର ସିଂହ, ସରୋଜ ପ୍ରଧାନ ପ୍ରମୁଖ ଯୋଗଦେଇ ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ। ଟିଆଁସିପଶି ଗ୍ରାମର ରାମଲୀଳା କଳାକାର କାଙ୍ଗାଳି ଚରଣ ମହାରଣାଙ୍କ ହନୁମାନଙ୍କ ଜୀବନ୍ତ ଅଭିନୟ ଭକ୍ତ ଶ୍ରଦ୍ଧାଳୁ ମାନଙ୍କ ମନ ମୋହିଥିବା ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମକୁ ଯୁବ ସମାଜସେବୀ ଦିବାକର ମହାନ୍ତ, ରାଜକିଶୋର ମହାନ୍ତ, ରୋମାଂଚ ମହାନ୍ତ, ବିଜୟ ମହାନ୍ତ, ସୁଶୀଲ ମହାନ୍ତ, ନୀଳମଣି ମହାନ୍ତ, ଭକ୍ତବନ୍ଧୁ ମହାନ୍ତ, ଅଶୋକ ମହାନ୍ତ, ଟିକାୟତ ମହାନ୍ତ, ଦୁଷ୍ମନ୍ତ ମହାନ୍ତ, ଚନ୍ଦନ ମହାନ୍ତେ, ଭାରତୀ ମହାନ୍ତ, ପୁର୍ଣମୀ ମହାନ୍ତ, ଦ୍ରୋପଦୀ ମହାନ୍ତ, ଲିପାମଣୀ, ତ୍ରିବେଣୀ, ପଦ୍ମାବତୀ ପ୍ରମୁଖ କମିଟି ସଦସ୍ୟମାନଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଗ୍ରାମବାସୀଙ୍କ ଦ୍ୱାରା ଭକ୍ତ ଶ୍ରଦ୍ଧାଳୁମାନଙ୍କୁ ଆନନ୍ଦବଜାର, ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ଦେଖିବାକୁ ମିଳିଥିଲା।

# ବୃନ୍ଦାବତୀ ବିହାର ବିକାଶ ପରିଷଦର ୧୬ତମ ବାର୍ଷିକ ଉତ୍ସବ ଓ ଚଇତି ପର୍ବ ଉଦ୍‌ଯାପିତ

ବାଲେଶ୍ୱର, ୧୫/୪ (ନି.ପ୍ର): ବାଲିଆ ସ୍ଥିତ ବୃନ୍ଦାବତୀ ବିହାର ବିକାଶ ପରିଷଦ ତରଫରୁ ମା' ମଙ୍ଗଳାଙ୍କ ୧୬ତମ ବାର୍ଷିକ ଉତ୍ସବ ଓ ଚଇତି ପର୍ବ ପାଳିତ ହୋଇଯାଇଛି। ଏହି ଅବସରରେ ସହସ୍ରାଧିକ ଶ୍ରଦ୍ଧାଳୁ ପ୍ରସାଦସେବନ କରିଥିଲେ। ସନ୍ଧ୍ୟାରେ ପରିଷଦର ବାର୍ଷିକ ସାଧାରଣ ସଭା ହୋଇଥିଲାବେଳେ ଡ. ଉପେନ୍ଦ୍ର ନାଥ ପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ କବି କାଳିପଦ ପଣ୍ଡା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସ୍ଥାନୀୟ ଅଧିବାସୀଙ୍କ ଏକତା ଓ ଭାଇଚାରାକୁ ସେ ପ୍ରଶଂସା କରିଥିଲେ। ସାଧାରଣ ସଂପାଦକ ଶ୍ୟାମସୁନ୍ଦର ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ଚିତ୍ରାଙ୍କନ ଓ ନୃତ୍ୟ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ତତ୍‌ସହିତ ସ୍ଥାନୀୟ ଶିଶୁ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆନନ୍ଦ କୁମାର ଗିରି ଓ ମାନସ କୁମାର ଜେନା ମଞ୍ଚ ପରିଚାଳନା କରିଥିଲେ। ହରେକୃଷ୍ଣ ଗିରି ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦିବସବ୍ୟାପୀ କାର୍ଯ୍ୟକ୍ରମ ପରିଚାଳନାରେ ସୁସନ୍ଧ୍ୟା ସ୍ୱାଇଁ, ସ୍ୱପ୍ନା ଦାସ, କନକ ପାତ୍ର, ଚୁମ୍‌କି ଦାସ, ଅନୁ ପାଲ୍, ତ୍ରିଲୋଚନ ମହାନ୍ତି, ଶ୍ରୀମତୀ ମହାନ୍ତି, କାଞ୍ଚନବାଳା ପାତ୍ର, ମମତା ବିନ୍ଧାଣୀଙ୍କ ସମେତ ନିହାର ଦାସମହାପାତ୍ର, ବିଜୟ ମହାନ୍ତି,




ଗିରିଜା ଶଙ୍କର ଆଚାର୍ଯ୍ୟ, ଅଞ୍ଜନ ଦାସ, ମନୋଜ ସାହୁ ପ୍ରଭୃତି ଅଂଶଗ୍ରହଣ କରିଥିଲେ। ସମାଜସେବୀ ଗୌରାଙ୍ଗ ପାଣିଗ୍ରାହୀ ଓ ସୁବଳ ଦାସ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। କୋଷାଧ୍ୟକ୍ଷ ଇଂ. ଡ. ଯଶୋବନ୍ତ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବୈତରଣୀ ନଦୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଚମ୍ପୁଆ, ୧୫/୪ (ନି.ପ୍ର): ଚମ୍ପୁଆ ଏନଏସି ଅନ୍ତର୍ଗତ ଚନ୍ଦ୍ରଶେଖରପୁର ଗ୍ରାମ ବୈତରଣୀ ନଦୀରୁ ଏକ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି । ମୃତକ ଜଣକ ମୟୁରଭଞ୍ଜ ଜିଲ୍ଲା ଘାଗରବେଡା ଥାନା ଅନ୍ତର୍ଗତ ନିମେଇଁ ପୋଖରୀ ଗ୍ରାମର ଜୟପାଲ ବିରୁଆଙ୍କ ପୁଅ କମଳାକାନ୍ତ ବିରୁଆ(କୁନା) ବୟସ ୨୫ ବୋଲି ଜଣାପଡିଛି । ଖବର ଅନୁସାରେ କମଳାକାନ୍ତ ଗତକାଲି ନଦୀକୁ ମାଛ ମାରିବାକୁ ଆସି ନଦୀ ପାଣିରେ ବୁଡି ମୃତ୍ୟୁବରଣ କରି ଥିବା କୁହାଯାଉଛି । ତେବେ ସେ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନଫେରିବାରୁ ପରିବାର ଲୋକେ ଗ୍ରାମର ଆଖ ପାଖ ସାହି ପଡିଶା, ବନ୍ଧୁବାନ୍ଧବ ଘର ଚାରି ଆଡ଼େ ଖୋଜା ଖୋଜି କରି ବିଫଳ ହେବା ପରେ ଚନ୍ଦ୍ରଶେଖର ପୁର ନିକଟ ବୈତରଣୀ ନଦୀ ମଧ୍ୟରେ ଗତକାଲି ବହୁ ଲୋକ ମାଛ ମାରୁଥିବାରୁ ସେ ମଧ ମାଛ ମାରିବାକୁ ଆସିଥିବା ସନ୍ଦେହ କରି ଆଜି ବୈତରଣୀ ନଦୀରେ ଖୋଜା ଖୋଜି କରିବାରୁ ମୃତଦେହକୁ ପାଣି ଭିତରୁ ଠାବ କରିଥିଲେ, ଶବକୁ ପାଇବା ପରେ ପୋଲିସକୁ ଖବର ଦେଇଥିଲେ। ତେବେ ବୈତରଣୀ ନଦୀରେ ମୟୁରଭଞ୍ଜ ପଟକୁ ମୃତଦେହ ରହିଥିବାରୁ ଖବର ପାଇ ଘାଗରବେଡା ପୋଲିସ ଘଟଣା ସ୍ଥଳରେ ପହଂଚି ଶବକୁ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି ।

# ଗଡ଼ଗଡ଼ିଆ ସାର୍ବଜନୀନ ୪୫ତମ ଚନ୍ଦନ ଉତ୍ସବ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ବାଲେଶ୍ୱର, ୧୫/୪ (ନି.ପ୍ର): ବାଲେଶ୍ୱର ଗଡ଼ଗଡ଼ିଆ ୪୫ତମ ଚନ୍ଦନ ଉତ୍ସବ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ କମିଟିର ଆବାହକ ସୁବ୍ରତ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷର ଉତ୍ସବ ୪୫ବର୍ଷରେ ପଦାର୍ପଣ କରୁଥବାରୁ କମିଟି ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ କରାଯିବା ତଥା ଚନ୍ଦନ ଉତ୍ସବ ମହା ସମାରୋହରେ ପାଳନ କରିବାପାଇଁ ସ୍ଥିର କରାଯାଇଥିଲା। ଏବର୍ଷ ଚନ୍ଦନ ଉତ୍ସବ ଆସନ୍ତା ମେ ମାସ ତା ୧୯-୦୫-୨୪ରିଖରୁ ଆରମ୍ଭ ହୋଇ ୨୩-୦୫-୨୪ ରିଖ ପର୍ଯ୍ୟନ୍ତ ପାଳନ କରିବା ପାଇଁ ସ୍ଥିର କରାଗଲା। ୫ଦିନ ବ୍ୟାପୀ ଭଜନ ସମାରୋହ ଓ ମେଲୋଡ଼ି ଆଦି କାର୍ଯ୍ୟକ୍ରମ କରାଯିବାପାଇଁ



ସଭ୍ୟମାନଙ୍କ ଦ୍ୱାରା ସ୍ଥିର କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କମିଟିର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ସୁଧାସିନ୍ଧୁ ପଣ୍ଡା ସଭାପତି, ବିଦ୍ୟାଧର ପଣ୍ଡା ସଂପାଦକ, ହିମାଂଶୁ ଶେଖର ଦାସ କାର୍ଯ୍ୟକାରୀ ସଭାପତି, ଅମର କୁମାର ସେନ୍ କୋଷାଧ୍ୟକ୍ଷ, ପ୍ରଶାନ୍ତ କୁମାର ଦାସ ଯୁଗ୍ମ ସଂପାଦକ ଭାବେ ମନୋନୀତ ହୋଇଥିଲେ। ବରିଷ୍ଠ ସଭ୍ୟ ଅନୁପ କୁମାର ଦାସ, ଗଜେନ୍ଦ୍ର ଦାସ, ଦୀପକ କୁମାର ଦାସ, ଅମୂଲ୍ୟ କୁମାର ସେଠୀ, ଶଶିଭୂଷଣ ବେହେରା ଓ ଶ୍ରୀମନ୍ତ ମାଝୀଙ୍କୁ ଉପଦେଷ୍ଟା ମଣ୍ଡଳୀ ରୂପେ ଚୟନ କରାଯାଇଥିଲା। ଆସନ୍ତା ରବିବାରରେ ପରବର୍ତ୍ତୀ ବୈଠକ ହେବାପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

# କେନ୍ଦ୍ରାପଡା ଲୋକସଭା ନିର୍ବାଚନ ପାଇଁ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା

କେନ୍ଦ୍ରାପଡ଼ା, ୧୫/୪ (ନି.ପ୍ର): ରାଜନୈତିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରାପଡା ଲୋକସଭା ସିଟ୍ ପାଇଁ ବିଜେପି, ବିଜେଡି, କଂଗ୍ରେସ ୩ ପ୍ରମୁଖ ଦଳ ନିଜ ନିଜର ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣା କରି ରାଜନୈତିକ ପାଣିପାଗକୁ ଉତପ୍ତ କରିଛନ୍ତି । ବିଜେପିରୁ ପୂର୍ବତନ ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡା, ବିଜେଡିରୁ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ଓ କଂଗ୍ରେସ ଦଳରୁ ରାଜନୀତିରେ ନୂଆକରି ପାଦ ଥାପିଥିବା ଇଂ ସିଦ୍ଧାର୍ଥ ସ୍ୱରୂପ ଦାସଙ୍କୁ ଦଳ ନିଜର ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇଛି । ବିଜେଡି ଓ ବିଜେପି ରୁ ପ୍ରାର୍ଥୀ ହୋଇଥିବା ଅଂଶୁମାନ ଓ ବୈଜୟନ୍ତ ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୭ଟି ବିଧାନସଭା କ୍ଷେତ୍ରରେ ପ୍ରାଥମିକ ନିର୍ବାଚନ ପ୍ରଚାର ଅଭିଯାନ ଏକ ପ୍ରକାର ଆରମ୍ଭ କରି ଦେଇଥିବା ବେଳେ କଂଗ୍ରେସ ଶନିବାର ନିଜର ପ୍ରାର୍ଥୀ ଯୋଘଣା କରି ଥିବାରୁ ସିଦ୍ଧାର୍ଥ ଏପର୍ଯ୍ୟନ୍ତ ପ୍ରଚାର ଅଭିଯାନ ଆରମ୍ଭ କରି ନାହାଁନ୍ତି । ତେବେ ୩ ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ଆଗାମୀ ନିର୍ବାଚନ ପ୍ରତିଦ୍ୱନ୍ଦିତା ତୀବ୍ର ହେବାକୁ ଥିବାବେଳେ ପ୍ରଚାର ଅଭିଯାନ ଦୃଷ୍ଟିରୁ ବିଜେପି ବିଜେଡି ନିଜର ସାଂଗଠନିକ ଶକ୍ତି ଓ ପୂର୍ବ ଅଭିଜ୍ଞତାକୁ ପାଥେୟ କରି ଆଗୁଆ ଥିବା ଦେଖିବାକୁ ମିଳୁଛି । କେନ୍ଦ୍ରାପଡା ଲୋକସଭା ସିଟ୍ ରାଜନୈତିକ ଦୃଷ୍ଟିରୁ ଦୀର୍ଘଦିନରୁ ଅଣ କଂଗ୍ରେସ ଗଡ ଭାବେ ପରିଗଣିତ ହୋଇ ଆସିଛି । ସ୍ୱାଧିନତା ପରେ ପରେ ୧୯୫୨ ମସିହାରେ ଏଠାରୁ କଂଗ୍ରେସ ଥରେ ମାତ୍ର ଜିତିଥିବା ବେଳେ ଅନ୍ୟ ସମସ୍ତ ନିର୍ବାଚନରେ ପିଏସପିରୁ ସୁରେନ୍ଦ୍ର ନାଥ ଦ୍ୱିବେଦୀ, ଉତ୍କଳ କଂଗ୍ରେସରୁ ସୁରେନ୍ଦ୍ର ନାଥ ମହାନ୍ତି, ବିଜୁ ପଟ୍ଟନାୟକ, ଶରତ ଦେବ, ରବି ରାୟ, ଶ୍ରୀକାନ୍ତ ଜେନା, ପ୍ରଭାତ ସାମନ୍ତରାୟ ଓ ଅର୍ଚ୍ଚନା ନାୟକ ପ୍ରମୁଖ ଅଣ କଂଗ୍ରେସ ପ୍ରାର୍ଥୀ ଭାବେ ବିଜୟ ଲାଭ କରି କେନ୍ଦ୍ରାପଡାର ପ୍ରତିନିଧିତ୍ୱ କରି ସାରିଛନ୍ତି । ତେବେ ଗତ ନିର୍ବାଚନ ରେ ସିନେ ତାରକା ଅନୁଭବ ମହାନ୍ତିଙ୍କୁ ବିଜେଡି ନିଜର ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇବା ପରେ ପୂର୍ବତନ ସାଂସଦ ବିଜେପି ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ପ୍ରାୟ ୧.୫ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟ୍ ବ୍ୟବଧାନରେ ପରାଜିତ ହୋଇଥିଲେ । ଘଟଣା ଚକ୍ରରେ କଂଗ୍ରେସର ଜିଲ୍ଲା ସଭାପତି ଥିବା ଅଂଶୁମାନ ମହାନ୍ତି ବିଜେଡିରେ ଯୋଗ ଦେବା ପରେ ରାଜନୈତିକ ସମୀକରଣ ପ୍ରାୟ ବଦଳି ଯାଇଛି । ପୂର୍ବରୁ ବିଧାୟକ ଥିବା ଶ୍ରୀ ମହାନ୍ତି ନିଜର ମେଳାପୀ ବ୍ୟବହାର ଓ ଉଚ୍ଚ ଶିକ୍ଷିତ ଯୁବକ ହୋଇଥିବା ବେଳେ ବିଜେଡି ପ୍ରାର୍ଥୀ ଭାବେ ଜିଲ୍ଲାର ଭୋଟରମାନଙ୍କୁ ସହଜରେ ଆକର୍ଷିତ କରି ପାରୁଥିବା ଦେଖିବାକୁ ମିଳୁଛି । ସେହିଭଳି ଅଭିଜ୍ଞ ଓ ଦୁଇ ଦୁଇ ଥର ସାଂସଦ ନିର୍ବାଚିତ ହୋଇଥିବା ବୈଜୟନ୍ତ ପଣ୍ଡା ନିଜର ହାଇଟେକ ପ୍ରଚାର କୌଶଳ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ଲୋକପ୍ରିୟତା କୁ ପାଥେୟ କରି ଲୋକଙ୍କ ପାଖରେ ପହଁଚି ପ୍ରାଥମିକ ନିର୍ବାଚନ ପ୍ରଚାର ଓ ସାଂଗଠନିକ ସକ୍ରିୟତା ଆରମ୍ଭ କରି ଦେଇ ସାରିଛନ୍ତି । ସେ ଦୃଷ୍ଟିରୁ ଅତ୍ୟନ୍ତ ଦୁର୍ବଳ ସ୍ଥିତିରେ ରହିଛି । ଜିଲ୍ଲାର ଦୁଇ ପ୍ରମୁଖ ଲୋକପ୍ରିୟ ନେତା ଗଣେଶ୍ୱର ବେହେରା ଓ ଅଂଶୁମାନ ମହାନ୍ତି ଦଳତ୍ୟାଗ କରିବା ପରେ କଂଗ୍ରେସର ସାଂଗଠନିକ ଶକ୍ତି ଓ ମନୋବଳ ଗୁରୁତର ଭାବେ ହ୍ରାସ ପାଇଥିବାରୁ ଆଗାମୀ ନିର୍ବାଚନକୁ ଦଳ କିଭଳି ପରିଚାଳନା କରୁଛି ତାହା ଦେଖିବାକୁ ବାକି ରହିଲା । ତେବେ ବିଜେଡି, ବିଜେପି, କଂଗ୍ରେସ ଏହି ୩ ଦଳର ପ୍ରାର୍ଥୀଙ୍କ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦିତା ଆଗାମୀ ନିର୍ବାଚନରେ ଦେଖିବାକୁ ମିଳିବ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ସୁରଙ୍କୁ ପୁତ୍ରମୋହ ମହଙ୍ଗା....

ଭୋଟବ୍ୟାଙ୍କକୁ ସୁରକ୍ଷିତ ରଖିବା ପାଇଁ ଅଣ୍ଟା ଭିଡ଼ିଛି । ସୂଚନାଯୋଗ୍ୟ, ସାନପୁଅ ମନ୍ମଥଙ୍କ ପାଇଁ ସୁର ପ୍ରଚାର କରୁଥିଲେ ମଧ ବାରମ୍ବାର ଏହାକୁ ଖଣ୍ଡନ କରି ଆସୁଥିଲେ । କଂଗ୍ରେସ ପକ୍ଷରୁ ତାଙ୍କୁ ୨ଥର କାରଣ ଦର୍ଶାଅ ନୋଟିସ ମଧ ଜାରି ହୋଇଥିଲା । ମାତ୍ର ସେ ଏହି ନୋଟିସକୁ ପ୍ରତ୍ୟାଖ୍ୟାନ କରି ସେ ଦଳ ବିରୋଧୀ କାର୍ଯ୍ୟ କରୁନାହାନ୍ତି ବୋଲି ସଫେଇ ଦେଇଥିଲେ । ଏପରିକି କଂଗ୍ରେସ ତାଙ୍କୁ ଦଳରୁ ବିଦା କଲେ ପରିସ୍ଥିତି ଭୟଙ୍କର ହେବ ବୋଲି ଓଲଟା ଚେତାବନୀ ଦେଇଥିଲେ । ସୁର ୨୦୧୯ରେ କଂଗ୍ରେସ ଟିକେଟରେ ଜଟଣୀରୁ ବିଧାୟକ ଭାବେ ବିଜୟୀ ହୋଇଥିଲେ । ସୁରଙ୍କୁ କଂଗ୍ରେସ ବହିଷ୍କାର କରିବା ପରେ ମନ୍ମଥଙ୍କୁ ପ୍ରାର୍ଥୀ କରିଥିବା ବିଜେଡିର ରାଜନୀତିକ ସମୀକରଣ ଫେଲ୍ ମାରିବା ଏକରକମ ସ୍ପଷ୍ଟ ହୋଇଯାଇଛି। ଦଳରୁ ୬ ବର୍ଷ ପାଇଁ ବହିଷ୍କୃତ ହେବା ପରେ ସୁର କହିଛନ୍ତି, ମୁଁ ବିଲ୍ ?କୁଲ୍ ପୁଅ ପାଇଁ ପ୍ରଚାର କରିନି। ଏଆଇସିସିର ପ୍ରେସିଡେଣ୍ଟ ଅତି ଖୁସି ହୋଇ ମୋତେ ୬ ବର୍ଷ ପାଇଁ ଯେଉଁ ବାସନ୍ଦ କରିଛନ୍ତି, ସେଥିପାଇଁ ତାଙ୍କୁ ଅଭିନନ୍ଦନ। କେଉଁଠି କି ଦୋଷ କଲି ଯେ ମୋତେ ୬ ବର୍ଷ ପାଇଁ ବହିଷ୍କାର କରାଯାଇଛି, ସେ ନେଇ ମୁଁ ତାଙ୍କୁ ନୋଟିସ୍ ଜରିଆରେ ପଚାରିବି। ସେ ଯାହା କରିବେ ଖାତିର ନାହିଁ। ମୁଁ ମଲା ଯାଏଁ କଂଗ୍ରେସରେ ରହିବି। ମୁଁ କଂଗ୍ରେସ ପାଇଁ କାମ କରିବି। ମୋ ଜୀବନଟା କଂଗ୍ରେସ। ଯେଉଁମାନେ ଏବେ ଓଡ଼ିଶାରେ କଂଗ୍ରେସରେ ଅଛନ୍ତି ସତେ ଯେମିତି ଭାରି ନୀତି ଓ ଆଦର୍ଶରେ ଅଛନ୍ତି। ୫୦ ବର୍ଷରୁ ଅଧିକ ସମୟ ଧରି ମୁଁ କଂଗ୍ରେସ ପାଇଁ କାମ କରିଛି।

### ୧୧ଟାରୁ ୩ଟା ....

ସତ୍ତ୍ୱେ କିଛି ଜିଲ୍ଲାରେ ପ୍ରବଳ ଖରା ସମୟରେ ଶ୍ରମିକମାନେ କାମ କରୁଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି। ଗ୍ରୀଷ୍ମ ଋତୁରେ ଶ୍ରମିକମାନେ ଦିନ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ କାମ କରିବା ମନା। ଏହାକୁ କଡ଼ାକଡ଼ି ଭାବେ ବାରଣ କରାଯାଇଛି। ଯଦି ଏହି ନିର୍ଦ୍ଦେଶର ଅବମାନନା ହୁଏ, ତା'ହେଲେ ସଂପୃକ୍ତ ଅଧିକାରୀ ବ୍ୟକ୍ତିଗତ ଭାବେ ଦାୟୀ ରହିବେ ଓ ବିପର୍ଯ୍ୟୟ ପରିଚାଳନା ଆଇନ ୨୦୦୫ରେ ଥିବା ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ। ଏଥିରେ ଏସ୍‌ଆରସି ଆହୁରି ଉଲ୍ଲେଖ କରିଛନ୍ତି ଯେ ଆସନ୍ତା ୫ ଦିନ ଧରି ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଗୁଳୁଗୁଳି ସ୍ଥିତି ଲାଗି ରହିବ। ଏହି ସମୟରେ ବାହାରେ କୌଣସି କାର୍ଯ୍ୟ କଲେ ଖରା ସହି ହେବ ନାହିଁ। ସୂଚନାଯୋଗ୍ୟ, ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ୧୭ରୁ ୨୦ ତାରିଖ ମଧ୍ୟରେ ରାଜ୍ୟର ଅନେକ ସ୍ଥାନର ଦିନର ସର୍ବୋଚ୍ଚ ତାପମାତ୍ରା ୪୩ରୁ ୪୫ ଡିଗ୍ରୀ ମଧ୍ୟରେ ରହିବ। ୧୮ ତାରିଖରେ ବଲାଙ୍ଗିର ଓ ଟିଟିଲାଗଡ଼ରେ ତାପମାତ୍ରାରେ ୪୫ ଡିଗ୍ରୀ ଛୁଇଁପାରେ। ୧୯ରେ ମଧ୍ୟରେ ଏହି ଦୁଇ ସ୍ଥାନରେ ତାପମାତ୍ରା ୪୫ ଡିଗ୍ରୀ ଛୁଇଁପାରେ।

### ୧୮ ସହରର ତାପମାତ୍ରା...

ତାପମାତ୍ରା ୪୧.୧ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ବୌଦ୍ଧରେ ୪୧, ଝାରସୁଗୁଡ଼ାରେ ୪୧, ଟିଟିଲାଗଡ଼ରେ ୪୧,ଜଗତସିଂହପୁରରେ ୪୧, ପାରଳାଖେମୁଣ୍ଡିରେ ୪୧, କେନ୍ଦ୍ରାପଡ଼ାରେ ୪୦.୨, ଖୋର୍ଦ୍ଧାରେ ୪୦.୫, ନୟାଗଡ଼ରେ ୪୦.୫, ଭବାନୀପାଟଣାରେ ୪୦, ବଲାଙ୍ଗିରରେ ୪୦,ଯାଜପୁରରେ ୪୦ ଓ ଭଦ୍ରକରେ ୪୦ ଡିଗ୍ରୀ ରେକର୍ଡ କରାଯାଇଥିଲା। ଅନ୍ୟପକ୍ଷରେ କଟକରେ ଆଜି ଦିନର ସର୍ବୋଚ୍ଚ ତାପମାତ୍ରା ୩୯.୮ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ଅନୁଗୋଳରେ ୩୯.୭, ହୀରାକୁଦରେ ୩୯.୬, ଢେଙ୍କାନାଳରେ ୩୯.୬, ସମ୍ବଲପୁରରେ ୩୯.୬, ରାଉରକେଲାରେ ୩୯.୬ ଓ ସୁନ୍ଦରଗଡ଼ରେ ୩୯.୫ ଡିଗ୍ରୀ ସେଲସିୟସ ରହିଥିଲା।

### ବିଜେପିରେ ମିଶିଲେ ପ୍ରଭାସ ....

ଏଥର ଟିକେଟ ମିଳିବ ବୋଲି ଆଶା ରଖିଥିଲେ ପ୍ରଭାସ ସିଂହ। ହେଲେ ଦଳ ପରିଣୀତା ମିଶ୍ରଙ୍କୁ ଟିକେଟ ଦେଲା। ଏହା ପରେ ବିଜେଡିରୁ ଇସ୍ତଫା ଦେଇଥିଲେ ପ୍ରଭାସ ସିଂହ। ବିଜେଡିରେ ଆଉ ପୂର୍ବଭଳି ନୀତି, ଆଦର୍ଶ ନାହିଁ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ବରଗଡ଼ ଲୋକସଭା ଆସନ ପାଇଁ ବିଜେପି ତା'ର ପ୍ରାର୍ଥୀ ଘୋଷଣା କରିସାରିଛି। ଦଳ ଏଠାରୁ ପୂର୍ବତନ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତଙ୍କୁ ପ୍ରାର୍ଥୀ କରିଛି। ଗତଥର ଏହି ଆସନରୁ ଦଳ ସୁରେଶ ପୂଜାରୀଙ୍କୁ ଟିକେଟ ଦେଇଥିଲା ଓ ସେ ବିଜୟୀ ହୋଇଥିଲେ। ସୁରେଶ ଏଥର ବ୍ରଜାରଜନଗରରୁ ବିଧାନସଭା ନିର୍ବାଚନ ପାଇଁ ପ୍ରାର୍ଥୀ ହୋଇଛନ୍ତି। ସେହିପରି ଶଙ୍ଖ ଛାଡ଼ି ପଦ୍ମ ଧରିଲେ ପୂର୍ବତନ ମହିଳା କମିଶନ ଅଧ୍ୟକ୍ଷା ଜ୍ୟୋତି ପାଣିଗ୍ରାହୀ । ରାଜ୍ୟ ବିଜେପି କାର୍ଯ୍ୟାଳୟରେ ପୂର୍ବତନ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଏବଂ ଅନ୍ୟ ବରିଷ୍ଠ ନେତାଙ୍କ ଉପସ୍ଥିତିରେ ସେ ଆଜି ବିଜେପିରେ ଯୋଗ ଦେଇଛନ୍ତି। ଗତ ୧୧ ତାରିଖରେ ଜ୍ୟୋତି ବିଜେଡି ଛାଡ଼ିଥିଲେ। ଜ୍ୟୋତି ପାଣିଗ୍ରାହୀ ବିଜୁ ମହିଳା ଜନତା ଦଳର ସିନିୟର ଭାଇସ୍ ପ୍ରେସିଡେଣ୍ଟ ଓ ସୁନ୍ଦରଗଡ଼ ଜିଲ୍ଲା ବିଜେଡିର ପର୍ଯ୍ୟବେକ୍ଷକ ଥିଲେ। ସେ ଦଳ ଛାଡ଼ିବା ପରେ ବିଜେଡି ଉପରେ ବର୍ଷିଥିଲେ। ଜ୍ୟୋତିଙ୍କ ସ୍ୱାମୀ ସରୋଜ ପାଣିଗ୍ରାହୀ ମଧ ଆଜି ବିଜେପିରେ ସାମିଲ ହୋଇଛନ୍ତି। ସେ ମଧ ଜ୍ୟୋତିଙ୍କ ସହ ବିଜେଡି ଛାଡ଼ିଥିଲେ। ଏହି ମିଶ୍ରଣ ପର୍ବରେ ବିଜେଡି ସମ୍ପାଦକ ସରୋଜ ସାହୁ, ନୂଆପଡା ଜିଲ୍ଲା ବିଜେଡି ସଭାପତି ହରିଶ୍ଚନ୍ଦ୍ର ପଣ୍ଡାଙ୍କ ସମେତ ବିଜେଡି ଛାଡିଥିବା ଅନେକ ନେତା ବିଜେପିରେ ଯୋଗ ଦେଇଛନ୍ତି।

### ବାରବାଟୀ ଛକରେ ଓଭର....

ଗୁରୁତରମାନଙ୍କୁ କଟକ ସ୍ଥାନାନ୍ତର କରାଯାଉଛି। ନିଜେ ସିଡିଏମ ଓ ଗୋଟିଏ ଟିମ ସହ ଦୁର୍ଘଟଣାସ୍ଥଳକୁ ଆସିଛନ୍ତି। ବସ୍‌ଟି ତଳକୁ ଖସିଲା ବେଳେ ଏହା ତଳେ ଲୋକମାନେ ଯିବା ଆସିବା କରୁଥିଲେ। ସେହିପରି ନିକଟରେ ଗୋଟିଏ ମାର୍କେଟ ରହିଛି। ତେଣୁ ବସ୍ ତଳେ କିଛି ଲୋକ ଚାପି ହୋଇ ରହିଥିବା କୁହାଯାଉଛି। ଖବର ପାଇ ତୁରନ୍ତ ପୁଲିସ୍ ଓ ଉଦ୍ଧାରକାରୀ ଟିମ ଘଟଣା ସ୍ଥଳରେ ପହଞ୍ଚିଛନ୍ତି। ସ୍ଥାନୀୟ ଏସପି ଓ ଜିଲ୍ଲାପାଳ ମଧ ଉପସ୍ଥିତ ରହିଛନ୍ତି। ଉଦ୍ଧାରକାରୀ ଟିମକୁ ସେମାନଙ୍କୁ ସାଧାରଣ ଲୋକମାନେ ରେସ୍କ୍ୟୁ ଅପରେସନରେ ସହାୟତା କରୁଛନ୍ତି। ଉଦ୍ଧାର କାର୍ଯ୍ୟରେ ୧୬ଟି ଆମ୍ବୁଲାନ୍ସ ଓ ୫ଟି କ୍ରେନକୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି। ବସ୍‌ଟି ଓଭରବ୍ରିଜ୍‌ରୁ ତଳକୁ ଖସି ପଡ଼ିଥିଲେ ହେଁ କେଉଁଭଳି ପରିସ୍ଥିତିରେ ଏପରି ଘଟଣା ଘଟିଲା ସେକଥା ଜଣାପଡ଼ିନାହିଁ। କୁହାଯାଉଛି ଯେ ଗାଡ଼ିର ବେଗ ଅଧିକ ଥିବାରୁ ଡ୍ରାଇଭର ଜଣଙ୍କ ଏହା ଉପରକୁ ନିୟନ୍ତ୍ରଣ ହରାଇଥିଲେ। ଫଳରେ ଏହା ଓଭରବ୍ରିଜ୍‌ରୁ ସିଧା ତଳକୁ ଖସି ପଡ଼ିଛି। କିନ୍ତୁ ପୁଲିସ୍ କିମ୍ବା ପ୍ରଶାସନ ପକ୍ଷରୁ ଏପରି ଦାବିକୁ ନିଶ୍ଚିତ କରାଯାଇ ନାହିଁ।

### ଗୋଟିଏ ଦିନରେ କେଜ୍ରିୱାଲଙ୍କୁ ....

ଛାଡ଼ିଥିଲେ। ଏହାପରେ ଏପ୍ରିଲ ୧ରୁ ତାଙ୍କୁ ନ୍ୟାୟିକ ହେପାଜତକୁ ପଠାଇ ଦେଇଥିଲେ। ଏପ୍ରିଲ ୧୦ରେ ଦିଲ୍ଲୀ ହାଇକୋର୍ଟରେ କେଜ୍ରିୱାଲଙ୍କ ତାଙ୍କ ଗିରଫଦାରୀକୁ ଚ୍ୟାଲେଞ୍ଜ କରିଥିଲେ। କିନ୍ତୁ ତାଙ୍କୁ ସେଠାରେ ନିରାଶ ହେବାକୁ ପଡ଼ିଥିଲା। ତେଣୁ ହାଇକୋର୍ଟଙ୍କ ରାୟ ବିରୋଧରେ କେଜ୍ରିୱାଲଙ୍କୁ ସୁପ୍ରିମକୋର୍ଟରେ ଆବେଦନ କରିବାକୁ ପଡ଼ିଥିଲା।

### ପ୍ରଚାର ବେଳେ ଯାଞ୍ଚ ....

ତାଙ୍କ ହେଲିକପ୍ଟର ଭିତରେ ପଶି ଖୋଳତାଡ଼ କରିଥିବା ପୁଲିସ ସୂଚନା ଦେଇଛି। ରାହୁଲ ଲଗାରତ ଭାବେ ୱାୟନାଡରୁ ନିର୍ବାଚନ ଲଢୁଛନ୍ତି। ଏଥର ମଧ ରାହୁଲ ଏପ୍ରିଲ୍ ୨୬ରେ ହେବାକୁ ଥିବା ଲୋକସଭା ନିର୍ବାଚନ ପାଇଁ ୱାୟନାଡାରୁ ପ୍ରତିଦ୍ୱନ୍ଦ୍ୱିତ କରୁଛନ୍ତି। ଆସନ୍ତା ଲୋକସଭା ନିର୍ବାଚନ ପାଇଁ ତାମିଲନାଡୁରେ ଚାଲିଥିବା ନିର୍ବାଚନ ପ୍ରଚାରରୁ କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ଶୁକ୍ରବାର ରାତିରେ ବିରତି ନେଇ ମିଠା କିଣିବାର ଫଟୋ ସୋସିଆଲ୍ ? ମିଡିଆରେ ଭାଇରାଲ ହୋଇଥିଲା। ସେ ଏକ ମିଠା ଦୋକାନରେ ପଶି ମିଠା କିଣିଥିଲେ। ମିଠା ଦୋକାନର ମାଲିକ ରାହୁଲ ଗାନ୍ଧି ତାଙ୍କ ଦୋକାନକୁ ଆସିଥିବାର ଦେଖି ବେଶ୍ ଖୁସି ହୋଇ ପଡିଥିଲେ। ଏଠାରୁ ରାହୁଲ ଏକ କିଲୋ ଗୁଲାବ ଜାମୁନ କିଣିଥିଲେ।

### ଆଇଏମଡିର 'ମୌସୁମୀ'....

ବର୍ଷା ହୋଇପାରେ। ୧୯୫୧ରୁ ୨୦୨୩ ମଧ୍ୟରେ ମୌସୁମୀ ଉପରେ ୨୨ ଥର ଲା ନିନାର ପ୍ରଭାବ ପଡ଼ିଛି। ଏଥିଯୋଗୁ ଯୋଗୁ ଦେଶରେ ୯ ଥର ସ୍ୱାଭାବିକ ଠାରୁ ଅଧିକ ବର୍ଷା ହୋଇଛି। ସେହିପରି କେବଳ ୧୯୭୪ ଓ ୨୦୦୦ ମସିହାକୁ ଛାଡ଼ି ଦେଲେ ବାକି ସବୁଥର ଲା ନିନା ଯୋଗୁ ସ୍ୱାଭାବିକ ବର୍ଷା ହୋଇଥିଲା। କେବଳ ୧୯୪୭ ଓ ୨୦୦୦ ମସିହାରେ ଲା ନିନା ସତ୍ତ୍ୱେ ସ୍ୱାଭାବି ଠାରୁ କମ ବର୍ଷା ରେକର୍ଡ କରାଯାଇଥିଲା। ଉତ୍ତରପଶ୍ଚିମ, ପୂର୍ବ ଓ ଉତ୍ତରପୂର୍ବ ରାଜ୍ୟଗୁଡ଼ିକର କିଛି ଅଞ୍ଚଳକୁ ଛାଡ଼ି ଦେଲେ ଦେଶର ଅନ୍ୟ ପ୍ରାନ୍ତରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବ ବୋଲି ଆର୍ଥ ସାଇନ୍ସ ମନ୍ତ୍ରଣାଳୟର ସଚିବ ଡ. ଏମ ରବିଚନ୍ଦ୍ରନ ସୂଚନା ଦେଇଛନ୍ତି। ତାଙ୍କ କହିବା କଥା ମୌସୁମୀ ଆରମ୍ଭରୁ ଏନ ନିନୋର ପ୍ରଭାବ ଦେଖାଯିବ। ତେଣୁ ପ୍ରାରମ୍ଭିକ ପର୍ଯ୍ୟାୟରେ ମୌସୁମୀ ଦୁର୍ବଳ ରହିପାରେ। କିନ୍ତୁ ଏହା ଉପରେ ଲା ନିନା ଯୋଗୁ ବର୍ଷାର ପରିମାଣ ବୃଦ୍ଧି ପାଇବ। ସାଧାଣତଃ ମୌସୁମୀ ବର୍ଷାର ପ୍ରଭାବ ଏଲ ନିନୋ ଉପରେ ନର୍ଭର କରିଥାଏ। ଏଲ ନିନୋର ପ୍ରଭାବ ପଡ଼ିଲେ ବର୍ଷାର ମାତ୍ରା ସାଧାରଣତଃ କମ ହୋଇଥାଏ। ଦକ୍ଷିଣ ଓ ପଶ୍ଚିମ ଭାରତରେ ଯଦି ମୌସୁମୀ ବର୍ଷା ଉପରେ ଏଲ ନିନୋର ପ୍ରଭାବ ପଡ଼ିବ, ତା'ହେଲେ ମରୁଡ଼ି ସମସ୍ୟା ମଧ ସୃଷ୍ଟି ହେବାର ଆଶଙ୍କା ରହିଛି। ମୌସୁମୀ ଉପରେ ଚାଷୀମାନେ ନିର୍ଭର କରନ୍ତି। ତେଣୁ ସମସ୍ତେ ଭଲ ମୌସୁମୀ ବର୍ଷାକୁ ଅପେକ୍ଷା କରିଛନ୍ତି। ଏଥର ଏଲ ନିନୋ ବଦଳରେ ଲା ନିନାର ପ୍ରଭାବ ଅଧିକ ରହିବ ବୋଲି ଆଇଏମଡି କହିଥିବାରୁ ଏହା ଚାଷୀଙ୍କ ପାଇଁ ଏକ ଭଲ ଖବର। ସାଧରଣତଃ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଜୁନ ୧ରେ କେରଳରେ ପ୍ରବେଶ କରିଥାଏ। ଏହାପରେ ପର୍ଯ୍ୟାୟକ୍ରମେ ଦେଶର ବିଭିନ୍ନ ପ୍ରାନ୍ତରେ ନିଜର ଉପସ୍ଥିତି ଜାହିର କରେ। କେରଳ ଛୁଇଁବାର ୧୦ ଦିନ ପରେ ମୌମୁସୀ ଓଡ଼ିଶାକୁ ପ୍ରବେଶ କରେ। ୨୦୨୩ରେ ମୌସୁମୀ ୭ ଦିନ ବିଳମ୍ବରେ କେରଳ ଛୁଇଁଥିଲା। ତେବେ ଚଳିତ ବର୍ଷ ମୌସୁମୀ ଧାର୍ଯ୍ୟ ସମୟ ପୂର୍ବରୁ ଭାରତରେ ପ୍ରବେଶ କରିବ ବୋଲି କିଛି ଦିନ ତଳେ ଆଇଏମଡି କହିଥିଲା। ସେତେବେଳେ ମଧ ପାଣିପାଗ ବିଭାଗ ଏଥର ଅଧିକ ବୃଷ୍ଟିପାତ ହେବାର ସମ୍ଭାବନା ଥିବା ଆକଳନ କରିଥିଲା। ଆଜି ଆଇଏମଡି ବିଧିବଦ୍ଧ ଭାବେ ଦେଶରେ ମୌସୁମୀ ଯୋଗୁ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବ ବୋଲି କହିଛି।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ଲକ୍ଷ୍ମୀ ବାସନ୍ତୀ ସ୍ୱତନ୍ତ୍ର ବିଦ୍ୟାଳୟରେ ୨୨ ତମ ପ୍ରତିଷ୍ଠା ଦିବସ ପାଳିତ

ବସ୍ତା , ୧୫/୪ (ନି.ପ୍ର): ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଶା ଦ୍ୱାରା ପରିଚାଳିତ ଲକ୍ଷ୍ମୀ ବାସନ୍ତି ସ୍ୱତନ୍ତ୍ର ଆବାସିକ ବିଦ୍ୟାଳୟର ୨୨ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏଥିରେ ଆଶା ର ପ୍ରତିଷ୍ଠାତା ସମ୍ପାଦକ ତଥା ବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ଅମର କୁମାର ପାଲ ପୌରହିତ୍ୟ କରିବା ସହିତ ପୂର୍ବତନ ସମ୍ପାଦିକା ଶ୍ରୀମତୀ ମଞ୍ଜୁବତି ବିଶ୍ୱାଳ ମଧ ଉପସ୍ଥିତ ଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ କୃଷ୍ଣ ଚନ୍ଦ୍ର ବେହେରା ଯୋଗଦେଇ ଦିବ୍ୟାଙ୍ଗ ପିଲାମାନଙ୍କ ବାବଦରେ ଅନେକ ସାର ଗର୍ଭକ ତଥ୍ୟ ମାନ ଉପସ୍ଥାପନ କରିବା ସହିତ ଏମାନଙ୍କୁ ମୁଖ୍ୟ ସ୍ରୋତ ରେ ସାମିଲ କରିବା ପାଇଁ ପ୍ରଧାନ ଉଦ୍ଦେଶ୍ୟ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟ ବକ୍ତା ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଜୟନ୍ତ କୁମାର ପାଣଗ୍ରାହୀ ଦିବ୍ୟାଙ୍ଗ ପିଲାଙ୍କର ଉନ୍ନତି କିପରି କରାଯାଇ ପାରିବ କହିବା ସହିତ ସମ୍ମାନିତ ଅତିଥି ବରିଷ୍ଠ ଶିକ୍ଷା ବିତ୍ ଶ୍ରୀଯୁକ୍ତ କୁମୁଦ ରଞ୍ଜନ ଗିରି ମଧ ଦିବ୍ୟାଙ୍ଗ ପିଲାଙ୍କ ବାବଦରେ ବକ୍ତବ୍ୟ ରଖିଥିଲେ । ଅନୁଷ୍ଠାନର ଶିକ୍ଷକ ଓ ଶିକ୍ଷୟତ୍ରୀ ଅରୁଣ କୁମାର ଦାସ, ପ୍ରଦୀପ ସାହୁ, ଚନ୍ଦନ କୁମାର ବିଶ୍ୱାଳ, ଭକ୍ତ ରଞ୍ଜନ ସାହୁ, ଅଶୋକ ବିଶ୍ୱାଳ, ହର୍ଷ ବର୍ଦ୍ଧନ ଧଳ, ଗଜେନ୍ଦ୍ର ନାଥ ପ୍ରଧାନ, ସ୍ମିତା ରାଣୀ ମହାପାତ୍ର, ନିର୍ମଳା ବାସିନୀ ସେନାପତି, ଜୟଶ୍ରୀ ସ୍ୱାଇଁ, ସନ୍ଧ୍ୟାରାଣି ବିଶ୍ୱାଳ, ସୁମନା ପରିଡ଼ା, ପ୍ରଜ୍ଞା ପ୍ରକାଶ ପାଲ, ଅପର୍ଣ୍ଣା ରାଉତ, ଅଜୟ କୁମାର ଦଳାଇ, ଗୌରାଙ୍ଗ ଚରଣ ଦାସ, ନରୋତ୍ତମ ବିଶ୍ୱାଳ,ଅଞ୍ଜୁରାଣି ଦାସ, ହେମାଙ୍ଗିନି ମହର୍ଣ୍ଣ । ଓ ରତିକାନ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ଥିବା ସହ ବିଦ୍ୟାଳୟର ଉପାଧକ୍ଷ । ଅପରାଜିତା ସେନାପତି ଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇ ସଭା ସାଙ୍ଗ କରାଯାଇଥିଲା ।

# ରାଇକମା ଆଶ୍ରମ ବିଦ୍ୟାଳୟରେ ଭୋଟର ସଚେତନତା




ବେତନଟୀ , ୧୫/୪ (ନି.ପ୍ର): ବିଶିଙ୍ଗା ଥାନା ଅନ୍ତର୍ଗତ ରାଇକମା ଆଶ୍ରମ ବିଦ୍ୟାଳୟରେ ଭୋଟରଙ୍କୁ ସଚେତନ କରାଇବା ପାଇଁ ଛୋଟ ଛୋଟ ପିଲାମାନଙ୍କ ଦ୍ୱାରା ଆୟୋଜିତ ହୋଇଯାଇଛି ଅଭିନବ ପ୍ରୟାସ। ଆଶ୍ରମ ବିଦ୍ୟାଳୟ ପରିସରରେ ପବିତ୍ର ମହାବିଷୁବ ସଙ୍କ୍ରାନ୍ତି ତଥା ଡ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଇତ୍ୟବସରରେ ଅନ୍ତେବାସୀ ମାନେ ନିଜର ଅଭିଭାବକଙ୍କୁ ଆଗାମୀ ନିର୍ବାଚନରେ ଭୋଟଦାନ କରିବାକୁ ଅଭିନବ ପଦକ୍ଷେପ ଗ୍ରହଣ କରିଛନ୍ତି। ସେମାନେ ନିଜର ପିତାମାତାଙ୍କୁ ଗୋଟିଏ ଗୋଟିଏ ପୋଷ୍ଟକାର୍ଡରେ ଚିଠି ଲେଖି ସଚେତନ କରିଛନ୍ତି କି , ଭୋଟ ଦେବା ତାଙ୍କର ମୌଳିକ ଅଧିକାର। ଏଥିରୁ କେହି ତାଙ୍କୁ ବଞ୍ଚିତ କରିପାରିବେ ନାହିଁ। ନିର୍ବାଚନ ଆମ ଦେଶର ଜାତୀୟ ପର୍ବ, ଏଥିରେ ଯୋଗଦାନ କରି ଶାସନରେ ସ୍ୱଚ୍ଛତା ଆଣିବା ସଚେତନ ନାଗରିକ ମାନଙ୍କର ରାଷ୍ଟ୍ର ପ୍ରତି ଏକ କର୍ତ୍ତବ୍ୟ। ଉକ୍ତ କାର୍ଯ୍ୟକ୍ରମ ପ୍ରଧାନଶିକ୍ଷକ ରଜତ କୁମାର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିବା ସମୟରେ ସରସ୍ୱତୀ ଜେନା, ପ୍ରତିମା ପରିଡା, ମାଳତୀ ମାଝୀ ,ସୀତା ଟୁଡୁ, ଜୁଲି ହେମ୍ବ୍ରମ ତଥା ମଣ୍ଟୁ ମାର୍ଣ୍ଡି ସହଯୋଗ କରିଥିଲେ। ବେତନଟୀ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମଦନ କୁମାର ସିଂ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ଅନୁଷ୍ଠିତ ଆଧାତ୍ମିକ ସଭାରେ ବକ୍ତାମାନଙ୍କ ଅଭିମତ

ଭଦ୍ରକ, ୧୫/୪ (ନି.ପ୍ର): ମହାବିଷୁବ ସଂକ୍ରାନ୍ତୀ ଉପଲକ୍ଷେ "ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ବକ୍ସ ଆଧାତ୍ମିକ ସଭା ଉପକ୍ରମ ବାଇପାସ୍ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ପ୍ରଚାର ସମିତିର ମୁଖ୍ୟ ପରିଚାଳକ ପ. ଭାଗୀରଥିନନ୍ଦ ଶର୍ମାଙ୍କ ଅଧକ୍ଷତାରେ ସନ୍ଧ୍ୟା ୬ଘଟିକା ସମୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ମାନୀତ ବକ୍ତା ଭାବରେ ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିମଟିର ସଭାପତି ପ୍ରମୋଦ ଲୋଚନ ବେହେରା ଦାମୋଦର ଜୀୟୁ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ନିତ୍ୟାନନ୍ଦ ମିଶ୍ର, ପ୍ରାପ୍ତ ପ୍ରାଧାପକ ସନ୍ତୋଷ କୁମାର ଦାଶ ବକ୍ତାମାନେ ଯୋଗଦାନ କରି ଉପରୋକ୍ତ ମତାମତ ପ୍ରକାଶ କରିଥିଲେ। ନୈତିକ ପ୍ରାରମ୍ଭରେ ପ୍ରଚାର ସମିତିର ମୁଖ୍ୟ ଆବାହକ ସେବକ ଶରତ କୁମାର ସାହୁ ମହାପ୍ରଭୁଙ୍କ ଦଶାବତାର ସ୍ତୋତ ପାଠକରି ସମିତିର ସଂକ୍ଷେପକ୍ ଉଦ୍ଦେଶ୍ୟ ସୁଚାଇଥିଲେ। ଏହାକୁ ଆମ ସମିତି ପକ୍ଷରୁ 'ଉତ୍କଳୀୟ ଚେତନା ଦିବସ' ଭାବରେ ଗ୍ରହଣ କରାଯାଇ ଥିବାରୁ ବକ୍ତା ଭାବରେ ଯୋଗଦାନ କରିଥିବା ଶ୍ରୀଯୁକ୍ତ ବେହେରା ଶ୍ରୀ ଜଗନ୍ନାଥ ମହାପ୍ରଭୁ ସମର୍ପିତ ପ୍ରାଣର ଦେବତା, ଆମେ ଜନସାଧାରଣଙ୍କ ମଧ୍ୟରେ ଉପଯୁକ୍ତ ଚେତନା ସୃଷ୍ଟି କରିପାରି ନାହାନ୍ତି ବର୍ତ୍ତମାନ ଯେଉଁ ପ୍ରକାର ଆଚାର ଚାଲିଛି ତାହା କେବଳ ବୈପଚାରିକତା ରକ୍ଷାପାଇଁ ଉଦ୍ଦିଷ୍ଟ। ଆମେ ସମସ୍ତେ ଶ୍ରୀ ଜଗନ୍ନାଥଙ୍କ ଚେତନା ସର୍ମ୍ପକରେ ଲୋକଙ୍କୁ ବୁଝାଇବା ଆବଶ୍ୟକ, ଅଧକ୍ଷକ ସମେତ ଅନ୍ୟାନ୍ୟ ବକ୍ତାଗଣ ଅନୁଭୂତିରେ ଶ୍ରୀ ଜଗନ୍ନାଥଙ୍କ ସର୍ମ୍ପକରେ ସଂକ୍ଷିପ୍ତ ବକ୍ତବ୍ୟ ରଖିଥିଲେ। ଏହି ଆଧାତ୍ମିକ ସଭାରେ ପ୍ରଚାର ସମିତିର ବରିଷ୍ଠ ଉପଦେଷ୍ଟା ମନେଇ ଶିଅଳ, ଲକ୍ଷ୍ମୀଧର ଅଟୁଆ, ପ୍ରତାପ କୁମାର ପଣ୍ଡା ଶ୍ରୀ ଜଗନ୍ନାଥଙ୍କ ପୂଜକ ଶ୍ରୀଯୁକ୍ତ ପାଣି ଅତିଥି ମାନଙ୍କୁ ଆପାୟୀତ ଯୋଗଦାନ କରିଥିଲେ। ସମିତିର ସହ ଆବାହକ ଶ୍ରୀ ବାବୁଲାଲ ଦାଶ ଓ କାହ୍ନୁଚରଣ ଦାଶ ସମାରୋହ ଆୟୋଜନରେ ସହଯୋଗ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ଚିତ୍ରଶିଳ୍ପୀ ଓ କବି ଅଶୋକ ମହାନ୍ତିଙ୍କ ୭୦ତମ ଜୟନ୍ତୀ



ଭଦ୍ରକ, ୧୫/୪ (ନି.ପ୍ର): ଚିତ୍ରଶିଳ୍ପୀ ଓ କବି ଅଶୋକ ମହାନ୍ତି ସ୍ମୃତି ସଂସଦ ତରଫରୁ ଚିତ୍ରଶିଳ୍ପୀ ଓ କବି ଅଶୋକ ମହାନ୍ତିଙ୍କ ୭୦ତମ ରପ୍ୟ ଜୟନ୍ତୀ ଉତ୍ସବ ଭଦ୍ରକ, ବାଇପାସ ନିକଟବର୍ତ୍ତୀ 'ଗୀତାଭବନ' ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ପୌରୋହିତ୍ୟ କରିଥିଲେ ଡାକ୍ତର ଓ ସମାଜସେବୀ ପୂର୍ଣ୍ଣଚନ୍ଦ୍ର ଦାସ । ବରିଷ୍ଠ ସାହିତ୍ୟିକ ଡ.ରମାକାନ୍ତ ବେହେରା ମୁଖ୍ୟଅତିଥି ଆସନ ଅଳଙ୍କୃତ କରିଥିବା ବେଳେ ସମାଜ ସଂସ୍କରଣ, ବାଲେଶ୍ୱରର ଉପ ସଂପାଦକ କୁଳମଣି ବାରିକ ମୁଖ୍ୟବକ୍ତା, ସୁବର୍ଣ୍ଣଶ୍ରୀ ପ୍ରକାଶନୀର ସଂପାଦକ କାଳୀପଦ ପଣ୍ଡା ସମ୍ମାନିତ ବକ୍ତା, ବିଶିଷ୍ଟ ଚିତ୍ରଶିଳ୍ପୀ ବିଶ୍ୱରଞ୍ଜନ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ଏହି ଅବସରରେ ଅଶୋକ ମହାନ୍ତିଙ୍କ ରଚିତ ଦୁଇଟି କବିତା ସଂକଳନ ଯଥା: ଅଶୋକ ମହାନ୍ତିଙ୍କ ଶ୍ରେଷ୍ଠ କବିତା ଓ ଚିହ୍ନା ଛାଇ, ମୁଖ୍ୟ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଏହି ପୁସ୍ତକ ଦ୍ୱୟର ସମୀକ୍ଷା କରିଥିଲେ କାଳିପଦ ପଣ୍ଡା । ଅନ୍ତିମ ଭାଗରେ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଥିଲା । ଏଥିରେ ଶିକ୍ଷା କ୍ଷେତ୍ରରେ ଆଦର୍ଶ ଶିକ୍ଷକ ସମ୍ମାନ ଲାଭ କରିଥିଲେ ଭୋଗରାଇ ଅଞ୍ଚଳର ବରପୁତ୍ର ତଥା ଦହମୁଣ୍ଡା ଉଚ୍ଚବିଦ୍ୟାଳୟର ସହଯୋଗୀ ଶିକ୍ଷକ ଦେବବ୍ରତ ଦେ । ସେହିପରି ଚିତ୍ରକଳା କ୍ଷେତ୍ରରେ ଚିତ୍ରଶିଳ୍ପୀ ସମ୍ମାନ ରତିକାନ୍ତ ଦାସ, ସାହିତ୍ୟ କ୍ଷେତ୍ରରେ ସାହିତ୍ୟିକ ସମ୍ମାନ ଡ. ବିଶ୍ୱରଞ୍ଜନ ରାଉତ, ସମାଜସେବା କ୍ଷେତ୍ରରେ ସମାଜସେବୀ ସମ୍ମାନ ବସନ୍ତ କୁମାର ନାୟକ ଯାଳିଆବିନ୍ଧା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଏବଂ ନାଟକ କ୍ଷେତ୍ରରେ ନାଟ୍ୟକାର ଓ ନିର୍ଦ୍ଦେଶକ ସମ୍ମାନ ଲାଭ କରିଥିଲେ ମାଧବ ଚନ୍ଦ୍ର ପରିଡ଼ା । ଚିତ୍ରକଳା ପ୍ରତିଯୋଗିତାରେ ସିନିୟର ଗ୍ରୁପରେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରଛାତ୍ରୀ ଯଥାକ୍ରମେ ଏସ୍‌ବିଡି ଇଣ୍ଟରନେସନାଲ ସ୍କୁଲ ଭଦ୍ରକର ନବମ ଶ୍ରେଣୀ ଛାତ୍ରୀ ଆସ୍ଥା ନାୟକ, ସରକାରୀ ଉଚ୍ଚ ବିଦ୍ୟାଳୟ ଭଦ୍ରକର ଦଶମଶ୍ରେଣୀ ଛାତ୍ରୀ ନୂତନ ଦତ୍ତ, ଶ୍ରୀ ସତ୍ୟସାଇ ବିଦ୍ୟାବିହାର ଭଦ୍ରକର ନବମ ଶ୍ରେଣୀର ଛାତ୍ରୀ ହିରଣ୍ମୟୀ ମାନ୍ନା, ସେହିପରି ଜୁନିୟର ଗ୍ରୁପରେ ପ୍ରଥମ ସ୍ଥାନ ଅଧିକାରୀ କରିଥିବା ଜିଲ୍ଲା ସ୍କୁଲ, ଭଦ୍ରକର ଛାତ୍ର ପ୍ରିୟବ୍ରତ ସୁତାର ୨ୟ ସ୍ଥାନ ଅଧିକାର କରିଥିବା ଜିଲ୍ଲା ସ୍କୁଲ, ଭଦ୍ରକର ଛାତ୍ରୀ ସ୍ୱପ୍ନେଶ୍ୱରୀ ବେହେରା ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀ ସୋନାକ୍ଷୀ ପ୍ରିୟଦର୍ଶିନୀ ସମସ୍ତଙ୍କୁ ଅର୍ଥରାଶି, ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ଗୀତିକାର ଗୁରୁଗୌରବ ରବୀନ୍ଦ୍ର ବିଶ୍ୱାଳ ଅତିଥିମାନଙ୍କ ପରିଚୟ ପ୍ରଦାନ ଓ ମଞ୍ଚକୁ ଆହ୍ୱାନ କରିଥିବାବେଳେ ରତିକାନ୍ତ ଦାସ ଭଜନ ପରିବେଷଣ କରିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ଶିଳ୍ପପତି ଅଜୟ କୁମାର ମହାନ୍ତି। ଏହି କାର୍ଯ୍ୟରେ ସହଯୋଗ କରିଥିଲେ ଶିକ୍ଷାବିତ ଅଶ୍ୱିନୀ କୁମାର ମହାନ୍ତି, ଅରୁଷ କୁମାର ମହାନ୍ତି ଓ ଲକ୍ଷ୍ମୀନାରାୟଣ ମହାନ୍ତି ।

# ଗ୍ରୀଷ୍ମ ପ୍ରବାହ ପାଇଁ ପୁଣି ବଦଳିଲା ସ୍କୁଲ ସମୟ

ଭଦ୍ରକ, ୧୫/୪ (ନି.ପ୍ର): ଭଦ୍ରକ ଜିଲ୍ଲାରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ଜିଲ୍ଲା ପ୍ରଶାସନ ଦ୍ୱାରା ଜିଲ୍ଲାର ସମସ୍ତ ସ୍କୁଲ ଖୋଲା ରହିବା ସମୟ ପରିବର୍ତ୍ତନ କରାଯାଇଛି। ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଆଦେଶ କ୍ରମେ ଜିଲ୍ଲାର ସମସ୍ତ ସରକାରୀ, ଘରୋଇ, ଅନୁଦାନପ୍ରାପ୍ତ ୧ମ ରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଥିବା ସମସ୍ତ ସ୍କୁଲ, ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ର ସକାଳ ଘ.୬.୩୦ ମିନିଟ୍‌ରୁ ଖୋଲାଯାଇ ସକାଳ ଘ.୯.୩୦ ମିନିଟ୍‌ରେ ବନ୍ଦ ହେବ। ଅନ୍ୟାଦେଶ ପର୍ଯ୍ୟନ୍ତ ଏହି ଆଦେଶ ଜାରି ରହିବ। ସୂଚନା ଯୋଗ୍ୟକି ଗତ ଏପ୍ରିଲ ୬ ତାରିଖରେ ସମସ୍ତ ସ୍କୁଲ ଓ ଅଙ୍ଗନୱାନି କେନ୍ଦ୍ର ସକାଳ ଘ.୬.୩୦ ମି ରୁ ୧୦.୩୦ ମି ପର୍ଯ୍ୟନ୍ତ ଖୋଲା ରହିବା ନେଇ ଜିଲ୍ଲାପାଳଙ୍କ ଦ୍ୱାରା ଆଦେଶ ପ୍ରଦାନ କରାଯାଇଥିଲା। ଗ୍ରୀଷ୍ମ ପ୍ରବାହ ବୃଦ୍ଧି ଜନିତ ପରିସ୍ଥିତି ପାଇଁ ସତର୍କତା ଅବଲମ୍ବନ ପୂର୍ବକ ସମସ୍ତ ସ୍କୁଲ ଆବାସିକ ବ୍ୟବସ୍ଥା ବା ଛାତ୍ରାବାସ ଥିବା ସ୍କୁଲ ପ୍ରଭୃତିରେ ନିରାପଦ ପାନୀୟ ଜଳ, ଓ.ଆର.ଏସ୍. ପ୍ୟାକେଟ୍ ଓ ଅନ୍ୟାନ୍ୟ ଆବଶ୍ୟକ ଆନୁସଙ୍ଗିକ ବ୍ୟବସ୍ଥା ଉପଲବ୍ଧ କରାଇବାକୁ ସମସ୍ତ ସ୍କୁଲର ପ୍ରଧାନ ଶିକ୍ଷକ / ଶିକ୍ଷୟିତ୍ରୀ, ଅଧକ୍ଷମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ମଧ ଏ ଆଦେଶ ତ୍ୱରିତ କାର୍ଯ୍ୟକାରୀ ପାଇଁ ଅବଗତ କରାଯାଇଛି।

# ତର୍ଜୁମାନ ନିୟୁଜ ଟାଇମ ପକ୍ଷରୁ ଇଦ ମିଳନ ମୁସଏରା ଏବଂ ପୁରସ୍କାର ବିତରଣ ସଭା ଅନୁଷ୍ଠିତ




ବାଲେଶ୍ୱର, ୧୫/୪ (ନି.ପ୍ର): ତର୍ଜୁମାନ ନିଉଜ ଟାଇମ ପକ୍ଷରୁ ସମ୍ପ୍ରତି ଖ୍ୱାଜା ନିକାହ ମହଲ ରେ ଏକ କବି ସମ୍ମିଳନୀ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତର୍ଜୁମାନ ଅନ ଲାଇନ ନାତିଆ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀଙ୍କୁ ମଧ ପୁରସ୍କାର ବିତରଣ କରାଯାଇଛି। ତର୍ଜୁମାନ ର ମୁଖ୍ୟ ସମ୍ପାଦକ ଅଜିମ ବାଲେଶ୍ୱରୀ ଏବଂ ତାଙ୍କର ସହଯୋଗୀ ରାବିୟା ଆଜିମି ଙ୍କ ଉଦ୍ୟମ ରେ ଆୟୋଜିତ କାର୍ଯ୍ୟକ୍ରମ କୁ କଲିକତା ର ଉର୍ଦ୍ଦୁ କବି ତଥା ଆଇନଜୀବୀ ସକିଲ ଗୋଣ୍ଡଭି ଏବଂ ପରିଚାଳନା ସମ୍ପାଦକ ମଧୁସୁଧନ ମିଶ୍ର ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ କଟକ ଭାଇଚାରା ଚ୍ୟାନେଲ ର ସମ୍ପାଦକ ଅବଦୁଲ ମଲ୍ଲିକ ଯୋଗ ଦେଇଥିଲେ । ବିହାର ର ପ୍ରସିଦ୍ଧ କବି ଇମ୍ରାନ ରାକିମ, ଭଦ୍ରକ ର କବି ସାଲିକ ଅଦିବ, ଡ଼. ରତ୍ନାକର ସିଂହ , ସୁବାଷ ସ୍ୱାଇଁ , ମହମ୍ମଦ ସଲାମୁଲ୍ଲା, ନୁର ବକ୍ସ ନୁର, ଶିରାଜ ରାଜା ସଇଫ ପ୍ରମୁଖ କବିତା ପାଠ କରିଥିଲେ । ସମ୍ମାନିତ ଅତିଥି ଭାବେ ହାଜି ମୋଇନୁଲ ଇସ୍ଲାମ , ହାଜି କମାଲ ଜାଫର , ହାଜି ଜମାଲ , ଶେଖ ସାଦିକପ୍ରମୁଖ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ତର୍ଜୁମାନ ନିଉଜ ଟାଇମ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ କୁ ପ୍ରଶଂସା କରିଥିଲେ। ତର୍ଜୁମାନ ର ମୁଖ୍ୟ ସମ୍ପାଦକ ଅଜିମ ବାଲେଶ୍ୱରୀ ଙ୍କ ପୌରହିତ୍ୟ ରେ ଆୟୋଜିତ କାର୍ଯ୍ୟକ୍ରମ ରେ ଯୁବ ପ୍ରତିଭା ସଦା -ଏ -ଓଡିଶା ର ସମ୍ପାଦକ ଶେଖ କୁରେସ , ନିଉ ଲାଇଫ ୱେଲନେସ ଟ୍ରଷ୍ଟ ର ସମ୍ପାଦକ ବିକ୍ରମ କେଶରୀ ଦାସ, ସମାଜ ସେବି ଅମୀୟ ଦାସ, ଉର୍ଦ୍ଦୁ ଶିକ୍ଷକ ଶେଖ ସରଫୁଦ୍ଦିନ, ଏ ଆଇ ଏମ ଏ ର ସଭାପତି ଶେଖ ଶାବିର ଅଲି, ଫୋକସ ବାଲେଶ୍ୱର ର ମୁଖ୍ୟ ସମ୍ପାଦକ ଶେଖ ନଜିମ, ସମାଜସେବି ଶେଖ ଅରଫାନୁଦ୍ଦିନ, ଇନାର୍ଜୀଟିକ ୟୁଥ ବାଲେଶ୍ୱର ର ଶେଖ ତବରେଜଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଅତିଥି ପରିଚୟ ଦେଇଥିଲେ ଅନିସା ଖାତୁନ ଓ ମେହେର ଅହମ୍ମଦ। କାର୍ଯ୍ୟକ୍ରମ ରେ ତୌସିଫ ଆଲାମ ,ମୁସଲିମ ଖାନ,ଆୟେସା ବିବି , ଶେଖ ରାଜୁ , ଖୁସବୁ ଅହମ୍ମଦ, ଫର୍ହଦ୍ ଅହେମଦ , ଫଲକ ଅହେମଦ ପ୍ରମୁଖ ସହଯୋଗ କରିଥିଲେ।

# ପାରାଦୀପ ବନ୍ଦର ପକ୍ଷରୁ ସମ୍ବିଧାନ ପ୍ରଣେତା ଡ଼ଃ.ବି.ଆର.ଆମ୍ବେଦକରଙ୍କ ଜୟନ୍ତୀ ପାଳିତ

ପାରାଦୀପ , ୧୫/୪ (ନି.ପ୍ର): ଭାରତୀୟ ସମ୍ବିଧାନ ପ୍ରଣେତା ଡକ୍ଟର ଭୀମ ରାଓ ଆମ୍ବେଦକର ଙ୍କ ଜନ୍ମ ଶତବାର୍ଷିକୀ ସାରା ଦେଶରେ ଏପ୍ରିଲ ୧୪ ତାରିଖ ରବିବାର ଦିନ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମ ରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ଯୋଗଦେଇ ମଧୁବନ ସ୍ଥିତ ଭାରତରତ୍ନ ଡକ୍ଟର ଆମ୍ବେଦକର ଙ୍କ ପ୍ରତିମୂର୍ତ୍ତୀ ରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଶୁମନ ଜ୍ଞାପନ କରି ଦେଶ ପ୍ରତି ଆମ୍ବେଦକର ଙ୍କ ତ୍ୟାଗ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ବନ୍ଦର ସଚିବ ୟୁ.ଆର.ମୋହନ ରାଜୁ, ଟ୍ରାଫିକ ମ୍ୟାନେଜର ଜି.ଏଡିସନ,ମୁଖ୍ୟ ଯନ୍ତ୍ରୀ ଏଚ.ଏସ. ରାଉତ, ମୁଖ୍ୟ ଅର୍ଥ ପରାମର୍ଶଦାତା ଡି.ଏନ. ସୋନ୍ଧି ଙ୍କ ସମେତ ବନ୍ଦର କର୍ମଚାରୀ ଏବଂ ଏସସି ଓ ଏସଟି ଆସୋସିଏସନ ର ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।



# ୧୪ କୋଟି ଠକେଇ: ବହିଷ୍କୃତ କନଷ୍ଟେବଲଙ୍କ ସମେତ ୨ ଗିରଫ

ଭୁବନେଶ୍ୱର, ୧୫/୦୪ (ନି.ପ୍ର): କ୍ରିପ୍ଟୋ କରେନ୍ସିରେ ନିବେଶ ନାଁରେ ୧୪ କୋଟି ଟଙ୍କା ଠକେଇ। ଫାଇଭ ଷ୍ଟାର ହୋଟେଲରେ ମିଟିଂ କରି ଲୋକଙ୍କୁ ଚୂନା ଲଗାଉଥିଲେ । ୨ କାର୍ପଟଦାରଙ୍କୁ ଏହି ଘଟଣାରେ ଗିରଫ କରିଛି ଅର୍ଥନୈତିକ ଅପରାଧ ଶାଖା। ଏହି ୨ ଅଭିଯୁକ୍ତ ହେଲେ ରାଜସ୍ଥାନ ଅନୁପଗଡ଼ର ବେଦ ପ୍ରକାଶ ଓ ସୁନ୍ଦରଗଡ଼ର ସୁଧୀର ପଟେଲ। ଆଶ୍ଚର୍ଯ୍ୟର କଥା ହେଉଛି ଅଭିଯୁକ୍ତ ବେଦପ୍ରକାଶ ରାଜସ୍ଥାନ ପୁଲିସରେ ଜଣେ କନଷ୍ଟେବଲ ଭାବେ କାମ କରୁଥିଲେ। ୫ ବର୍ଷ ତଳେ ଟଙ୍କା ହେରଫେର ଘଟଣାରେ ପୁଲିସ ଚାକିରିରୁ ତାଙ୍କୁ ବିଦା କରାଯାଇଥିଲା। ୨୦୨୨ ମସିହାରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରମୋସନାଲ ମିଟିଂ କରି ବେଦ ପ୍ରକାଶ କ୍ରିପଟ୍ଟୋ ସମ୍ପର୍କରେ ବିଶ୍ୱାସ ଜନ୍ମାଇଥିଲେ। ପୁରୀ, ଭୁବନେଶ୍ୱର, ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ ଓ ବରଗଡ଼ର ୫ଶହ ଲୋକଙ୍କ ଠାରୁ ଟଙ୍କା ଲୁଟିଥିଲେ।

# ଓଡ଼ିଆ ନବବର୍ଷରେ ବନ୍ଧୁ ମିଳନ ଓ ସାମୂହିକ ପଣା ପାନ

ବଡ଼ସାହି, ୧୫/୪ (ନି.ପ୍ର): ଲୋକ ହିତରେ ସଦା ସମର୍ପିତ ସାମାଜିକ ସଂଗଠନ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ, ବଡ଼ସାହି ଆୟୋଜନ ଓ ସଂଗଠନରେ ପଣା ସଂକ୍ରାନ୍ତି ବା ମହା ବିଷୁବ ସଂକ୍ରାନ୍ତିର ଶୁଭ ଅବସରରେ ଓଡ଼ିଆ ନବବର୍ଷ, ବନ୍ଧୁ ମିଳନ ଓ ସାମୂହିକ ପଣା ପାନ କାର୍ଯ୍ୟକ୍ରମ ପାରମ୍ପରିକ ଭାବେ ଉତ୍ସାହ ଓ ଉଦ୍ଦୀପନାର ସହିତ ଅନୁଷ୍ଠିତ ହୋଇଯାଇଅଛି। ସଂଘର ସଭାପତି ରଣଜିତ୍ କୁମାର ଦାସ୍ ଙ୍କ ଶାରୀରିକ ଅସୁସ୍ଥତା କାରଣରୁ ତାଙ୍କ ଅନୁପସ୍ଥିତିରେ ସଂଘର ବରିଷ୍ଠ ସଦସ୍ୟ, ଉପଦେଷ୍ଟା ତଥା ରାଜ୍ୟ ମହାସଂଘ ଜୋନାଲ୍ ସଂଗଠନ ସମ୍ପାଦକ ରାଜେନ୍ଦ୍ର କୁମାର ଜେନା ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଆମନ୍ତ୍ରିତ ଅତିଥି ରୂପେ ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା,ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ, ବେତନଟୀର ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତି,



ସଦସ୍ୟ ତଥା ସମାଜସେବୀ ରବୀନ୍ଦ୍ର ନାଥ ମିଶ୍ର,ବେତନଟୀ ପ୍ରେସ୍ କ୍ଲବ୍ ର ସଭାପତି ପ୍ରକାଶ ବେହେରା ଯୋଗ ଦେଇ ଆମ ପର୍ବ ପର୍ବାଣୀ ପାଳନ ଆମ ଭିତରେ ଥିବା ଭାଇଚାରାକୁ ଅଧିକ ବଢ଼ାଇ ସମ୍ପର୍କକୁ ଘନିଷ୍ଠ କରିଥାଏ ବୋଲି ନିଜ ନିଜର ଅଭିବ୍ୟକ୍ତିରେ ପ୍ରକାଶ କରିଥିଲେ। ଏହି ଅବସରରେ ବଡ଼ସାହି ନିର୍ବାଚନ ମଣ୍ଡଳୀର ପ୍ରାକ୍ତନ ବିଧାୟକ ଗଣେଶ୍ୱର ପାତ୍ର ତାଙ୍କ ଅନ୍ୟତ୍ର ଗସ୍ତ ସମୟରେ ଏହି ପାରମ୍ପରିକ ପର୍ବ ପାଳନରେ ସଭିଙ୍କ ସହଭାଗିତାରେ ଅନୁଷ୍ଠିତ ସଭାବନା ଓ ସାଂସ୍କୃତିକ ସମାବେଶ ଦେଖି ବିଗତ ବର୍ଷମାନଙ୍କ ଭଳି ସଭିଙ୍କୁ ଅଭିନନ୍ଦନ ଜଣାଇବା ନିମନ୍ତେ ଆଗ୍ରହର ସହିତ ଆସି ଅଂଶଗ୍ରହଣ କରିଥିଲେ। ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ, ବଡ଼ସାହିର ଉପଦେଷ୍ଟା ଶ୍ରୀନାଥ ପଲେଇ,ସହ ସମ୍ପାଦକ ଅନନ୍ତ କୁମାର ଶତପଥୀ, ହିସାବ ରକ୍ଷକ ସନ୍ତୋଷ କୁମାର ବିଶ୍ୱାଳ, ସଦସ୍ୟ ଲକ୍ଷ୍ମୀଧର ସାତୁଆ, ଧୀରେନ୍ଦ୍ର ନାଥ ବେହେରା, ତ୍ରିଲୋଚନ ବେହେରା ତଥା ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀ କୃଷ୍ଣ ମହାନ୍ତ କାର୍ଯ୍ୟକ୍ରମ ପରିଚାଳନାରେ ବିଶେଷ ଭାବେ ସହାୟତା ପ୍ରଦାନ କରିଥିଲେ। ସଂଘର ମୁଖପାତ୍ର ତଥା ସଂଯୋଜକ ଶଚୀନ୍ଦ୍ର କୁମାର ବିଶ୍ୱାଳ (ତୋଫାନ୍) କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ସଂଘର ସମସ୍ତ ସଦସ୍ୟ ଏହି ଅନନ୍ୟ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ସର୍ବଶେଷରେ ସଂଘର ସମ୍ପାଦକ ସନ୍ତୋଷ କୁମାର ବେହେରା ସମସ୍ତଙ୍କ ସହଯୋଗ ଓ ସହଭାଗିତା ପାଇଁ ସାଧୁବାଦ ଜ୍ଞାପନ କରିଥିଲେ।

# ଅଲିଭ ରିଡ଼ଲେ କଇଁଛ ଶାବକକୁ ଚୌମୁଖ ସମୁଦ୍ରରେ ଛଡ଼ାଗଲା

ବାଲିଆପାଳ ୧୫/୪( ନି ପ୍ର ) ବନ ବିଭାଗ ପକ୍ଷରୁ ସୋମବାର ଅଲିଭ ରିଡ଼ଲେ କଇଁଛ ଛୁଆକୁ ଚଉମୁଖ ସମୁଦ୍ରରେ ଛଡ଼ା ଯାଇଛି। ବନ ବିଭାଗ ଫରେଷ୍ଟର ହୃଷୀକେଶ ପ୍ରଧାନ ,କର୍ମଚାରୀ ଦୁର୍ଜୟ କୁମାର କରଣ, ଉତ୍ତମ ଖଟୁଆ ପ୍ରମୁଖ ଆଜି ଅଣ୍ଡାରୁ ଫୁଟିଥିବା ୯୪ ଟି କଇଁଛ ଛୁଆକୁ ଚଉମୁଖ ସମୁଦ୍ରରେ ଛାଡିଛନ୍ତି। ବ୍ଲକ ଉପାଧକ୍ଷ ରାଜେଶ କୁମାର ଚୌଧୁରୀ, ଗୋପାଳ ଦାସ,ମୁରଲୀ ମାହାନ୍ତି ପ୍ରମୁଖ ଗ୍ରାମବାସୀ କଇଁଛ ଛୁଆକୁ ଛଡ଼ା ଯାଉଥିବା ବେଳେ ସମୁଦ୍ର ବେଳଭୂମି



ରେ ଉପସ୍ଥିତ ଥିଲେ। ଚଳିତ ବର୍ଷ ୩୦ ରୁ ଉର୍ଦ୍ଧ୍ୱ କଇଁଛ ଚଉମୁଖ ସମୁଦ୍ର ବେଳାଭୂମିରେ ଢେର୍ ସାରା ଅଣ୍ଡା ଦେଇ ଥିବାବେଳେ ବନ ବିଭାଗ ୯୮ ଟି କଇଁଛ ଅଣ୍ଡା ସଂଗ୍ରହ କରି ତାର ରକ୍ଷଣା ବେକ୍ଷଣ କରିଥଲେ। ଚଉମୁଖ ସମୁଦ୍ର ବେଳାଭୂମି ରେ କଇଁଛଙ୍କ ଅଣ୍ଡା ଦେବା ପ୍ରକୃତିପ୍ରେମୀଙ୍କୁ ଖୁସି କରିଛି। ଚଉମୁଖ ସମୁଦ୍ର ବେଳାଭୂମିରେ କେତେ ବର୍ଷ ହେବ ଅଲିଭ ରିଡ଼ଲେ କଇଁଛ ଅଣ୍ଡା ଦେବାକୁ ଆସୁଥିବା ବେଳେ ମାଳ ମାଳ ନାଲି କଙ୍କଡ଼ାଙ୍କ ସମାବେଶ ଏଠାରେ ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଖୁବ୍ ଆକୃଷ୍ଟ କରୁଛି। ଆଗାମୀ ଦିନରେ ପରିବେଶ ସୁରକ୍ଷା ଦୃଷ୍ଟିରୁ ଏହି ବେଳା ଭୂମିକୁ ସୁରକ୍ଷିତ ରଖିବା ପାଇଁ ସରକାର ଦୃଷ୍ଟି ଦିଅନ୍ତୁ ବୋଲି ସାଧାରଣରେ ଆଲୋଚନା ହେଉଛି।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo